CMYK

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

- Vol.- 46, Issue No. 164
- Sunday, 13 September 2026
- ରବିବାର, ୧୩ ସେପ୍ଟେମ୍ବର ୨୦୨୬
- Bhubaneswar
- Price: Rs. 3.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

## ଭାରତ-ଚୀନ ମିଳିମିଶି କାମ କରୁ: ଜିନପିଙ୍ଗ

- ମତଭେଦ ବିବାଦ ନ ପାଲଟୁ: ମୋଦି
- ଶାନ୍ତି ସ୍ଥାପନକାରୀ ଭୂମିକା ପାଇଁ ଚୀନ ଦେଲା ଆହ୍ୱାନ



ନୂଆଦିଲ୍ଲୀ, ୧୨।୯: ନୂଆଦିଲ୍ଲୀରେ ଅନୁଷ୍ଠିତ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ବ୍ରିକ୍ସ ଗୋଷ୍ଠୀକୁ 'ଗ୍ଲୋବାଲ୍ ସାଉଥ୍' (ବିକାଶଶୀଳ ଦେଶଗୁଡ଼ିକର ମଞ୍ଚ) ମଧ୍ୟରେ ଏକ 'ଅଗ୍ରଣୀ ଗୋଷ୍ଠୀ' ଏବଂ ଉଦୀୟମାନ ତଥା ବିକାଶଶୀଳ ଦେଶଗୁଡ଼ିକ ମଧ୍ୟରେ ଆତ୍ମନିର୍ଭରଶୀଳତାର ଏକ ଆଦର୍ଶ ବୋଲି ବର୍ଣ୍ଣନା କରିଛନ୍ତି, ଯାହାକି ନୂତନତ୍ୱ-ଭିତ୍ତିକ ବିକାଶକୁ ପ୍ରୋତ୍ସାହିତ କରିବା ଉଚିତ। ସୂଚନାଯୋଗ୍ୟ ଯେ ଜିନପିଙ୍ଗଙ୍କ ଭାରତ ଗସ୍ତ ସାତ ବର୍ଷ ମଧ୍ୟରେ ପ୍ରଥମ ଅଟେ। ଏଭଳି ଏକ ସମୟରେ ଏହି ଗସ୍ତ ହେଉଛି ଯେତେବେଳେ ଏହି ଦୁଇ ଏସୀୟ ପଡ଼ୋଶୀ ଦେଶ ସେମାନଙ୍କ ସମ୍ପର୍କକୁ ସତର୍କତାର ସହ ପୁନଃସ୍ଥାପନ କରିଛନ୍ତି। ମତଭେଦ ବିବାଦ ନ ପାଲଟୁ ବୋଲି ପ୍ରଧାନମନ୍ତ୍ରୀ ମୋଦି କହିବା ସାଙ୍ଗକୁ ଆପୋସ ସମ୍ମାନ, ଆପୋସ ସମ୍ବେଦନା ଓ ଆପୋସ ସ୍ୱାର୍ଥ ରକ୍ଷା ଲାଗି ଆହ୍ୱାନ ଦେଇଥିଲେ। ଭାରତ-ଚୀନ ମିଳିମିଶି କାମକରୁ ବୋଲି ରାଷ୍ଟ୍ରପତି ଜିନପିଙ୍ଗ କହିଥିଲେ। ଚୀନ୍ ଭାରତ ସହିତ ମିଳିତ ଭାବେ କାର୍ଯ୍ୟ କରିବାକୁ, ଦ୍ୱିପାକ୍ଷିକ ସମ୍ପର୍କକୁ ରଣନୈତିକ ଓ ଦୀର୍ଘକାଳୀନ ଦୃଷ୍ଟିକୋଣରୁ ବିଚାର କରିବାକୁ, ମତଭେଦଗୁଡ଼ିକୁ ଉଚିତ ଢଙ୍ଗରେ ପରିଚାଳନା କରିବାକୁ ଏବଂ 'ଭଲ ପଡ଼ୋଶୀ ଓ ବନ୍ଧୁ ତଥା ପରସ୍ପରକୁ ସହଯୋଗ କରୁଥିବା ଅଂଶୀଦାର' ହୋଇ ରହିବାକୁ 'ଇଚ୍ଛୁକ' ବୋଲି ଜଣେ ମୁଖପାତ୍ର କହିଛନ୍ତି।

## ଓଡ଼ିଶା ଫେରୁଛନ୍ତି ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୨।୯: ଅନେକ ଆଶା ଓ ସମ୍ଭାବନାକୁ ନେଇ ୪ଦିନିଆ ୟୁଏଇ ଗସ୍ତରେ ଯାଇଥିଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ତାଙ୍କ ଟିମ୍। ୨୪ଟି ବୁଝାମଣା, ୪୬ଟି ପ୍ରତ୍ୟକ୍ଷ ବୈଠକ, ୬ଟି ରାଉଣ୍ଡ ଟେବୁଲ ଆଲୋଚନା, ରୋଡ ଶୋରୁ ମିଳିଛି ଲକ୍ଷ ଲକ୍ଷ କୋଟି ଟଙ୍କା ନିବେଶ ପ୍ରସ୍ତାବ। ଶିଳ୍ପପତି, ବ୍ୟାବସାୟିକ ପ୍ରତିଷ୍ଠାନରୁ ମୋଟ ୨ ଲକ୍ଷ ୪୩ କୋଟି ଟଙ୍କାର ନିବେଶ ପ୍ରସ୍ତାବ ନେଇ ଓଡ଼ିଶା ଫେରୁଛନ୍ତି ମୋହନ ମାଝୀ। ଯାହା ଦ୍ୱାରା ସିଧାସଳଖ ଓଡ଼ିଶାରେ ୮ ଲକ୍ଷ ୯୫ହଜାର ୭୨୫ ନିଯୁକ୍ତି ସୃଷ୍ଟି ହୋଇପାରିବ ବୋଲି ଆକଳନ କରଯାଇଛି।

# ଯୁଦ୍ଧରେ 'ସର୍ବାଧିକ ସଂଯମତା' ରହୁ

- ୧୮ତମ ବ୍ରିକ୍ସ ଶିଖର ସମ୍ମିଳନୀ: ନେତାମାନଙ୍କୁ ସ୍ୱାଗତ କଲେ ମୋଦି
- ମିଳିତ ଘୋଷଣାନାମାକୁ ବ୍ରିକ୍ସ ନେତାମାନଙ୍କ ସମର୍ଥନ
- ସବୁ ପ୍ରକାର ଆତଙ୍କବାଦକୁ ଦୃଢ଼ ନିନ୍ଦା
- 'ଆଲୋଚନା, ପରାମର୍ଶ ଏବଂ କୂଟନୀତି ମାଧ୍ୟମରେ' ବିବାଦ ସମାଧାନ ପାଇଁ ପ୍ରତିଶ୍ରୁତି



ନୂଆଦିଲ୍ଲୀ, ୧୨।୯: ଦିଲ୍ଲୀରେ ଆୟୋଜିତ ୧୮ତମ ବ୍ରିକ୍ସ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସହମତି ପ୍ରକାଶ ପାଇଥିବା ଦସ୍ତାବିଜ ସମ୍ପର୍କରେ ଶନିବାର ଘୋଷଣା କରିଛନ୍ତି। ଭାରତମଣ୍ଡପମ୍‌ରେ ଆୟୋଜିତ ଏହି ସମ୍ମିଳନୀରେ ପୂର୍ବରୁ ଆଗତ ବିଶ୍ୱର ନେତାମାନଙ୍କୁ ପ୍ରଧାନ ମନ୍ତ୍ରୀ ଶ୍ରୀ ମୋଦି ସ୍ୱାଗତ କରିଥିଲେ। ଏଥିରେ ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧକୁ ନେଇ 'ଗଭୀର ଉଦ୍‌ବେଗ' ପ୍ରକାଶ କରାଯିବା ସହ 'ସର୍ବାଧିକ ସଂଯମତା' ଅବଲମ୍ବନ କରିବାକୁ ଆହ୍ୱାନ ଦିଆଯାଇଛି ଏବଂ ଜାତୀୟ ଦୃଷ୍ଟିକୋଣକୁ ସମ୍ମାନ ଜଣାଉଥିବା ଏକ 'ବହୁପକ୍ଷୀୟ ଆଭିମୁଖ୍ୟ' ପାଇଁ ସମର୍ଥନ ଜାରି କରାଯାଇଛି। ଘୋଷଣାନାମାରେ 'ଆଲୋଚନା, ପରାମର୍ଶ ଏବଂ କୂଟନୀତି ମାଧ୍ୟମରେ' ଅନ୍ତର୍ଜାତୀୟ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ସଦସ୍ୟ ରାଷ୍ଟ୍ରଗୁଡ଼ିକର ପ୍ରତିଶ୍ରୁତିକୁ ମଧ୍ୟ ଦୋହରାଇ କୁହାଯାଇଛି। ଘୋଷଣାନାମାରେ ବହୁପକ୍ଷୀୟ ଅନୁଷ୍ଠାନଗୁଡ଼ିକରେ ସଂସ୍କାର ପାଇଁ ଆହ୍ୱାନ ଦିଆଯାଇଛି। ବିଶେଷ କରି ଜାତିସଂଘ ସୁରକ୍ଷା ପରିଷଦ ବା ୟୁଏନଏସ୍‌ସିରେ ଢାଞ୍ଚାଗତ ପରିବର୍ତ୍ତନ ଆବଶ୍ୟକ ସହ ସବୁ ପ୍ରକାର ଆତଙ୍କବାଦକୁ ଦୃଢ଼ ନିନ୍ଦା କରାଯାଇଛି। ଏଥିସହ ଏକତରଫା ଯୁଦ୍ଧ ସୃଷ୍ଟିକାରୀ ପଦକ୍ଷେପକୁ ବି ଘୋଷଣାନାମାରେ ନିନ୍ଦା କରାଯିବା ସହ ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ସାମରିକ ସଂଘର୍ଷ ମଧ୍ୟରେ ସମୁଦ୍ରପଥରେ ବାଣିଜ୍ୟିକ ଜାହାଜ ଚଳାଚଳ ଓ ନାବିକଙ୍କ ସୁରକ୍ଷା ନିଶ୍ଚିତ କରିବା ପାଇଁ ଘୋଷଣାପତ୍ରରେ ଥିବା ବିଷୟବସ୍ତୁରେ ସବୁ ରାଷ୍ଟ୍ର ଏକମତ ହୋଇଛନ୍ତି। ଘୋଷଣାପତ୍ରରେ ୟୁଏନଏସ୍‌ସିର ସଂସ୍କାର ଆଣିବାକୁ ସମର୍ଥନ କରାଯାଇଛି। ଆଫ୍ରିକା, ଏସିଆ, ଲାଟିନ୍ ଆମେରିକା ଓ କାରିବିୟାନ୍ ଅଞ୍ଚଳର ବିକାଶଶୀଳ ଦେଶଗୁଡ଼ିକୁ ଏହି ପରିଷଦରେ ଅଧିକ ପ୍ରତିନିଧିତ୍ୱ ଦେବାକୁ କୁହାଯାଇଛି। ୟୁଏନଏସ୍‌ସିର ସ୍ଥାୟୀ ସଦସ୍ୟ ଚୀନ ଓ ରୁଷିଆ ମଧ୍ୟ ବ୍ରାଜିଲ୍ ଓ ଭାରତକୁ ଜାତିସଂଘରେ ଅଧିକ ଭୂମିକା ଦେବାକୁ ମତ ରଖିଛନ୍ତି। ବ୍ରିକ୍ସ ଦେଶଗୁଡ଼ିକ ମଧ୍ୟରେ ବାଣିଜ୍ୟ କାରବାରରେ ଆମେରିକୀୟ ଡଲାର ଉପରେ ନିର୍ଭରଶୀଳତା ହ୍ରାସ କରି ସ୍ଥାନୀୟ ମୁଦ୍ରାର ବ୍ୟବହାର ବଢ଼ାଇବା ଉପରେ ଜୋର ଦିଆଯାଇଛି। ଆମେରିକା ଲଗାଉଥିବା ଏକତରଫା ଶୁଳ୍କ ଓ ଅଣ-ଶୁଳ୍କ ପଦକ୍ଷେପକୁ ନେଇ ବ୍ରିକ୍ସ ରାଷ୍ଟ୍ରଗୁଡ଼ିକ ଚିନ୍ତା ପ୍ରକଟ କରିଛନ୍ତି। ଘୋଷଣାନାମାରେ ୨୦୨୫ ଏପ୍ରିଲ ୨୨ରେ ଜମ୍ମୁ-କଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ କଡ଼ା ନିନ୍ଦା କରାଯାଇଛି। ଆତଙ୍କବାଦୀ ଓ ସେମାନଙ୍କୁ ସମର୍ଥନ କରୁଥିବା ସମସ୍ତଙ୍କୁ ଆଇନ ଅନୁସାରେ ଦାୟୀ କରାଯିବା ଦରକାର ବୋଲି ଘୋଷଣାନାମାରେ କୁହାଯାଇଛି।

## ୟୁଏନଏସସିରେ ସଂସ୍କାର ଅଣାଯାଉ: ମୋଦି

- ଭାରତ ପାଇଁ ମାନବତା ସର୍ବାଗ୍ରେ
- ବିଶ୍ୱ ଶାସନ ସଂସ୍କାର ପାଇଁ ୧୦-ସୂତ୍ରୀ ରୋଡମ୍ୟାପ୍ ପ୍ରସ୍ତାବ
- ପ୍ରତିନିଧିତ୍ୱ, ପ୍ରତିକ୍ରିୟାଶୀଳତା ଏବଂ ନିୟମ ନିର୍ଦ୍ଧାରଣକୁ ଗୁରୁତ୍ୱ
- 'ଗ୍ଲୋବାଲ ସାଉଥ୍'ର ଭୂମିକା ବଢ଼ୁ

ନୂଆଦିଲ୍ଲୀ, ୧୨।୯: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଶ୍ୱ ସ୍ତରରେ 'ଗ୍ଲୋବାଲ ସାଉଥ୍' ପାଇଁ ଏକ ବଡ଼ ଭୂମିକା ଏବଂ ଜାତିସଂଘ ସୁରକ୍ଷା ପରିଷଦ(ୟୁଏନଏସସି)ରେ ତୁରନ୍ତ ସଂସ୍କାର ଆଣିବାକୁ ଆହ୍ୱାନ ଦେଇଛନ୍ତି । ଦିଲ୍ଲୀଠାରେ ଆୟୋଜିତ ବ୍ରିକ୍ସ ଶିଖର ସମ୍ମିଳନୀକୁ ସମ୍ବୋଧନ କରି ସେ ବ୍ରିକ୍ସ ଦେଶଗୁଡ଼ିକୁ କେବଳ ନିୟମ ମାନିବା ପରିବର୍ତ୍ତେ ଆଇନ ପ୍ରଣେତା ବା ନିୟମ ନିର୍ଦ୍ଧାରକରେ ପରିଣତ ହେବାକୁ ଆହ୍ୱାନ କରିଛନ୍ତି । ମୋଦି ସ୍ପଷ୍ଟ କରିଛନ୍ତି ଯେ, ଏହି ଗୋଷ୍ଠୀ କୌଣସି ନିର୍ଦ୍ଦିଷ୍ଟ ଦେଶ କିମ୍ବା ବ୍ଲକ ବିରୋଧରେ ନିର୍ଦ୍ଦେଶିତ ନୁହେଁ ବରଂ ଅଧିକ ପ୍ରତିନିଧିତ୍ୱପୂର୍ଣ୍ଣ ତଥା ଅନ୍ତର୍ଭୁକ୍ତ ଅନ୍ତର୍ଜାତୀୟ ବ୍ୟବସ୍ଥା ଗଠନ ପାଇଁ ଏହାର ବର୍ଦ୍ଧିତ ପ୍ରଭାବକୁ ବ୍ୟବହାର କରିବା ଉଚିତ୍ । ସେ ସ୍ପଷ୍ଟ କରିଥିଲେ ଯେ ଭାରତ ପାଇଁ ମାନବତା ସର୍ବାଗ୍ରେ। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଆମେ କାହା ବିରୋଧରେ ଯିବା ନାହିଁ, ବରଂ ସମସ୍ତଙ୍କୁ ସାଙ୍ଗରେ ନେଇ ଆଗକୁ ବଢ଼ିବା ପାଇଁ ଚିନ୍ତା କରିବା । ବିଶ୍ୱ ସ୍ତରରେ ଆମର ଏକତା ଓ ସହମତିକୁ ପ୍ରତ୍ୟକ୍ଷ ଓ ଦୃଢ଼ ଫଳାଫଳରେ ପରିଣତ କରିବାର ସମୟ ଆସିପହଞ୍ଚିଛି । ଆଗାମୀ ୨୦ ବର୍ଷ ପାଇଁ ଆମକୁ ଏକ ନୂତନ, ଦୂରଦୃଷ୍ଟିସମ୍ପନ୍ନ ଓ ମହତ୍ୱାକାଂକ୍ଷୀ ଏଜେଣ୍ଡା ଉପରେ କାମ କରିବାକୁ ପଡ଼ିବ । ଏହାସହ ବିଶ୍ୱ ଶାସନ ସଂସ୍କାର ପାଇଁ ସେ ଏକ ୧୦-ସୂତ୍ରୀ ରୋଡମ୍ୟାପ୍ ପ୍ରସ୍ତାବ ଦେଇଥିଲେ, ଯାହା ପ୍ରତିନିଧିତ୍ୱ, ପ୍ରତିକ୍ରିୟାଶୀଳତା ଏବଂ ନିୟମ ନିର୍ଦ୍ଧାରଣ ଭଳି ତିନୋଟି ବ୍ୟାପକ ପ୍ରାଥମିକତା ଉପରେ ଆଧାରିତ । ଏଥିସହିତ, ବ୍ରିକ୍ସ ମଧ୍ୟରେ ଦୃଢ଼ ସଂସ୍ଥାଗତ ନିରନ୍ତରତା ବଜାୟ ରଖିବା ପାଇଁ ମଧ୍ୟ ସେ ଗୁରୁତ୍ୱାରୋପ କରିଛନ୍ତି ।

## ନନ୍ଦନକାନନ ପ୍ରାଣୀଉଦ୍ୟାନରେ ନୂଆ ଅତିଥି

### ୫୮ଟି ବିଦେଶୀ ପ୍ରାଣୀ




ଭୁବନେଶ୍ୱର, ୧୨।୯: ଭୁବନେଶ୍ୱରସ୍ଥିତ ନନ୍ଦନକାନନ ପ୍ରାଣୀଉଦ୍ୟାନକୁ ୧୪ଟି ପ୍ରଜାତିର ୫୮ଟି ବିଦେଶୀ ପ୍ରାଣୀ ଅଣାଯାଇଛି। ଏହି ପ୍ରାଣୀଗୁଡ଼ିକୁ ଗୁଜରାଟର 'ରାଧେ କୃଷ୍ଣ ମନ୍ଦିର ହାତୀ କଲ୍ୟାଣ ଟ୍ରଷ୍ଟ' ପକ୍ଷରୁ ପ୍ରଦାନ କରାଯାଇଛି। ରିପୋର୍ଟ ଅନୁଯାୟୀ, ନୂତନ ଭାବେ ଆସିଥିବା ପ୍ରାଣୀମାନଙ୍କ ମଧ୍ୟରେ ଚାରୋଟି ଜେବ୍ରା, ଚାରୋଟି କଙ୍ଗାରୁ, ଚାରୋଟି ସ୍କାର୍ଲେଟ୍ ମ୍ୟାକାଓ (ଏକ ପ୍ରକାର ରଙ୍ଗିନ ଶୁଆ) ଏବଂ ଚାରୋଟି ନୀଳ ୱାଇଲ୍ଡବିଷ୍ଟ ଅନ୍ତର୍ଭୁକ୍ତ। ଏମାନଙ୍କ ଆଗମନ ସହିତ ନନ୍ଦନକାନନରେ ବର୍ତ୍ତମାନ ମୋଟ ୧୮୮ ପ୍ରକାରର ପ୍ରାଣୀ ପ୍ରଜାତି ରହିଛନ୍ତି।ପ୍ରଜାତିଗତ ବିବିଧତା ବୃଦ୍ଧି କରିବେ ଏହି ପ୍ରାଣୀମାନେ। ଏହି ନୂତନ ପ୍ରାଣୀମାନଙ୍କ ଆଗମନ ନନ୍ଦନକାନନର ପ୍ରଜାତିଗତ ବିବିଧତାକୁ ଆହୁରି ସମୃଦ୍ଧ କରିବ ବୋଲି ଆଶା କରାଯାଉଛି। ଏହା ସହିତ, ଏହା ଚିଡ଼ିଆଖାନାର ସଂରକ୍ଷଣ ଏବଂ ଶିକ୍ଷାମୂଳକ କାର୍ଯ୍ୟକ୍ରମକୁ ମଧ୍ୟ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି।

## ଦୁର୍ନୀତି ଧରୁଥିଲେ, ନିଜେ ଧରାପଡ଼ିଲେ

- ★ ରାଉରକେଲା ଅବକାରୀ ଅଧୀକ୍ଷକ ଗିରଫ, ନଗଦ ୫ ଲକ୍ଷ ଜବତ
- ★ ମିଳିଲା ପୁଳା ପୁଳା ସଂପତ୍ତି ★ ଆୟଠାରୁ ୧୦୦% ଅଧିକ ସଂପତ୍ତି ଠୁଳ



କଟକ ୧୨।୯(ନିପ୍ର): ଯେଉଁ ଅଧିକାରୀ ଦୁର୍ନୀତି ଧରୁଥିଲେ, ସେ ନିଜେ ଧରାପଡ଼ିଛନ୍ତି। ରାଉରକେଲା ଅବକାରୀ ଅଧୀକ୍ଷକ ଧନେଶ୍ୱର ବରାଡ଼ଙ୍କୁ ଶନିବାର ଗିରଫ କରିଛି ଭିଜିଲାନ୍ସ। ଗତକାଲି ରାତିରେ ସେ ତାଙ୍କ ଘରକୁ ୫ ଲକ୍ଷ ଟଙ୍କା ପଠାଉଥିବା ଘଟଣାରେ ତାଙ୍କୁ ଗିରଫ କରାଯାଇଛି। ଏହି ଟଙ୍କା ସେ ବେଆଇନ ଭାବେ ସଂଗ୍ରହ କରିଥିବା ଭିଜିଲାନ୍ସ ପକ୍ଷରୁ ସନ୍ଦେହ କରାଯାଉଛି। ଗତକାଲି ରାତିରେ ଭିଜିଲାନ୍ସ ଟିମ୍ ରାଉରକେଲାର ଉଦିତନଗର ସ୍ଥିତ ଅବକାରୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ଏକ ସ୍କର୍ପିଓରୁ ଏହି ୫ ଲକ୍ଷ ଟଙ୍କା ଜବତ କରିଥିଲେ। ଅବକାରୀ ଅଧୀକ୍ଷକ ଶ୍ରୀ ବରାଡ଼ ସ୍ଥାନୀୟ ଏକ ମଦ ଦୋକାନର ଜଣେ ସେଲ୍‌ସମ୍ୟାନଙ୍କ ହାତରେ ତାଙ୍କ ଘରକୁ ୫ ଲକ୍ଷ ଟଙ୍କା ପଠାଉଥିଲେ। ସେଲ୍‌ସମ୍ୟାନ ଜଣଙ୍କ ସ୍କର୍ପିଓ ଗାଡ଼ିରେ ଉକ୍ତ ଟଙ୍କା ନେଇ ଯାଉଥିବା ବେଳେ ଅବକାରୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ବାହାରେ ଭିଜିଲାନ୍ସ ଟିମ୍ ତାଙ୍କୁ ଅଟକାଇଥିଲା। ଯାଞ୍ଚ ବେଳେ ଗାଡ଼ି ଭିତରୁ ୫ ଲକ୍ଷ ଟଙ୍କା ମିଳିଥିଲା। ପଚରାଉଚରା କରାଯିବାରୁ ଏହି ଟଙ୍କା ଅବକାରୀ ଅଧୀକ୍ଷକ ଶ୍ରୀ ବରାଡ଼ ତାଙ୍କ ଘରକୁ ପଠାଉଥିବା ସେ କହିଥିଲେ। ଭିଜିଲାନ୍ସ ତାଙ୍କୁ ଅଟକ ରଖି ପଚରାଉଚରା କରିବା ସହିତ ତାଙ୍କର ରାଉରକେଲା ଓ ଭୁବନେଶ୍ୱର ସ୍ଥିତ ବାସଭବନ ଉପରେ ଏକକାଳୀନ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ଶ୍ରୀ ବରାଡ଼ଙ୍କ ସଂପତ୍ତି ସଂପର୍କିତ ସୂଚନା ସାମ୍ନାକୁ ଆସିଛି। ଭୁବନେଶ୍ୱରର ରଘୁନାଥପୁର ଅଞ୍ଚଳରେ ତାଙ୍କର ପ୍ରାୟ ୨,୭୦୦ ବର୍ଗଫୁଟର ଗୋଟିଏ ଦୁଇମହଲା କୋଠା ଅଛି। ଏହା ସହିତ ତାଙ୍କର ୪ଟି ମୂଲ୍ୟବାନ ପ୍ଲଟ୍ ଅଛି। ଏହି ପ୍ଲଟ୍‌ଗୁଡ଼ିକ ମଧ୍ୟରୁ ଗୋଟିଏ ଭୁବନେଶ୍ୱରରେ ଥିବା ବେଳେ ବାକି ୩ଟି ନୟାଗଡ଼ରେ ଅଛି। ମାପଚୁପ ପରେ ଏଗୁଡ଼ିକର ମୂଲ୍ୟ ଜଣାପଡ଼ିବ। ଶ୍ରୀ ବରାଡ଼ ବ୍ୟାଙ୍କରେ ୩୩ ଲକ୍ଷ ୯୭ ହଜାର ଟଙ୍କା ଜମା ରଖିଥିବା ବେଳେ ତାଙ୍କର ଅନ୍ୟାନ୍ୟ ନିବେଶ ସଂପର୍କିତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ମିଳିଛି। ସେଗୁଡ଼ିକର ଯାଞ୍ଚ ଚାଲିଛି। ସେ ତାଙ୍କ ଆୟଠାରୁ ୧୦୦% ଅଧିକ ସଂପତ୍ତି ଠୁଳ କରିଥିବା ତଦନ୍ତରୁ ଜଣାପଡ଼ିଥିବା ଭିଜିଲାନ୍ସ କହିଛି। ରାଉରକେଲା ଭିଜିଲାନ୍ସ ଥାନାରେ ଶ୍ରୀ ବରାଡ଼ଙ୍କ ନାଁରେ ମାମଲା ରୁଜୁ କରାଯାଇଥିବା ବେଳେ ତଦନ୍ତ ଜାରି ରହିଛି।

### ଓରାଂଉଟାନ୍ ଉଦ୍ଧାର ଘଟଣା

## କୋଲକାତାରେ ହୋଇଛି କାରବାର !

### ହୋଟେଲ ମାଲିକ ଓ ତାଙ୍କ ପୁଅଙ୍କ ସଂପୃକ୍ତି ସନ୍ଦେହ

ବାଲେଶ୍ୱର, ୧୨।୯: ବାଲେଶ୍ୱର ଭୋଗରାଇରୁ ଓରାଂଉଟାନ୍ ଉଦ୍ଧାର ଘଟଣାରେ ତଦନ୍ତ ଜୋରଦାର ହୋଇଛି । ଘଟଣାର ଗୁମର ଖୋଲିବା ପାଇଁ ଓଡ଼ିଶା ଏସଟିଏଫ ପଶ୍ଚିମବଙ୍ଗରେ ଛାନଭିନ୍ ଚଳାଇଛି । କୋଲକାତାରେ ଏହାର କାରବାର କରାଯାଇଥିବା ସନ୍ଦେହ କରାଯାଇଛି। ଦୀଘାର ଏକ ଘରୋଇ ହୋଟେଲରୁ ଗତକାଲି ୩ ଜଣଙ୍କୁ ଉଠାଇ ନେଇ ଏସଟିଏଫ ପଚରାଉଚରା କରୁଥିବାବେଳେ ଶନିବାର ପୁଣି ହୋଟେଲ ମ୍ୟାନେଜରଙ୍କୁ ନେଇ ପଚରାଉଚରା କରାଯାଉଛି ।ସୂଚନା ଅନୁସାରେ, ଓରାଂଉଟାନ୍ ୫ଟି କିପରି ଏବଂ କେଉଁଠୁ ଭୋଗରାଇ ଅଞ୍ଚଳକୁ ଆସିଲା, ତାହାର ଖୋଳତାଡ଼ ଚାଲିଛି । ଏହି ଘଟଣାରେ ଦୀଘାର ଉକ୍ତ ହୋଟେଲର ଭୂମିକା ନେଇ ତଦନ୍ତକାରୀ ଟିମ୍‌ର ସନ୍ଦେହ ବଢ଼ିଛି । ହୋଟେଲ ମାଲିକ ଓ ତାଙ୍କ ପୁଅଙ୍କର ଏହି ଘଟଣାରେ ସମ୍ପୃକ୍ତି ଥାଇପାରେ ବୋଲି ସନ୍ଦେହ କରାଯାଉଛି । ଉଭୟଙ୍କ ଘର ପଶ୍ଚିମବଙ୍ଗର ହାଓଡ଼ା ଅଞ୍ଚଳରେ ବୋଲି ଜଣାପଡ଼ିଛି। ତେବେ ତଦନ୍ତ ସମୟରେ ହୋଟେଲ ମାଲିକ ଓ ତାଙ୍କ ପୁଅ ଫେରାର ଥିବା ସୂଚନା ମିଳିଛି । ଏପଟେ ହୋଟେଲ ମ୍ୟାନେଜରଙ୍କୁ ପଚରାଉଚରା କରି ଘଟଣା ସମ୍ପର୍କିତ ଅଧିକ ତଥ୍ୟ ହାସଲ କରିବାକୁ ଏସଟିଏଫ ଉଦ୍ୟମ କରୁଛି ।

# ଲଗାଣ ବର୍ଷାରେ ବେହାଲ ମାଲକାନଗିରି

- ➔ କାଙ୍କରକୁଣ୍ଡା ଓ ପୋଟେରୁ ପୋଲ ଉପରେ ଛୁଟୁଛି ବନ୍ୟାଜଳ
- ➔ ତେଲେଙ୍ଗାନା ଓ ଛତିଶଗଡକୁ ଯୋଗାଯୋଗ ପ୍ରଭାବିତ
- ➔ ସମସ୍ତ ସ୍କୁଲକୁ ଛୁଟି ଘୋଷଣା

ମାଲକାନଗିରି, ୧୨।୯: ଲଗାଣ ବର୍ଷାରେ ବେହାଲ ହୋଇଛି ମାଲକାନଗିରି । ଗତ ଗୁରୁବାରଠୁ ଜିଲ୍ଲାରେ ଲାଗି ରହିଥିବା ପ୍ରବଳ ବର୍ଷା ଯୋଗୁଁ ଜିଲ୍ଲାର ଅନେକ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଫୁଲୁଛି ନଦୀଜଳ, ଜାତୀୟ ରାଜପଥ ୩୨୬ ର କାଙ୍କରକୁଣ୍ଡା ଏବଂ ପୋଟେରୁ ପୋଲ ଉପରେ ଛୁଟି ଚାଲିଛି ବନ୍ୟାଜଳ । ଫଳରେ ତେଲେଙ୍ଗାନା ଓ ଛତିଶଗଡକୁ ଯୋଗାଯୋଗ ପ୍ରଭାବିତ ହୋଇଛି । ଜିଲ୍ଲାରେ ପ୍ରବଳ ବର୍ଷା ହେବାର ଆଶଙ୍କା ଥିବାରୁ ସମସ୍ତ ସ୍କୁଲକୁ ଛୁଟି ଘୋଷଣା କରିଛନ୍ତି ଜିଲ୍ଲାପାଳ । ସବୁ କର୍ମଚାରୀଙ୍କ ଛୁଟି ବାତିଲ ପାଇଁ ନିର୍ଦ୍ଦେଶ ରହିଛି। ଶୁଖିଲା ଖାଦ୍ୟ ମହଜୁଦ ଥିବା କହିଛନ୍ତି ଜିଲ୍ଲାପାଳ । ଏବେ ସ୍ଥାନାନ୍ତର ପରିସ୍ଥିତି ସୃଷ୍ଟି ହୋଇନାହିଁ ବୋଲି ସୂଚାଇଛନ୍ତି। ବର୍ଷର ପ୍ରଥମ ବନ୍ୟାରେ ମାଲକାନଗିରିର କନ୍ୟାଶ୍ରମ ପୋଲ ଉପରେ ପ୍ରାୟ ୩ ଫୁଟ୍ ଉଚ୍ଚର ବନ୍ୟାଜଳ ପ୍ରବାହିତ ହେଉଛି । ଫଳରେ କାଲିମେଳାରୁ ପଡ଼ିଆ ସହ ପଡ଼ୋଶୀ ଛତିଶଗଡ଼କୁ ଯାତାୟାତ ଓ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ପୋଲ ଉପରେ ପାଣି ଚାଲୁଥିବାରୁ ଉଭୟ ପାର୍ଶ୍ୱରେ ଶହ ଶହ ଗାଡ଼ି ଅଟକି ରହିଥିବା ଜଣାପଡ଼ିଛି । ବନ୍ୟାଜଳର ସ୍ତର ବଢୁଥିବାରୁ ଯାତାୟାତକୁ ନେଇ ଲୋକଙ୍କ ମଧ୍ୟରେ ଚିନ୍ତା ବଢ଼ିଛି । ପୋଲ ଉପରେ ଯିବା ଆସିବା ବିପଦପୂର୍ଣ୍ଣ ହୋଇଥିବାରୁ ପ୍ରଶାସନ ପକ୍ଷରୁ ଲୋକଙ୍କୁ ସେଠାରେ ଯାତାୟାତ ନକରିବାକୁ ବାରଣ କରାଯାଇଛି। ଅନ୍ୟପକ୍ଷେ, ପୁରୁଣା ପୋଲ ନିକଟରେ ଏକ ନୂଆ ପୋଲ ନିର୍ମାଣ କାମ ଦୀର୍ଘ ୭ରୁ ୮ ବର୍ଷ ଧରି ଚାଲିଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାହା ସମ୍ପୂର୍ଣ୍ଣ ହୋଇପାରିନାହିଁ । ନୂଆ ପୋଲ ନିର୍ମାଣ ଶେଷ ହୋଇଥିଲେ ବନ୍ୟା ସମୟରେ ଏହି ଅଞ୍ଚଳର ଯାତାୟାତ ସମସ୍ୟା କିଛି ମାତ୍ରାରେ ଦୂର ହୋଇ ପାରିଥାନ୍ତା ବୋଲି ସ୍ଥାନୀୟ ଲୋକେ କହିଛନ୍ତି ।



## ବନ୍ୟା ସ୍ଥିତିର ସମୀକ୍ଷା କଲେ ରାଜସ୍ୱ ମନ୍ତ୍ରୀ

- ମାଲକାନଗିରି ଓ ଚିତ୍ରକୋଣ୍ଡାରେ ୧୯୨ ମିମି ବର୍ଷା
- ଦ୍ୱିତୀୟ ଲଘୁଚାପର ପ୍ରଭାବ : ବିଭାଗୀୟ ମୁଖ୍ୟ ଯନ୍ତ୍ରୀ

ଭୁବନେଶ୍ୱର, ୧୨।୯: ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଶନିବାର ମାଲକାନଗିରି ଜିଲ୍ଲାର ବନ୍ୟା ସ୍ଥିତିର ସମୀକ୍ଷା କରିବା ସହ ଏହାର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନର ପ୍ରସ୍ତୁତିର ଆକଳନ କରିଛନ୍ତି। ବର୍ତ୍ତମାନର ସ୍ଥିତି ଏବଂ ଚାଲିଥିବା ରିଲିଫ୍ କାର୍ଯ୍ୟ ସମ୍ପର୍କରେ ଅବଗତ ହେବା ପାଇଁ ମନ୍ତ୍ରୀ ପୂଜାରୀ ମାଲକାନଗିରି ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ। ବର୍ତ୍ତମାନ ଜିଲ୍ଲାର ଚାରୋଟି ରାସ୍ତା ଉପରେ ପାଣି ପ୍ରବାହିତ ହେଉଥିବାରୁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ପ୍ରଭାବିତ ଅଞ୍ଚଳରେ ଯାନବାହନ ଚଳାଚଳ ବନ୍ଦ ରଖାଯାଇଛି। ଜିଲ୍ଲାପାଳ ମନ୍ତ୍ରୀଙ୍କୁ ଜଣାଇଥିଲେ ଯେ ଯାତାୟାତ ବାଧାପ୍ରାପ୍ତ ହେବା ଯୋଗୁଁ ଫସି ରହିଥିବା ଚାଳକମାନଙ୍କ ପାଇଁ ଖାଦ୍ୟ ଓ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି। ଯେକୌଣସି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ସ୍ୱାସ୍ଥ୍ୟ ଦଳକୁ ମଧ୍ୟ ସଜାଗ ରଖାଯାଇଛି ।ମନ୍ତ୍ରୀ ପୂଜାରୀ କହିଛନ୍ତି ଯେ ମୌସୁମୀ ସମୟରେ ବାରମ୍ବାର ଜଳମଗ୍ନ ହେଉଥିବା ଏହି ଚାରୋଟି ରାସ୍ତାର ଉଚ୍ଚତା ବୃଦ୍ଧି କରିବା ପାଇଁ ରାଜସ୍ୱ ବିଭାଗ ଗତ ବର୍ଷ ଅର୍ଥ ମଞ୍ଜୁର କରିଥିଲା। ସେ ଅଧିକାରୀମାନଙ୍କୁ ଏହି ସମସ୍ୟାର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଏବଂ ଆଗାମୀ ମୌସୁମୀ ଋତୁରେ ମାଲକାନଗିରିରେ ଏଭଳି ବାଧାବିଘ୍ନକୁ ସର୍ବନିମ୍ନ ସ୍ତରକୁ ଆଣିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ, ଜଳ ସମ୍ପଦ ବିଭାଗର ମୁଖ୍ୟ ଯନ୍ତ୍ରୀ ଦିଲୀପ ରାଉତ କହିଛନ୍ତି ଯେ ଦ୍ୱିତୀୟ ଲଘୁଚାପ ପ୍ରଭାବରେ ମାଲକାନଗିରି ଜିଲ୍ଲା ଅଧିକ ପ୍ରଭାବିତ ହୋଇଛି, ଯାହା ଫଳରେ ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଛି। ଶ୍ରୀ ରାଉତଙ୍କ ସୂଚନା ଅନୁଯାୟୀ, ମାଲକାନଗିରି ଓ ଚିତ୍ରକୋଣ୍ଡାରେ ୧୯୨ ମିମି ଲେଖାଏଁ ବର୍ଷା ରେକର୍ଡ କରାଯାଇଥିବା ବେଳେ ଡାବୁଗାଁରେ ୧୩୫ ମିମି ବର୍ଷା ହୋଇଛି। ବାଲିମେଳା ଡ୍ୟାମ୍ ନିକଟବର୍ତ୍ତୀ ଅଞ୍ଚଳରେ ୨୧୯ ମିମି ବର୍ଷା ରେକର୍ଡ କରାଯାଇଛି ବୋଲି ସେ କହିଛନ୍ତି।

CMYK

# ନାରୀ ଧୈର୍ଯ୍ୟର ଏକ ଭାବପୂର୍ଣ୍ଣ ପ୍ରତୀକ





***ଖୁଦୁରୁକୁଣୀ ଓଷା ଆମକୁ ଏକ ସୁନ୍ଦର ସତ୍ୟ ମନେପକାଏ, 'ପରମ୍ପରାର ରୂପ ବଦଳିପାରେ, କିନ୍ତୁ ତା'ର ହୃଦୟ ବଦଳିବା ଉଚିତ ନୁହେଁ।'***

ମାଟିର ଦେଉଳ ହୁଏତ ଆଜି କଂକ୍ରିଟ୍‌ର ସହରରେ କମିଯାଇଛି। ତଅପୋଇ ଗୀତର ସ୍ୱର ହୁଏତ ଆଜି ମୋବାଇଲ୍‌ର ରିଙ୍ଗଟୋନ୍ ଭିତରେ ହଜିଯାଉଛି। ତଥାପି ଯେତେବେଳେ ଜଣେ ଭଉଣୀ ନିଜ ଭାଇର ମଙ୍ଗଳ ପାଇଁ ହାତ ଯୋଡ଼େ, ସେତେବେଳେ ତଅପୋଇ ପୁଣି ଥରେ ଜୀବନ୍ତ ହୋଇଉଠେ। ଏ ଖୁଦୁରୁକୁଣୀ- ଏକ ଓଷା ନୁହେଁ, ଏକ ଭାବନା। ଏକ ପୂଜା ନୁହେଁ, ଏକ ସମ୍ପର୍କ। ଏକ ପରମ୍ପରା ନୁହେଁ, ଓଡ଼ିଆ ମାଟିର ଏକ ଅମଳିନ ପରିଚୟ। "ଦିନେ ତଅପୋଇ ଭାଇମାନଙ୍କ ଫେରିବା ବାଟକୁ ଚାହିଁ ରହୁଥିଲା; ଆଜି ଭଉଣୀ ମୋବାଇଲର ପରଦାରେ ଭାଇର ଗୋଟିଏ 'ହେଲୋ'କୁ ଅପେକ୍ଷା କରୁଛି। ସମୟ ବଦଳିଛି... କିନ୍ତୁ ଅପେକ୍ଷାର ଭାବନା ବଦଳିନାହିଁ।" ଓଡ଼ିଆ ମାଟିର ପର୍ବପର୍ବାଣି ମଧ୍ୟରେ ଖୁଦୁରୁକୁଣୀ ଓଷାର ସ୍ଥାନ ଅତ୍ୟନ୍ତ ସ୍ୱତନ୍ତ୍ର। ଏହା କେବଳ ଏକ ଧାର୍ମିକ ଆଚାର ନୁହେଁ; ଏହା ଓଡ଼ିଆ ଲୋକସଂସ୍କୃତିରେ ଭାଇ-ଭଉଣୀର ସ୍ନେହ, ପରିବାର ପ୍ରତି ମଙ୍ଗଳକାମନା ଓ ନାରୀ ଧୈର୍ଯ୍ୟର ଏକ ଭାବପୂର୍ଣ୍ଣ ପ୍ରତୀକ। ଭାଦ୍ରବ ମାସ ଆସିଲେ ଓଡ଼ିଆ ଘରର ଝିଅମାନଙ୍କ ମନରେ ଜାଗିଉଠେ ଏକ ପୁରୁଣା ସ୍ମୃତି ତଅପୋଇର ସ୍ମୃତି। ସାତ ସାଧବ ଭାଇଙ୍କର ଏକମାତ୍ର ଭଉଣୀ ତଅପୋଇ। ଭାଇମାନେ ବଣିଜ ପାଇଁ ଦୂରଦେଶକୁ ଚାଲିଯିବା ପରେ ତା'ର ଜୀବନରେ ଆସିଥିଲା ଅନେକ ଦୁଃଖ ଓ କଷଣ। ତଥାପି ଭାଇମାନଙ୍କ ପ୍ରତି ତା'ର ସ୍ନେହ ଓ ମଙ୍ଗଳକାମନା କେବେ ମଳିନ ହୋଇନଥିଲା। ସେହି ଭାବନାକୁ ନେଇ ପିଢ଼ି ପରେ ପିଢ଼ି ଓଡ଼ିଆ ଝିଅମାନେ ଖୁଦୁରୁକୁଣୀ ଓଷା ପାଳନ କରିଆସୁଛନ୍ତି। ଦିନେ ଏହି ଓଷା ଥିଲା ଗାଁ ଦାଣ୍ଡର ଏକ ସାମୂହିକ ଉତ୍ସବ। ଝିଅମାନେ ସକାଳୁ ଉଠି ଗାଧୋଇ ପାଧୋଇ ଫୁଲ ତୋଳୁଥିଲେ। ମାଟି କିମ୍ବା ବାଲିରେ ଛୋଟ ଦେଉଳ ତିଆରି କରୁଥିଲେ। ରଙ୍ଗବେରଙ୍ଗର ମୁରୁଜରେ ଝୋଟି ଚିତା ଆଙ୍କୁଥିଲେ। ଫୁଲରେ ସଜାଯାଉଥିଲା ଠାକୁରାଣୀଙ୍କ ଆସ୍ଥାନ। ସଞ୍ଜ ହେଲେ ଶୁଭୁଥିଲା ତଅପୋଇ ଗୀତର ସ୍ୱର। ଗୋଟିଏ ଗାଁର ଝିଅ ଆଉ ଗୋଟିଏ ଗାଁର ଝିଅ ସହ ମିଶି ଏହି ପରମ୍ପରାକୁ ଜୀବନ୍ତ ରଖୁଥିଲେ। ଆଜି ସେହି ଦୃଶ୍ୟ ବହୁତ ବଦଳିଯାଇଛି।

ସହରର ଆପାର୍ଟମେଣ୍ଟରେ ମାଟିର ଦେଉଳ ପାଇଁ ସ୍ଥାନ କମ୍। ବ୍ୟସ୍ତ ଜୀବନରେ ଘଣ୍ଟା ଘଣ୍ଟା ଧରି ଫୁଲ ତୋଳିବା କିମ୍ବା ଝୋଟି ଆଙ୍କିବାର ସୁଯୋଗ ମଧ୍ୟ ସମସ୍ତଙ୍କୁ ମିଳୁନାହିଁ। କିନ୍ତୁ ପରମ୍ପରା ମରିଯାଇନାହିଁ। ଆଜି ସେହି ପରମ୍ପରା ସୋସିଆଲ ମିଡିଆରେ ଦେଖାଯାଉଛି, ଭିଡିଓ କଲ୍‌ରେ ଭାଇ-ଭଉଣୀ ପରସ୍ପରକୁ ଶୁଭେଚ୍ଛା ଜଣାଉଛନ୍ତି, ଆଉ ତଅପୋଇର କାହାଣୀ ନୂଆ ପିଢ଼ିର ମୋବାଇଲ୍ ପରଦାରେ ପହଞ୍ଚୁଛି। ମାଧ୍ୟମ ବଦଳିଛି, ମନର ଭାବନା ନୁହେଁ। ଆଜିର ଝିଅ କେବଳ ଘରର ଚାରିକାନ୍ଥ ଭିତରେ ସୀମିତ ନୁହେଁ। ସେ ଶିକ୍ଷା ଗ୍ରହଣ କରୁଛି, ନିଜ ଭବିଷ୍ୟତ ଗଢୁଛି, ନିଜ ପରିଚୟ ତିଆରି କରୁଛି। ତେଣୁ ଖୁଦୁରୁକୁଣୀ ଓଷାର ଅର୍ଥକୁ ମଧ୍ୟ ଆଜିର ସମୟ ସହ ଯୋଡ଼ିବା ଆବଶ୍ୟକ। ଭାଇର ମଙ୍ଗଳ କାମନା କରୁଥିବା ଭଉଣୀ ଆଜି ନିଜ ମଙ୍ଗଳ ପାଇଁ ମଧ୍ୟ ପ୍ରାର୍ଥନା କରୁ। ଭାଇ ଯେପରି ନିଜ ଜୀବନରେ ଆଗକୁ ବଢୁ, ଭଉଣୀ ମଧ୍ୟ ସେପରି ନିଜ ସ୍ୱପ୍ନ ପୂରଣ କରୁ। ଭାଇର ସୁରକ୍ଷା ଯେପରି ଭଉଣୀର ଚିନ୍ତା, ଭଉଣୀର ସମ୍ମାନ ଓ ସ୍ୱାଧୀନତା ମଧ୍ୟ ଭାଇର ଦାୟିତ୍ୱ ହେଉ। ଏହି ପରସ୍ପର ସମ୍ମାନ ହିଁ ଆଧୁନିକ ଖୁଦୁରୁକୁଣୀର ସବୁଠାରୁ ସୁନ୍ଦର ବାର୍ତ୍ତା ହୋଇପାରେ।

**ତଅପୋଇ ଆଜି ମଧ୍ୟ ଆମକୁ କ'ଣ କହେ ?**

ତଅପୋଇର କାହାଣୀ ଆମକୁ ଆଉ ଗୋଟିଏ ବଡ଼ କଥା ଶିଖାଏ: ଘର ବଡ଼ ହେଲେ ପରିବାର ହୁଏନାହିଁ, ହୃଦୟରେ ସ୍ନେହ ଥିଲେ ହିଁ ପରିବାର ହୁଏ। ଆଜି ଅନେକ ପରିବାର ଏକାଠି ରହୁଥିଲେ ମଧ୍ୟ ପରସ୍ପର ପାଇଁ ସମୟ ନାହିଁ। ସମସ୍ତଙ୍କ ହାତରେ ମୋବାଇଲ୍ ଅଛି, କିନ୍ତୁ କଥା ହେବାକୁ ସମୟ ନାହିଁ। ଏମିତି ସମୟରେ ଖୁଦୁରୁକୁଣୀ ଓଷା ଆମକୁ ମନେ ପକାଏ, ସମ୍ପର୍କକୁ ବଞ୍ଚାଇ ରଖିବା ପାଇଁ ବଡ଼ ବଡ଼ ଉପହାର ନୁହେଁ, ଟିକିଏ ଭଲପାଇବା ଓ ଟିକିଏ ସମୟ ଦରକାର। ପରମ୍ପରା ବଞ୍ଚିଲେ ପରିଚୟ ବଞ୍ଚିବ। ଆଧୁନିକତାକୁ ଗ୍ରହଣ କରିବା ଆମର ଆବଶ୍ୟକତା। କିନ୍ତୁ ଆଧୁନିକ ହେବା ଅର୍ଥ ନିଜ ମୂଳକୁ ଭୁଲିଯିବା ନୁହେଁ। ଯେଉଁ ପିଢ଼ି ନିଜ ପରମ୍ପରାକୁ ଜାଣେ, ସେହି ପିଢ଼ି ନିଜ ସଂସ୍କୃତିର ପରିଚୟକୁ ଆଗକୁ ନେଇପାରେ। ତେଣୁ ଆଜିର ପିଢ଼ି ଖୁଦୁରୁକୁଣୀ ଓଷା ପାଳନ କରୁ-କିନ୍ତୁ ଏହାର କାହାଣୀକୁ ମଧ୍ୟ ଜାଣୁ। ତଅପୋଇ କିଏ ଥିଲେ, ତାଙ୍କ ଜୀବନରେ କ'ଣ ଘଟିଥିଲା, ଏହି ଓଷା ପଛରେ କେଉଁ ଲୋକସ୍ମୃତି ରହିଛି ସେସବୁ ମଧ୍ୟ ନୂଆ ପିଢ଼ି ଜାଣିବା ଦରକାର।

**ଶେଷରେ...** ଖୁଦୁରୁକୁଣୀ ଓଷା ଆମକୁ ଏକ ସୁନ୍ଦର ସତ୍ୟ ମନେ ପକାଏ 'ପରମ୍ପରାର ରୂପ ବଦଳିପାରେ, କିନ୍ତୁ ତା'ର ହୃଦୟ ବଦଳିବା ଉଚିତ ନୁହେଁ।' ମାଟିର ଦେଉଳ ହୁଏତ ଆଜି କଂକ୍ରିଟ୍‌ର ସହରରେ କମିଯାଇଛି। ତଅପୋଇ ଗୀତର ସ୍ୱର ହୁଏତ ଆଜି ମୋବାଇଲ୍‌ର ରିଙ୍ଗଟୋନ୍ ଭିତରେ ହଜିଯାଉଛି। ତଥାପି ଯେତେବେଳେ ଜଣେ ଭଉଣୀ ନିଜ ଭାଇର ମଙ୍ଗଳ ପାଇଁ ହାତ ଯୋଡ଼େ, ସେତେବେଳେ ତଅପୋଇ ପୁଣି ଥରେ ଜୀବନ୍ତ ହୋଇଉଠେ। ଏ ଖୁଦୁରୁକୁଣୀ- ଏକ ଓଷା ନୁହେଁ, ଏକ ଭାବନା। ଏକ ପୂଜା ନୁହେଁ, ଏକ ସମ୍ପର୍କ। ଏକ ପରମ୍ପରା ନୁହେଁ, ଓଡ଼ିଆ ମାଟିର ଏକ ଅମଳିନ ପରିଚୟ।

**-ସୀମାରେଖା**

*ଜଗତସିଂହପୁର ନାଉଗାଁ, ମୋ:୯୦୯୦୧୮୭୫୯୯*

# ।ମୁକ୍ତିଗ୍ରନ୍ଥ।

ଅତିବଡୀ ଜଗନ୍ନାଥ ଦାସଙ୍କ ଭାଗବତ ଗ୍ରନ୍ଥରୁ ଗୋଟିଏ ପଦ

**'ପରମ ଶାସ୍ତ୍ର ଭାଗବତ, ଅଭ୍ୟାସ କରୁଥିବ ନିତ୍ୟ'।**

ଭାଗବତ ଶବ୍ଦର ଅର୍ଥ ହେଲା ଭା-ଭାବ, ଗ-ଜ୍ଞାନ, ବ-ବ୍ରହ୍ମାଣ୍ଡ ଓ ତ-ତତ୍ତ୍ୱ ଅର୍ଥାତ୍ ବ୍ରହ୍ମାଣ୍ଡର ଭାବଗତ ତତ୍ତ୍ୱ ବା ବ୍ରହ୍ମ ଜ୍ଞାନ ସଂପର୍କରେ ଆଲୋଚନା। ଯାହାକୁ ଶ୍ରବଣକଲେ ମଣିଷ ବ୍ରହ୍ମଜ୍ଞାନ ପ୍ରାପ୍ତ ହୋଇ ଜୀବନମୁକ୍ତି ବା ମୋକ୍ଷପ୍ରାପ୍ତ ହୋଇଥାଏ।

ଉତ୍କଳରେ ଭାଦ୍ରବ ମାସ ପୂର୍ଣ୍ଣିମାରେ ଗାଁ ଗାଁରେ ଭାଗବତ ଟୁଙ୍ଗୀରେ ବା ଘରେ ଘରେ ଭାଗବତ ଗାଦି ଉପରେ ପୂଜା ପାଉଥିବା ଅତିବଡୀ ଜଗନ୍ନାଥ ଦାସଙ୍କ ତାଳପତ୍ରର 'ଭାଗବତ ପୋଥି'ଙ୍କ ଜନ୍ମୋତ୍ସବ ପାଳନ କରାଯାଏ। ଭାଗବତ ପୋଥିକୁ ସ୍ୱୟଂ ବାସୁଦେବ ଭାବେ ପୂଜାର୍ଚ୍ଚନା କରି ଖିରି ପୁରି ଆଦି ଭୋଜିର ଆୟୋଜନ ହୋଇଥାଏ। ଜନମାନସରେ ଏହା ଭଗବାନ ବିଷ୍ଣୁଙ୍କ ଜୀବନ୍ତ ମୂର୍ତ୍ତିମନ୍ତ ପ୍ରତୀକ। ମହାପୁରୁଷ ଓ



ଦେବୀଦେବତା ମାନଙ୍କର ଜନ୍ମଦିନ ପାଳନ କରାଯାଇଥାଏ ମାତ୍ର ପୃଥିବୀରେ କୌଣସି ଜାତି ଗୋଟିଏ ଗ୍ରନ୍ଥର ଜନ୍ମଦିନ ପାଳନ କରିବା ପ୍ରାୟତଃ କୌଣସିଠାରେ ଦେଖାଯାଏ ନାହିଁ।

ଏକଦା ଭଗବାନ ବ୍ୟାସଦେବ ଅଷ୍ଟାଦଶ ପୁରାଣ ରଚନା କରିବା ସତ୍ତ୍ୱେ ବିରସ ବଦନରେ ବସି ଥାଆନ୍ତି। ଏହି ସମୟରେ ମହର୍ଷି ନାରଦ ଉପସ୍ଥିତ ହୋଇ ବ୍ୟାସଦେବଙ୍କ ଦୁଃଖର କାରଣ ବିଷୟରେ ଜାଣିବାକୁ ଚାହିଁବାରୁ, ବ୍ୟାସଦେବ କହିଲେ ମୁଁ ଅଷ୍ଟାଦଶ ପୁରାଣ ରଚନା କଲି ମାତ୍ର ମୋ ମନରେ ଶାନ୍ତି ନାହିଁ। ମହର୍ଷି କହିଲେ ଆପଣ ମହାଭାରତ ଭଳି ଯେଉଁ ଅଷ୍ଟାଦଶ ପୁରାଣ ରଚନା କରିଛନ୍ତି ଏଥିରେ ଆପଣ ମଣିଷର ସାଂସାରିକ, ସାମାଜିକ କଥା, ସମସ୍ୟା ଓ ସମାଧାନ ବର୍ଣ୍ଣନା କରିଛନ୍ତି, ଏଥିରେ ମାନସିକ ଶାନ୍ତି ପ୍ରାପ୍ତ ହେବ ନାହିଁ, ମାନସିକ ଶାନ୍ତି ପାଇଁ ଆପଣଙ୍କ ଭଗବତ୍ ବିଷୟରେ ରଚନା କଲେ ନିଶ୍ଚୟ ଶାନ୍ତି ପ୍ରାପ୍ତ ହେବ। ମହର୍ଷି ନାରଦଙ୍କ ଉକ୍ତି ଶୁଣି ବ୍ୟାସଦେବ ସରସ୍ୱତୀ ନଦୀ କୂଳରେ ଭାଦ୍ରବମାସ ପୂର୍ଣ୍ଣିମା ଦିନ ଏହି ଭାଗବତ ମହାପୁରାଣ ଗ୍ରନ୍ଥ ରଚନା କରିଥିଲେ। ଏଥିରେ ଥିବା ସୃଷ୍ଟି ଓ ସ୍ରଷ୍ଟାଙ୍କ ଅମୃତ ବାଣୀ ପରବର୍ତ୍ତୀକାଳରେ ସନାତନ ଧର୍ମର ସର୍ବଶ୍ରେଷ୍ଠ ମୂଲ୍ୟବାନ ସଂପଦ ହୋଇଯାଏ।

ବିଷ୍ଣୁପୁରାଣରୁ ଜଣାଯାଏ ଶ୍ରୀହରି ପୃଥିବୀ ତ୍ୟାଗକରି ଦିବ୍ୟଧାମକୁ ଗମନ କରିବାପରେ 'କଳିଯୁଗ' ପୃଥିବୀରେ ତାର ପ୍ରଭୁତ୍ୱ ବିସ୍ତାର କରିବାକୁ ଲାଗିଲା। ଦିନେ ରାଜା ପରୀକ୍ଷିତଙ୍କୁ 'କଳି' ଅନୁରୋଧ କରି କହିଲେ ସମୟର ଚକ୍ର ଅନୁସାରେ ସତ୍ୟ, ତ୍ରେତୟା ଓ ଦ୍ୱାପରେ ପରେ ବର୍ତ୍ତମାନ 'କଳି' ପୃଥିବୀ ପୃଷ୍ଠରେ ପ୍ରବେଶ କରିସାରିଲେଣି ଏବଂ ତାଙ୍କ ରାଜ୍ୟରେ ମଧ୍ୟ ପ୍ରବେଶ କରିବା ଉଚିତ୍। କୁହାଯାଏ ସତ୍ୟଯୁଗରେ ୪ଭାଗ ସତ୍ୟ, ତ୍ରେତୟାଯୁଗରେ ୩ ଭାଗ ସତ୍ୟ ୧ଭାଗ ମିଥ୍ୟା, ଦ୍ୱାପର ଯୁଗରେ ୨ଭାଗ ସତ୍ୟ ୨ଭାଗ ମିଥ୍ୟା ଓ କଳିଯୁଗରେ ୧ଭାଗ ସତ୍ୟ ଓ ୩ଭାଗ ମିଥ୍ୟା। ପରୀକ୍ଷିତ ଜଣେ କ୍ଷମାଶୀଳ ଓ ନ୍ୟାୟବାନ ଓ ନୀତିନିଷ୍ଠ ରାଜା ହୋଇଥିବାରୁ 'କଳି' ତାଙ୍କ ରାଜ୍ୟରେ ପ୍ରବେଶ କରିପାରୁ ନ ଥିଲେ। ରାଜା ପରୀକ୍ଷିତ ଏକ ସର୍ତ୍ତରଖିଲେ ଯେ 'କଳି' ସମସ୍ତ ସ୍ଥାନକୁ ପ୍ରବେଶ କରି ସାଧାରଣ ଓ ସରଳ ବ୍ୟକ୍ତିମାନଙ୍କୁ ଆଘାତ କରିବେ ନାହିଁ। ଯେଉଁଠି ଜୁଆଖେଳ, ପାନଶାଳା, ହିଂସା ଓ ବେଶ୍ୟାଳୟ ଭଳି ୪ଟି ସ୍ଥାନ ସେଠି 'କଳି' ପ୍ରବେଶ କରି ସେମାନଙ୍କ ଉପରେ ପ୍ରଭାବ ବିସ୍ତାର କରିବା ପାଇଁ ରାଜା ପରିକ୍ଷିତ ଅନୁମତି ଦେଲେ। 'କଳି' କହିଲେ ସେ ସବୁସ୍ଥାନ ତ ଗନ୍ଧିଆ ସ୍ଥାନ ଏ ସ୍ଥାନକୁ ସର୍ବଦା ଗନ୍ଧିଆ ଲୋକମାନେ ଆସନ୍ତି, ମୋତେ ଆଉ ଗୋଟିଏ ଭଲ ସ୍ଥାନ ଦିଅନ୍ତୁ ଯେଉଁଥିରେ ମୁଁ ଅବସ୍ଥାନ କରିବି। ତା'ପରେ ରାଜା ପରିକ୍ଷିତ 'କଳି'କୁ 'ସୁବର୍ଣ୍ଣ' ମଧ୍ୟରେ ରହିବାପାଇଁ ଅନୁମତି ଦେଲେ। ଯୁଗବାଦରେ ବର୍ତ୍ତମାନ କଳିଯୁଗର ୫୧୨୬ତମ ବର୍ଷ ଚାଲିଛି।

# ଅଗ୍ରପୂଜ୍ୟ ଦେବତା



ସନାତନ ହିନ୍ଦୁ ଧର୍ମର ଅଗ୍ରପୂଜ୍ୟ ଦେବତା ରୂପେ ଶ୍ରୀଗଣେଶ ସୁବିଦିତ। ତେଣୁ ଗଣପତିଙ୍କୁ ପ୍ରତ୍ୟେକ ଶୁଭକାର୍ଯ୍ୟ, ପୂଜାପାଠ କିମ୍ବା ନୂତନ କାର୍ଯ୍ୟ ଆରମ୍ଭ ପୂର୍ବରୁ ସର୍ବପ୍ରଥମେ ପୂଜକମାନେ ନିମ୍ନଲିଖିତ ବୈଦିକ ମନ୍ତ୍ରକୁ ପାଠ କରିଥାନ୍ତି:-

ହରି ଓଁ ।

**ଗଣାନାଂ ତ୍ୱା ଗଣପତି ହବାମହେ**
**ପ୍ରିୟାଣାଂ ତ୍ୱା ପ୍ରିୟପତି ହବାମହେ**
ନିଧିନାଂ ତ୍ୱା ନିଧିପତି ହବାମହେ,ବସୋ ମମ ।।

ଅର୍ଥାତ୍ :- ହେ ପ୍ରଭୁ ଗଣେଶ ! ଆପଣ ସମସ୍ତ ଜୀବଗଣ ଏବଂ ସମଗ୍ର ସୃଷ୍ଟି ସମୂହ (ଗଣ)ର ସ୍ୱାମୀ ବା ରକ୍ଷକ। ଆମ୍ଭେମାନେ ଆପଣଙ୍କୁ ଆବାହନ କରୁଛୁ। ସକଳ ପ୍ରିୟ ବସ୍ତୁ ଓ ଆନନ୍ଦଦାୟକ ଶକ୍ତିଗୁଡ଼ିକର ଆପଣ ସ୍ୱାମୀ ଅଟନ୍ତି। ସେଥିପାଇଁ ଆମ୍ଭେମାନେ ଆପଣଙ୍କୁ ପ୍ରଣାମ ପୂର୍ବକ ଆବାହନ କରୁଛୁ। ସେହିପରି ଆପଣ ସମସ୍ତ ପ୍ରକାରର ଐଶ୍ୱର୍ଯ୍ୟ, ଜ୍ଞାନ ଓ ସୁଖ-ସମୃଦ୍ଧି ରୂପକ ନିଧି (ରତ୍ନଭଣ୍ଡାର)ର ଅଧିପତି। ଆପଣଙ୍କୁ ଆମ୍ଭେମାନେ ଆମ ଜୀବନକୁ ଆସିବା ପାଇଁ ପ୍ରାର୍ଥନା କରୁଛୁ। ହେ ପ୍ରଭୁ ! ଆପଣ ମୋ ଭିତରେ ବାସ କରନ୍ତୁ ଏବଂ ମୋତେ ନିଜ ଶରଣରେ ରଖନ୍ତୁ। ଗଜାନନଙ୍କୁ କେବଳ ଅଗ୍ରପୂଜ୍ୟ ଭାବେ ପୂଜା କରାଯାଏ ନାହିଁ, ଅପିତୁ ବିଦ୍ୟାରମ୍ଭ ସମୟରେ, ବିବାଦ କାଳରେ , ପ୍ରବାସ ସ୍ଥାନରେ, ନିର୍ଜନ ଜାଗାରେ , ସଂଗ୍ରାମ ସ୍ଥଳରେ ଏବଂ ଘୋର ସଙ୍କଟ ବେଳରେ ଏହି ଦେବଙ୍କ ଦ୍ୱାଦଶ ନାମକୁ ସ୍ମରଣ କଲେ ମଣିଷ ସମସ୍ତ ଦୁଃଖ ଓ କଷ୍ଟରୁ ଉଦ୍ଧାର ପାଇଥାଏ। ଯାହାର ଦୃଷ୍ଟାନ୍ତ ସ୍କନ୍ଦ ପୁରାଣରେ ରହିଛି :-

ସୁମୁଖଶ୍ଚୈକଦନ୍ତଶ୍ଚ କପିଲୋ ଗଜକର୍ଣ୍ଣକଃ ।
ଲମ୍ବୋଦରଶ୍ଚ ବିକଟୋ ବିଘ୍ନନାଶୋ ଗଣାଧିପଃ
ଧୂମ୍ରକେତୁର୍ଗଣାଧକ୍ଷୋ ଭାଲଚନ୍ଦ୍ରୋ ଗଜାନନଃ
।
ଦ୍ୱାଦଶୈତାନି ନାମାନି ଯଃ ପଠେଚ୍ଛୃଣୁୟାଦପି
ବିଦ୍ୟାରମ୍ଭେ ବିବାହେ ଚ ପ୍ରବେଶେ ନିର୍ଗମେ ତଥା । ସଂଗ୍ରାମେ ସଙ୍କଟେ ଚୈବ ବିଘ୍ନସ୍ତସ୍ୟ ନ ଜାୟତେ ।।

***-ହେମନ୍ତ ଗନ୍ତାୟତ***

*ମୋ:୯୮୬୧୩୩୪୮୬୮*

# ପୌରାଣିକ କଥା



ଶିବ ପୁରାଣ ଅନୁଯାୟୀ ଦେବୀ ପାର୍ବତୀ ନିଜଦେହରୁ ନିର୍ଗତ ହଳଦିମଳୁରୁ ଏକ ମୂର୍ତ୍ତି ଗଠନ କଲେ ଏବଂ ତାକୁ ଜୀବନ ଦାନ ଦେଲେ। ପାର୍ବତୀ ଏହାଙ୍କୁ ଦ୍ୱାର ଜଗାଇ ଏବଂ ଭିତରକୁ କାହାକୁ ପ୍ରବେଶ ନ କରେଇବା ପାଇ ଆଦେଶ ଦେଇ ସ୍ନାନ କରିବାକୁ ଗଲେ । ଠିକ ସେହି ସମୟରେ ମହାଦେବ ଘରକୁ ଫେରି ଭିତରକୁ ପ୍ରବେଶ କରନ୍ତେ, ବାଳକ ଗଣେଶ ଆପଣା ପିତାଙ୍କୁ ଚିହ୍ନି ନ ପାରି ବାଟ ଛାଡ଼ିଲେ ନାହିଁ । ମହାଦେବ ଯେତେ ବୁଝାଇବାକୁ ଚେଷ୍ଟା କରି ବିଫଳ ହେବା ପରେ କ୍ରୋଧ ଜର୍ଜରିତ ହୋଇ ଶିର ଛେଦନ କଲେ । ପରେ ପାର୍ବତୀଙ୍କ ନିକଟରୁ ଏହାଙ୍କର ପରିଚୟ ପାଇ ଫେରି ଆସି ଦେଖିଲା ବେଳକୁ ମୁଣ୍ଡହୀନ ଗଣ୍ଡିଟି ପଡ଼ିଅଛି । ମହାଦେବ ମୁଣ୍ଡ ଖୋଜି ନ ପାଇ ଉତ୍ତରଦିଗକୁ ମୁଣ୍ଡକରି ଶୋଇଥିବା ଗୋଟିଏ ହାତୀର ମୁଣ୍ଡକୁ କାଟି ଆଣି ଏହାଙ୍କ ଗଣ୍ଡିରେ ଯୋଡ଼ି ଜୀବନ ଦାନ କଲେ । ଏ ମହାଦେବଙ୍କ ପ୍ରମଥ ଗଣର ସେନାପତି। ପୌରାଣିକ ମତେ ଗଣେଶ ବ୍ୟାସୋକ୍ତ ମହାଭାରତର ଲେଖକ। ଭାଦ୍ରବ ମାସ ଶୁକ୍ଳ ପକ୍ଷ ଚତୁର୍ଥୀ ଦିନ ଗଣେଶଙ୍କର ସ୍ୱତନ୍ତ୍ର ପୂଜା ହୁଏ । ରକ୍ତ ଚନ୍ଦ୍ର, ରକ୍ତ ପୁଷ୍ପରେ ଏହାଙ୍କୁ ପୂଜା କରାଯାଏ । ଏହାଙ୍କର ଗଜମସ୍ତକ, ଏକଦନ୍ତ, ଥନ୍ତଲ ପେଟ ଓ ସାପ ପଇତା । ଏହାଙ୍କର ବାହନ ମୂଷା । ଗଣେଶ ଚତୁର୍ଥୀ, ବିକ୍ରମ ସଂବତର ଭାଦ୍ରବ ଶୁକ୍ଳ ଚତୁର୍ଥୀରେ ପାଳନ କରାଯାଏ । ଏହି ଶୁଭଦିନକୁ ହିନ୍ଦୁଧର୍ମରେ ଗଣେଶଙ୍କ ଜନ୍ମ ଦିନ ଭାବେ ପାଳନ କରାଯାଏ । ଏହି ପର୍ବ ଦଶଦିନ ଧରି ଚାଲେ ଓ ଅନନ୍ତ ଚତୁର୍ଦ୍ଦଶୀରେ ସମାପ୍ତ ହେଇଥାଏ । ଗଣେଶ ଆଦିଦେବ ଭାବରେ ପରିଚିତ।ସେ ସବୁଯୁଗରେ ଅବତାର ନେଇଥିବାର କୁହାଯାଏ। ସତ୍ୟ ଯୁଗରେ ଋଷି କଶ୍ୟପ ଓ ଅଦିତିଙ୍କ ଘରେ ମହଙ୍କତ ବିନାୟକ ରୂପରେ ଜନ୍ମ ନେଇ ଦେବାନ୍ତକ ଓ ନରାନ୍ତକ ନାମକ ରାକ୍ଷସଙ୍କୁ ବଧ କରିଥିଲେ। ତ୍ରେତୟା ଯୁଗରେ ଭାଦ୍ରବ ଶୁକ୍ଳପକ୍ଷ ଚତୁର୍ଥୀରେ ଉମାଙ୍କ ଘରେ ଜନ୍ମି,ଗଣେଶ ରୂପରେ ଜନ୍ମିସିନ୍ଧୁ ନାମକ ରାକ୍ଷସକୁ ବଧ କରିବା ସହ ବ୍ରହ୍ମାଙ୍କ ପୁତ୍ରୀ ଦ୍ୱୟ ରିଦ୍ଧି ଓ ସିଦ୍ଧିଙ୍କୁ ବିବାହ କରିଥିବାର ପୁରାଣରେ ବର୍ଣ୍ଣିତ।



# ନୃତ୍ୟଗଣେଶ





ଅତି ଆନନ୍ଦରେ ନୃତ୍ୟ କରୁଛନ୍ତି ଗଜାନନ । ବଡ଼ଠାକୁରଙ୍କ ରଥରେ ବିରାଜମାନ କରି ଠାକୁରେ ବେଶ୍ ଖୁସି । ଠାକୁରେ ଅଷ୍ଟଭୁଜା ନୃତ୍ୟ ଗଣେଶ । ଉପର ଦୁଇ ହସ୍ତରେ ସର୍ପ । ଅନ୍ୟ ହସ୍ତରେ ପାଶ, ଅଙ୍କୁଶ, ମାଳି ଓ ଘଣ୍ଟି ଧାରଣ କରିଥାନ୍ତି । ଘଣ୍ଟି ହେଉଛି ଶୁଭଙ୍କର ଅର୍ଥାତ୍ ଶୁଭର ପ୍ରତୀକ । ଘଣ୍ଟି ଧ୍ୱନିରେ ନକାରାତ୍ମକ ଶକ୍ତିର ବିଲୋପ ହୋଇଥାଏ । ସାଧାରଣତଃ ଏହି ଚତୁର୍ଭୁଜ ମୂର୍ତ୍ତିଙ୍କ ହାତରେ ନିଜର ଭଙ୍ଗା ଦନ୍ତ, ଅଙ୍କୁଶ, ପାଶ ଏବଂ କୁଠାର (ପରଶୁ) ଶୋଭା ପାଇଥାଏ । ତାଙ୍କର ବକ୍ର ଶୁଣ୍ଢର ଅଗ୍ରଭାଗରେ ସେ ନିଜର ପ୍ରିୟ ମୋଦକ (ଲଡୁ) ଧାରଣ କରିଥାନ୍ତି । ଗଣେଶଙ୍କର ଏହି ନୃତ୍ୟରେ ପିତା ଭଗବାନ ଶିବଙ୍କ 'ତାଣ୍ଡବ' ଓ ମାତା ପାର୍ବତୀଙ୍କ 'ଲାସ୍ୟ' ନୃତ୍ୟର ଏକ ସୁନ୍ଦର ସମାହାର ଦେଖିବାକୁ ମିଳେ, ଯାହା ସୃଷ୍ଟିର ଆନନ୍ଦ ଓ ସନ୍ତୁଳନକୁ ଦର୍ଶାଇଥାଏ । ନୃତ୍ୟଗଣେଶଙ୍କୁ ସଙ୍ଗୀତ, ନୃତ୍ୟ ଏବଂ ସମସ୍ତ ପ୍ରକାର ଲଳିତ କଳାର ପୃଷ୍ଠପୋଷକ ବା ଗୁରୁ ଭାବେ ଗ୍ରହଣ କରାଯାଏ । ସେଥିପାଇଁ କଳାକାରମାନେ ନିଜର ସିଦ୍ଧି ପାଇଁ ଏହି ରୂପକୁ ଆରାଧନା କରନ୍ତି । ଭାଗ୍ୟ ଓ ସମୃଦ୍ଧିର ପ୍ରତୀକ ଭାବେ ଘରେ ନୃତ୍ୟଗଣେଶଙ୍କ ମୂର୍ତ୍ତି ବା ଚିତ୍ର ରଖିବା ଦ୍ୱାରା ନକାରାତ୍ମକ ଶକ୍ତି ଦୂର ହୁଏ ଏବଂ ସୁଖ-ଶାନ୍ତି ବୃଦ୍ଧି ପାଏ ବୋଲି ବିଶ୍ୱାସ ରହିଛି ।

# ଅବ୍ୟବସ୍ଥା ମଧ୍ୟରେ ରେଭେନ୍ସାର ଦ୍ୱିତୀୟ କ୍ୟାମ୍ପସ

## ଗର୍ଜିଲେ ଛାତ୍ରଛାତ୍ରୀ, ପ୍ରତିଶ୍ରୁତି ଦେଲେ କୁଳପତି



କଟକ(ନିପ୍ର): ୧୫୦ ଏକରରୁ ଊର୍ଦ୍ଧ୍ୱ ଜାଗାରେ ତିଆରି ହୋଇଥିବା ରେଭେନ୍ସା ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସରେ ସର୍ବନିମ୍ନ ସୁବିଧା ସୁଯୋଗ ନଥିବା ଅଭିଯୋଗ ଆଣି ଧାରଣାରେ ବସିଲେ ଛାତ୍ରଛାତ୍ରୀ। ତୁରନ୍ତ ସମସ୍ୟାଗୁଡ଼ିକର ସମାଧାନ କରିବା ନିମନ୍ତେ ସେମାନେ ଦାବି କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ ହଷ୍ଟେଲ ବ୍ୟବସ୍ଥା ଆରମ୍ଭ ହୋଇଥିଲେ ମଧ୍ୟ କୌଣସି ଅଧ୍ୟାପକ, ଅଧ୍ୟାପିକା କିମ୍ବା ୱାର୍ଡେନ୍ କ୍ୟାମ୍ପସରେ ରହୁ ନାହାନ୍ତି। ଶ୍ରେଣୀ ଗୃହରେ ସ୍ମାର୍ଟ ବୋର୍ଡ ଲାଗିଥିଲେ ମଧ୍ୟ ତାହା କାମ କରୁ ନାହିଁ। କ୍ୟାମ୍ପସରେ ଅନାବନା ଗଛ ଓ ବୁଦା ସଫା ହେଉନଥିବାରୁ ପରିବେଶ ଅସ୍ୱାସ୍ଥ୍ୟକର ହେବା ସହ ବନ୍ୟପ୍ରାଣୀଙ୍କ ଭୟ ରହୁଛି। କ୍ୟାମ୍ପସ ପରିସରରେ ମେଡିକାଲ ସୁବିଧା ନାହିଁ। ୟୁନିଭର୍ସିଟି ବସ୍ ସେବା ନଥିବାରୁ ଜରୁରୀ ସମୟରେ ଛାତ୍ରଛାତ୍ରୀଙ୍କୁ ହଇରାଣ ହେବାକୁ ପଡୁଛି। ଛାତ୍ରଛାତ୍ରୀମାନେ ଆହୁରି ଅଭିଯୋଗ କରିଛନ୍ତି ଯେ ଦ୍ୱିତୀୟ କ୍ୟାମ୍ପସରେ ଫିଜିକ୍ସ ଓ କେମିଷ୍ଟ୍ରି ଲାବ୍ ନଥିବାରୁ ପ୍ରାକ୍ଟିକାଲ ପାଇଁ ସଂପୃକ୍ତ ବିଭାଗର ଛାତ୍ରଛାତ୍ରୀଙ୍କୁ ୧୫ କିଲୋମିଟର ଦୂରରେ ଥିବା ପ୍ରଥମ କ୍ୟାମ୍ପସକୁ ବାରମ୍ବାର ଯିବାକୁ ପଡୁଛି। ଫଳରେ ଏହା ସେମାନଙ୍କ ପାଇଁ ଏକ ବଡ଼ ସମସ୍ୟା ହୋଇଛି। ଏସବୁ ସମସ୍ୟା ନେଇ ପୂର୍ବରୁ ବାରମ୍ବାର ଅଭିଯୋଗ କରାଯାଇଛି। କିନ୍ତୁ ଆବଶ୍ୟକ ପଦକ୍ଷେପ ନିଆଯାଇନାହିଁ। ରେଭେନ୍ସାର ଆଇଟିଏମର ବିଭାଗ ମୁଖ୍ୟ ରତିକାନ୍ତ ବିଶ୍ୱାଳ କହିଛନ୍ତି ଯେ ଲ୍ୟାବ୍ ସମସ୍ୟାକୁ ନେଇ ସେ ଉଚ୍ଚ ଅଧିକାରୀଙ୍କୁ ଅବଗତ କରିଛନ୍ତି । ଅନ୍ୟପଟେ ରେଭେନ୍ସା ବିଶ୍ୱବିଦ୍ୟାଳୟ କୁଳପତି ଅର୍କ କୁମାର ଦାସ ମହାପାତ୍ର କହିଛନ୍ତି ଯେ ଛାତ୍ରଛାତ୍ରୀଙ୍କ ଅଭିଯୋଗ ତାଙ୍କ ହସ୍ତଗତ ହୋଇଛି। ଖୁବଶୀଘ୍ର ସେ ଦ୍ୱିତୀୟ କ୍ୟାମ୍ପସ ପରିଦର୍ଶନ କରି ସମସ୍ୟାଗୁଡ଼ିକର ସମାଧାନ ଦିଗରେ ପଦକ୍ଷେପ ନେବେ। ବର୍ଷାଦିନ ଯୋଗୁ ଅନାବନା ଗଛ ଓ ବୁଦା ବଢ଼ିଥିବାରୁ ଏହାକୁ ଶୀଘ୍ର ସଫା କରିବାକୁ ଅଧିକାରୀଙ୍କୁ କୁହାଯାଇଛି। ରେଭେନ୍ସା ଦ୍ୱିତୀୟ କ୍ୟାମ୍ପସର ଅବ୍ୟବସ୍ଥା ଛାତ୍ରଛାତ୍ରୀଙ୍କ ଚିନ୍ତାର କାରଣ ହୋଇଥିବା ବେଳେ କର୍ତ୍ତୃପକ୍ଷ କେବେ ସମସ୍ୟାର ସମାଧାନ କରୁଛନ୍ତି, ତାକୁ ସମସ୍ତେ ଅପେକ୍ଷା କରିଛନ୍ତି।

## ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ପୁରୀ,(ନିପ୍ର): ଶନିବାର ଦିନ ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ ଆନୁକୂଲ୍ୟରେ ପୁରୀ ସମେତ ନିମାପଡା,ପିପିଲି,କୋଣାର୍କ ,କଣାସ , ବ୍ରହ୍ମଗିରି, ଅସ୍ତରଙ୍ଗ, କାକଟପୁର ଓ ସତ୍ୟବାଦୀ କୋର୍ଟରେ ମଧ୍ୟ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକାରଣର ଅଧକ୍ଷ୍ୟ ତଥା ଜିଲ୍ଲା ଓ ଦୌରାଜଜ ଆନନ୍ଦ ନାରାୟଣ ମହାରଣାଙ୍କ ତତ୍ୱାବଧାନରେ ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ, ପରିତୋଷ କୁମାର ସେଠୀଙ୍କ ପରିଚାଳନାରେ ଏହି ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଅଦାଲତରେ ୧୬୯୫୦ ଗୋଟି ମକଦମା ଫଇସଲା କରାଯିବା ସହ ଜୋରିମାନା ଓ କ୍ଷତିପୂରଣ ବାବଦରେ ୬,୫୦,୬୨,୧୦୫/-ଟଙ୍କା ଆଦାୟ କରାଯାଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଜିଲ୍ଲା ଓ ଦୌରାଜଜ ଆନନ୍ଦ ନାରାୟଣ ମହାରଣା ଏହାକୁ ଉଦଘାଟନ କରିଥିଲେ। ପରିବାର ଅଦାଲତ ବିଚାରପତି ଇତିଶ୍ରୀ ମହାପାତ୍ର, ପ୍ରଥମ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ସୈକତ ପାତ୍ର, ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ଡକ୍ଟର ଦୀପକ ରଞ୍ଜନ ସାହୁ, ତୃତୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ମିସ ଚିନ୍ମୟୀ ଦେହୁରି, ମୁଖ୍ୟ ବିଚାରପତି ପ୍ରସନ୍ନ କୁମାର ବେହେରା, ବରିଷ୍ଠ ଦେୱାନି ବିଚାରପତି ସୋମ୍ୟରୁପ ସାହୁ, ଅତିରିକ୍ତ ବରିଷ୍ଠ ଦେୱାନି ବିଚାରପତି ପ୍ରଜ୍ଞା ପଣ୍ଡା , ଦ୍ୱିତୀୟ ଅତିରିକ୍ତ ବରିଷ୍ଠ ଦେୱାନି ବିଚାରପତି ସୋନାଲୀ ଅପରାଜିତା ମାମଲା ଗୁଡିକର ବିଚାର କରିଥିଲେ । ଲୋକ ଅଦାଲତରେ ୬୭ ଗୋଟି ମୋଟର ଦୁର୍ଘଟଣା ମାମଲା ବିଚାର କରାଯାଇ ୩ ,୮୪ ,୩୯ ,୦୦୦ /- ଟଙ୍କା ଆଦାୟ କରାଯାଇଛି ।

## ବରିଷ୍ଠ ସାମ୍ବାଦିକଙ୍କ ବିୟୋଗ



କାକଟପୁର (ନିପ୍ର): ଅସ୍ତରଙ୍ଗ ଅଞ୍ଚଳର ଅନ୍ୟତମ ବରିଷ୍ଠ ସାମ୍ବାଦିକ ପ୍ରମୋଦ କୁମାର ଦାସ (୬୫) ଙ୍କ ଗତରାତିରେ ଏକ ଘରୋଇ ହସପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ବିୟୋଗ ଘଟିଛି। ଅସ୍ତରଙ୍ଗ ବ୍ଲକ୍‌ର 'ନିର୍ଭୟ' ପ୍ରତିନିଧି , ଅସ୍ତରଙ୍ଗ ପ୍ରେସ୍ କ୍ଲବ୍ କଲ୍ୟାଣ ପାଣ୍ଠିର ଅଧ୍ୟକ୍ଷ , ଅସ୍ତରଙ୍ଗ ମା ଲକ୍ଷ୍ମୀ କ୍ଲବ୍‌ର ସଭାପତି ଭାବେ ଗୁରୁ ଦାୟିତ୍ୱ ସମ୍ପାଦନା କରିଥିଲେ ।ପୁରୀ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ ତାଙ୍କ ଶେଷ ଦର୍ଶନ କରିବା ସମୟରେ ଅସ୍ତରଙ୍ଗ ଜଣେ ଦକ୍ଷ ଓ ନିର୍ଭୀକ ସାମ୍ବାଦିକଙ୍କୁ ହରାଇଲା ବୋଲି କହିଛନ୍ତି । ତାଙ୍କ ପରଲୋକରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ତୁଷାରକାନ୍ତି ବେହେରା , ରାଜ୍ୟ କଂଗ୍ରେସ ଉପସଭାପତି ସତ୍ୟବ୍ରତ ପାତ୍ର , ବ୍ଲକ୍ ଯୁବ ବିଜୁ ଜନତା ଦଳ ସଭାପତି ପ୍ରଶାନ୍ତ କୁମାର ନାୟକ , କାକଟପୁର ପ୍ରେସ କ୍ଲବର ସଭାପତି କମଳ ଲୋଚନ ଦୀକ୍ଷିତ,ପୁରୀଜିଲ୍ଲା ପେସାଦାର ସାମ୍ବାଦିକ ସଂଘର ସାଧାରଣ ସମ୍ପାଦକ ଆଦିତ୍ୟ କୁମାର ରାଉତ, ଅସ୍ତରଙ୍ଗ ପ୍ରେସ କ୍ଲବର ଶୃଙ୍ଖଳା କମିଟି ଅଧ୍ୟକ୍ଷ ଜଗନ୍ନାଥ ବେହୁରା , ସଭାପତି ଶରତ କୁମାର ପରିଡା ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି।

## ୧୪ରୁ ଜଙ୍କିଆ ପଲ୍ଲୀ ଉତ୍ସବ

ନିରାକାରପୁର, (ନିପ୍ର) : ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ସ୍ଥିତ ବାଲିଗାଡ଼ିଆ ବାସନ୍ତୀ କ୍ଲବ ପରିସରରେ 'ଜଙ୍କିଆ ପଲ୍ଲୀ ଉତ୍ସବ-୨୦୨୬' ପାଇଁ ଏକ ପ୍ରସ୍ତୁତି ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଜଙ୍କିଆ ପଲ୍ଲୀ ଉତ୍ସବର ସଭାପତି କୃଷ୍ଣ ଚନ୍ଦ୍ର ନରେନ୍ଦ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ମୁଖ୍ୟ ସଂଯୋଜକ ବିଶ୍ୱ ଭୂଷଣ ଛୋଟରାୟ, ଉପସ୍ଥାପକ କମଲେଶ ମହାରଣା ଓ ବରିଷ୍ଠ ଉପଦେଷ୍ଟା ସୁରେନ୍ଦ୍ର ନାଥ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ବୌଦ୍ଧରେ 'ମାଇଁ ଭାରତ' ଜିଲ୍ଲା ପରାମର୍ଶଦାତା କମିଟି ବୈଠକ

ବୌଦ୍ଧ,(ନି.ପ୍ର): ବୌଦ୍ଧ ଜିଲ୍ଲାର 'ମାଇ ଭାରତ' ଜିଲ୍ଲା ପରାମର୍ଶଦାତା କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂସ୍କୃତି ଅଧିକାରୀ ଅଙ୍କିତା ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଜିଲ୍ଲାର ୧୨ରୁ ଅଧିକ ବିଭାଗର ମୁଖ୍ୟ ଓ ପ୍ରତିନିଧିମାନେ ଯୋଗଦେଇଥିଲେ। ବୈଠକରେ ମାଇ ଭାରତ, ବୌଦ୍ଧର ଜିଲ୍ଲା ଯୁବ ଅଧିକାରୀ ଆସିଷ୍ଟାଣ୍ଟ ଡାଇରେକ୍ଟର ପ୍ରଶାନ୍ତ ରାଜପୁତ 'ମାଇ ଭାରତର' ବିଭିନ୍ନ କାର୍ଯ୍ୟକଳାପ, ଯୁବମାନଙ୍କ ପାଇଁ ଉପଲବ୍ଧ ସୁଯୋଗ ଓ ଯୁବ ସହଭାଗିତା ସମ୍ପର୍କରେ ବିସ୍ତୃତ ଉପସ୍ଥାପନା ରଖିଥିଲେ। ଯୁବମାନଙ୍କୁ ଅଧିକ ସଂଖ୍ୟାରେ ସରକାରୀ ଯୋଜନା, ଦକ୍ଷତା ବିକାଶ, ସ୍ୱେଚ୍ଛାସେବା, ସାମାଜିକ କାର୍ଯ୍ୟକ୍ରମ ଓ ରାଷ୍ଟ୍ର ନିର୍ମାଣମୂଳକ କାର୍ଯ୍ୟ ସହ ଯୋଡ଼ିବା ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ଦୃଢ଼ ଆନ୍ତଃବିଭାଗୀୟ ସମନ୍ୱୟର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

## ପ୍ରଭୁ ଶ୍ରୀନୀଳମାଧବଙ୍କୁ ଦର୍ଶନ କଲେ ମନ୍ତ୍ରୀ,ସାଂସଦ ଓ ବିଧାୟକ



କଣ୍ଟିଲୋ,(ନି.ପ୍ର): ରାଜ୍ୟ ଆଇନ,ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କଣ୍ଟିଲୋ ଅଞ୍ଚଳକୁ ଶନିବାର ଗସ୍ତରେ ଆସି ପ୍ରଭୁ ଶ୍ରୀ ନୀଳମାଧବଙ୍କୁ ଦର୍ଶନ କରିବା ସହ ମନ୍ଦିର ବେଢା ପରିକ୍ରମା କରିଥିଲେ। ମନ୍ତ୍ରୀଙ୍କ ସହ କଟକ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ ମନ୍ଦିର ପରିଦର୍ଶନ କରିବା ସମୟରେ ମନ୍ଦିରର ବିଭିନ୍ନ ଅଭାବ ଅସୁବିଧା ସମ୍ପର୍କରେ ସେବାୟତମାନଙ୍କ ଠାରୁ ପଚାରି ବୁଝିଥିଲେ। ମନ୍ତ୍ରୀଙ୍କ ସହ ସେଠାରେ ଉପସ୍ଥିତ ଥିବା ଖଣ୍ଡପଡା ବିଧାୟକ ଇଂ.ଦୁଷ୍ମନ୍ତ କୁମାର ସ୍ୱାଇଁ ମଧ ବିଭିନ୍ନ ପ୍ରସଙ୍ଗ ଉପରେ ସେବାୟତମାନଙ୍କ ସହ ଆଲୋଚନା କରିଥିଲା ବେଳେ ତୁରନ୍ତ ପଦକ୍ଷେପ ଗ୍ରହଣ ନେଇ ମନ୍ତ୍ରୀ ପ୍ରତିଶୃତି ଦେଇଥିଲେ। ମନ୍ତ୍ରୀଙ୍କ ଗସ୍ତ ଅବସରରେ ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ, ପୂର୍ତ୍ତ ବିଭାଗ,ଅବକାରୀ ବିଭାଗର ବରିଷ୍ଠ ଅଧିକାରୀଙ୍କ ସମେତ ଜିଲ୍ଲା ପୁଲିସ ପ୍ରଶାସନର ବରିଷ୍ଠ ଅଧିକାରୀ, ଖଣ୍ଡପଡା ତହସିଲଦାର ବିଶ୍ୱ ବିଶୃତ ତ୍ରିପାଠୀ,ବିଡିଓ ଅଙ୍କୁର ଅଭିଳାଷ ଓ ଦଳୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ। ପ୍ରଭୁ ଶ୍ରୀନୀଳମାଧବଙ୍କୁ ଦର୍ଶନ କରିବା ପରେ କଣ୍ଟିଲୋ ପୂର୍ତ୍ତ ବିଭାଗ ବଙ୍ଗଳା ପରିସରରେ ସମସ୍ତ ଅଧିକାରୀମାନଙ୍କ ଉପସ୍ଥିତିରେ ନୟାଗଡ଼ ଜିଲ୍ଲାର ସାମଗ୍ରିକ ବିକାଶ ନେଇ ଆଲୋଚନା କରାଯିବା ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ଓବିସିସିର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଟିକିନା ସାମନ୍ତରାୟ, ଅଧିକ୍ଷଣ ଯନ୍ତ୍ରୀ ପ୍ରାଚୀ ତମାସା, କନିଷ୍ଠ ଯନ୍ତ୍ରୀ ସୁରଜ ଦାସଙ୍କ ସମେତ ନୀଳମାଧବ ପରିକ୍ରମା ପ୍ରକଳ୍ପର ପରିଚାଳକ ଇଂ ଭକ୍ତ ହରି ଜେନା ପ୍ରମୁଖ ଉପସ୍ଥିତ ଥିବା ଜଣାପଡିଛି।

## ମିଠା ପରେ ଏବେ ବଢ଼ିଲା ଫଳର ଦର

## ସେଉ ୨୦୦ ଟଙ୍କାକୁ ଅଙ୍ଗୁର ୨୩୦ ଟଙ୍କା

କଟକ(ନିପ୍ର): ଆସୁଛି ପାର୍ବଣ ଋତୁ। ଏଥିପାଇଁ ଗାଁ ଠୁ ସହର ସବୁଠି ଉତ୍ସାହର ମାହୋଲ। କିନ୍ତୁ ଏହି ଉତ୍ସାହକୁ ଫିକା ପକାଇଦେଇଛି ଦରଦାମ। ଗୋଟିଏ ପଟେ ପୂଜା ପାଇଁ ଫଳମୂଳର ଦାମ୍ ଆକାଶଛୁଆଁ ରହିଥିବା ବେଳେ ଅନ୍ୟପଟେ ମିଠାର ଦାମ୍ ମଧ୍ୟ ବୃଦ୍ଧି ପାଇଛି। ଯେଉଁଥିପାଇଁ ଲୋକମାନେ ଏବେ ଚିନ୍ତାରେ ପଡ଼ିଛନ୍ତି। ଆସୁଛି ଗଣେଶ ପୂଜା। ଧରାବତରଣ କରିବେ ପ୍ରଭୁ ଗଜାନନ। ଏଥିପାଇଁ ଗାଁଠୁ ସହର ସବୁଠି ଉତ୍ସା। କିନ୍ତୁ ଏହି ଉତ୍ସାହକୁ ଫିକା କରି ଦେଉଛି ଦରଦାମ। ବଜାରରେ ଫଳ ଠାରୁ ଆରମ୍ଭ କରି ମିଠା ସବୁକିଛିର ଦାମ୍ ବଢ଼ିଛି। ପାର୍ବଣ ପୂର୍ବରୁ ବଜାରରେ ଚିନି ଓ ଛେନାର ଦାମ୍ ବୃଦ୍ଧି ପାଉଛି। ଅନ୍ୟପଟେ ଏହାର ସିଧାସଳଖ ପ୍ରଭାବ ମିଠା ଦୋକାନ ଉପରେ ପଡ଼ିଛି। ମିଠାର ଦାମ୍ ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ମିଠାର ସାଇଜ ମଧ୍ୟ ଛୋଟ ହୋଇଯାଇଛି। ଆଉ କିଛି ମିଠା ଦୋକାନୀ ସାଇଜ ଛୋଟ ନକରି ଦାମ୍ ଅଧିକ ବଢ଼ାଇ ଦେଇଛନ୍ତି। ଅନ୍ୟପଟେ ଚିନି, ଛେନା ଓ ଗ୍ୟାସ୍‌ର ଦର ବଢ଼ିଥିବାରୁ ମିଠାର ଦାମ୍ ବଢୁଛି ବୋଲି ଦୋକାନୀ କହିଛନ୍ତି। ସେପଟେ ପୂଜାର ମୁଖ୍ୟ ସାମଗ୍ରୀ ଫଳ ଦର ବି ଆକାଶ ଛୁଆଁ। ସେଓ କିଲୋ- ୨୦୦, ଅଙ୍ଗୁର- ୨୩୦, ଡାଳିମ୍ବ- ୨୪୦, କମଳା- ୩୫୦, ଆତ - ୧୨୦, ପିଜୁଳି- ୧୦୦, ନାସପାତି- ୧୨୦, ଅଷ୍ଟ୍ରେଲିଆ ଅଙ୍ଗୁର- ୪୦୦, ଡ୍ରାଗନ ଫ୍ରୁଟ୍- ୨୫୦ ଓ କଦଳୀ କିଲୋ- ୫୦ ଟଙ୍କା ରହିଛି।

## ଶାନ୍ତିଶୃଙ୍ଖଳାରେ ଗଣେଶ ପୂଜା ପାଇଁ ବୁଗୁଡ଼ା ଥାନାରେ ବୈଠକ

ବୁଗୁଡ଼ା,(ନିପ୍ର): ଆସନ୍ତା ଗଣେଶ ପୂଜା ଓ ବିସର୍ଜନ ଉତ୍ସବକୁ ଶାନ୍ତିଶୃଙ୍ଖଳା ପରିସ୍ଥିତି ବଜାୟ ରଖି ପାଳନ କରିବା ନେଇ ଆଜି ବୁଗୁଡ଼ା ଥାନା ପରିସରରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୁଗୁଡ଼ା ଥାନାଧିକାରୀ ସୀତାଂଶୁ ଶେଖର ମାନ୍ଧାତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ବୁଗୁଡ଼ା ବ୍ଲକର ସମସ୍ତ ଗଣେଶ ପୂଜା କମିଟିର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ପୂଜା ଓ ବିସର୍ଜନ ଶୋଭାଯାତ୍ରାକୁ ଶାନ୍ତିପୂର୍ଣ୍ଣ ଭାବେ ସମ୍ପାଦନ କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ କେତେକ କଡ଼ା ନିୟମାବଳୀ ଜାରି କରାଯାଇଛି। ବୈଠକରେ ଗ୍ରହଣ କରାଯାଇଥିବା ମୁଖ୍ୟ ନିଷ୍ପତ୍ତିଗୁଡ଼ିକ ହେଲା ଡିଜେ ସାଉଣ୍ଡ ବ୍ୟବହାର ପାଇଁ ପୂର୍ବରୁ ଅନୁମତି ନେବା ବାଧ୍ୟତାମୂଳକ ଏବଂ ନିର୍ଦ୍ଧାରିତ ଡେସିବେଲ୍ ସୀମା ମଧ୍ୟରେ ହିଁ ଶବ୍ଦ ବଜାଯାଇପାରିବ। ରାତି ୧୦ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ଲାଉଡସ୍ପିକର କିମ୍ବା କୌଣସି ପ୍ରକାର ଉଚ୍ଚ ଶବ୍ଦ ସୃଷ୍ଟି କରୁଥିବା ଯନ୍ତ୍ରର ବ୍ୟବହାରକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି।

## ଗଞ୍ଜାମରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

## ୫୧,୧୩୩ଟି ମାମଲାର ଆପୋସ ସମାଧାନ



ବ୍ରହ୍ମପୁର,(ନିପ୍ର): ଗଞ୍ଜାମ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଆଜି ଜିଲ୍ଲାର ବିଭିନ୍ନ ଅଦାଲତରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ଜିଲ୍ଲା କୋର୍ଟ ସମେତ ଜିଲ୍ଲାର ସମସ୍ତ ଅଦାଲତରେ ଆୟୋଜିତ ଏହି ଲୋକ ଅଦାଲତରେ ମୋଟ ୫୧,୧୩୩ଟି ମାମଲାର ଆପୋଷ ସମାଧାନ କରାଯାଇଥିବା ବେଳେ ସମୁଦାୟ ୧୦ କୋଟି ୫ ଲକ୍ଷ ୭୮ ହଜାର ୮୧୫ ଟଙ୍କା ପ୍ରଦାନ ପାଇଁ ଆଦେଶ ହୋଇଛି। ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ଅଶାନ୍ତ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଲୋକ ଅଦାଲତ ପାଇଁ ବିଭିନ୍ନ ନ୍ୟାୟାଳୟରେ ୧୭ଟି ବେଞ୍ଚ ଗଠନ କରାଯାଇଥିଲା। ପ୍ରତ୍ୟେକ ବେଞ୍ଚରେ ଜଣେ ନ୍ୟାୟିକ ଅଧିକାରୀଙ୍କ ସହ ଜଣେ ଆଇନଜୀବୀ ଓ ଜଣେ ସମାଜସେବୀଙ୍କୁ ସାମିଲ କରାଯାଇ ମାମଲାଗୁଡ଼ିକର ଆପୋଷ ସମାଧାନ କରାଯାଇଥିଲା। ଲୋକ ଅଦାଲତରେ ୫୨ଟି ଫୌଜଦାରୀ ଆପୋଷଯୋଗ୍ୟ ମାମଲାର ସମାଧାନ ହୋଇଥିବା ବେଳେ ନେଗୋସିଏବଲ୍ ଇନଷ୍ଟ୍ରୁମେଣ୍ଟ ଆକ୍ଟ ଅଧୀନରେ ୨୫ଟି ମାମଲାରେ ୬୬ ଲକ୍ଷ ୩୫ ହଜାର ୭୫୭ ଟଙ୍କା ଆଦାୟ ପାଇଁ ଆଦେଶ ହୋଇଛି। ସେହିପରି ବ୍ୟାଙ୍କ ଋଣ ଆଦାୟ ସମ୍ବନ୍ଧୀୟ ୧୯୩ଟି ମାମଲାରେ ୯୫ ଲକ୍ଷ ୯୮ ହଜାର ୮୧୯ ଟଙ୍କାର ସମାଧାନ କରାଯାଇଛି।

## ଆମ ଖାଦ୍ୟ ଆମ ସଂସ୍କୃତି – ପ୍ଲାଷ୍ଟିକ ମୁକ୍ତ ଖାଦ୍ୟ ମେଳା

## ପାରମ୍ପରିକ ଖାଦ୍ୟ ସହ ପ୍ଲାଷ୍ଟିକ ମୁକ୍ତ ଜୀବନଶୈଳୀର ବାର୍ତ୍ତା




ବୌଦ୍ଧ,(ନିପ୍ର): ବାୟୁ ପ୍ରଦୂଷଣ ସଚେତନତା ସପ୍ତାହ ପାଳନ ଅବସରରେ "ଆମ ଖାଦ୍ୟ ଆମ ସଂସ୍କୃତି ପ୍ଲାଷ୍ଟିକ ମୁକ୍ତ ଖାଦ୍ୟ ମେଳା" ଆଜି ବୌଦ୍ଧର ମର୍ଜାକୁଦସ୍ଥିତ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ବଲାଙ୍ଗିର ଆଞ୍ଚଳିକ କାର୍ଯ୍ୟାଳୟ ଓ ବୌଦ୍ଧ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଏହି ମେଳା ଆୟୋଜିତ ହୋଇଥିଲା ସମାରୋହରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଏବଂ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଉପଜିଲ୍ଲାପାଳ ବିନୟ କୁମାର ଭୋଇ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସାର୍ଥକ ରାୟ , ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡଃ ସନ୍ତୋଷ କୁମାର ତ୍ରିପାଠୀ , ଏସିଏଫ୍ କୃଷ୍ଣ ଚନ୍ଦ୍ର ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସାଗରିକା ଦତ୍ତ ଯୋଗ ଦେଇଥିଲେ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ବଲାଙ୍ଗିରର ଆଞ୍ଚଳିକ ଅଧିକାରୀ ବବିତା ସିଂଙ୍କ ତତ୍ତ୍ୱାବଧାନରେ ମେଳା ପରିଚାଳିତ ହୋଇଥିଲା। ଏହି ମେଳାରେ ବୌଦ୍ଧ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୮ଟି ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ଯୋଗଦେଇ ସ୍ଥାନୀୟ ଓ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ କରି ପରିବେଷଣ କରିଥିଲେ। ପ୍ଲାଷ୍ଟିକ ବ୍ୟବହାରକୁ ଏଡ଼ାଇ ପରିବେଶ ଅନୁକୂଳ କଟଲେରୀରେ ଖାଦ୍ୟ ପରିବେଷଣ କରାଯାଇଥିଲା। ଏହା ମାଧ୍ୟମରେ ଜିଲ୍ଲାର ସମୃଦ୍ଧ ଖାଦ୍ୟ ପରମ୍ପରା ଓ ସଂସ୍କୃତି ସହ ପରିବେଶ ସୁରକ୍ଷାର ବାର୍ତ୍ତା ପ୍ରଚାର କରାଯାଇଥିଲା। ମେଳାରେ ଶିଶୁ କଳାକାରମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ ଜିଲ୍ଲାର ପ୍ରତିଭାବାନ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ସ୍ଥାନୀୟ ଗୀତ ପରିବେଷଣ କରାଯାଇଥିଲା। ଏହା ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲା। ସ୍ଥାନୀୟ ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତି ଓ ପରିବେଷଣରେ ଉତ୍କର୍ଷ ପ୍ରଦର୍ଶନ କରିଥିବା ତିନିଟି ଶ୍ରେଷ୍ଠ ଏସ୍‌ଏଚ୍‌ଜିକୁ ପୁରସ୍କୃତ କରାଯାଇଥିଲା। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଇଁ ଯଥାକ୍ରମେ ୫,୦୦୦, ୩,୦୦୦ ଓ ୨,୦୦୦ ଟଙ୍କା ନଗଦ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହାସହ ବୌଦ୍ଧଗଡ଼ ପୌରପାଳିକାର ୫ ଜଣ ସଫେଇ କର୍ମଚାରୀଙ୍କୁ ପରିମଳ କାର୍ଯ୍ୟରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା। ସେମାନଙ୍କୁ ପ୍ରତ୍ୟେକଙ୍କୁ ୧,୦୦୦ ଟଙ୍କା ନଗଦ ପୁରସ୍କାର ସହ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା।

## ପୁରୀ ସହରରେ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ

### ପୋଲିସ୍ ପ୍ରଶାସନ ନୀରବ ଦ୍ରଷ୍ଟା !

ପୁରୀ (ନିପ୍ର): ପୁରୀ ସହର ଏକ ଆନ୍ତର୍ଜାତିକ ପର୍ଯ୍ୟଟନ କେନ୍ଦ୍ର ଓ ପ୍ରମୁଖ ତୀର୍ଥ ସ୍ଥାନ ହୋଇଥିବା ଯୋଗୁ ସହର କୁ ଦୈନନ୍ଦିନ ରାଜ୍ୟ ଓ ରାଜ୍ୟ ବାହାରୁ ଲକ୍ଷାଧିକ ପର୍ଯ୍ୟଟକ ଟ୍ରେନ ,ବସ, କାର୍ ମାଧ୍ୟମରେ ଆସିଥାନ୍ତି ବିଶେଷ କରି ସହର ର ସମୁଦ୍ର କୂଳ ଅଞ୍ଚଳ, ବଡ଼ଦାଣ୍ଡ, ବଡ଼ଶଙ୍ଖ ଦୋଳମଣ୍ଡପ ସାହି ଆଦି ଅଞ୍ଚଳ ରେ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି ସହର ର ବିଭିନ୍ନ ଗଳିକନ୍ଦି ରେ ଥିବା ଆବାସିକ ଘର ଗୁଡ଼ିକ ପ୍ରାୟତଃ ଲଜିଂ ହାଉସ ରେ ପରିଣତ ହୋଇଥିବା ଯୋଗୁ ଉକ୍ତ ଅଞ୍ଚଳ ଗୁଡ଼ିକ ସର୍ବଦା ଯାନବାହାନ ଚଳାଚଳ କରୁଥିବା ଯୋଗୁଁ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇଇପଡ଼ିଛି ସେହିପରି ବେଆଇନ ଭାବେ ପାର୍କିଂ ବ୍ୟବସ୍ଥା ହେଉଥିବା କୁହାଯାଉଛି ପୋଲିସ୍ ପ୍ରଶାସନ ସମସ୍ତ ବିଷୟ ଅବଗତ ହୋଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଯୋଗୁଁ ସାଧାରଣ ରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଥିବା କୁହାଯାଉଛି।

## ଦାସିଆ ଅଜାଙ୍କ ୨୯ତମ ଶ୍ରାଦ୍ଧ ବାର୍ଷିକୀରେ ଶ୍ରଦ୍ଧାଞ୍ଜଳି



ନୟାଗଡ଼(ନିପ୍ର) ଓଡ଼ିଶା ପାଠାଗାର ଆନ୍ଦୋଳନର ପ୍ରବାଦ ପୁରୁଷ,ପ୍ରଖ୍ୟାତ ସଂଗ୍ରାହକ ତଥା ନୟାଗଡ଼ ମାଟିର ଗର୍ବ ଓ ଗୌରବ ଏବଂ ସମସ୍ତଙ୍କ ପ୍ରିୟ ଦାଶରଥି ପଟ୍ଟନାୟକ ଓରଫ ଦାସିଆ ଅଜାଙ୍କ ୨୯ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଜିଲ୍ଲା ପ୍ରଶାସନ ଏବଂ ଦାସିଆ ଅଜା ସ୍ମୃତି କମିଟି ତରଫରୁ କଚେରୀ ବଜାର ସ୍ଥିତ ତାଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ ସହିତ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଦାସିଆ ଅଜା ଅମର ରହେ,ଦାସିଆ ଅଜା ଆମ ପ୍ରଣାମ ଘେନ ଆଦି ସ୍ଲୋଗାନରେ ସ୍ଥାନୀୟ ପରିବେଶ ପ୍ରକମ୍ପିତ ହୋଇ ଉଠିଥିଲା । ସ୍ମୃତି କମିଟି ଅଧ୍ୟକ୍ଷ ସମାଜସେବୀ ପ୍ରମୋଦ ପଟ୍ଟନାୟକଙ୍କ ପୌରାହିତ୍ୟରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ମାନନୀୟା ଜିଲ୍ଲାପାଳ ମଧୁମିତା ରଥ ,ଜିଲ୍ଲା ସଂସ୍କୃତି ଅଧିକାରିଣୀ ସୁମିତ୍ରା ଭୂୟାଁ,କମ୍ରେଡ ବିଶ୍ୱନାଥ ମହାପାତ୍ର,ସମାଜସେବୀ ଅରୁଣ କୁମାର ମହାନ୍ତି,ଜିଲ୍ଲା କଂଗ୍ରେସ ସଭାପତି ରଣଜିତ ଦାଶ,ପ୍ରକୃତି ବନ୍ଧୁ ଅନାଦି ମହାନ୍ତି, ଅଧ୍ୟାପକ ହରେକୃଷ୍ଣ ସାହୁ,ଶେଖ ଅବଦୁଲ ଆହାଦ,ଲକ୍ଷ୍ମୀଧର ସାହୁଙ୍କ ସମେତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦାନ କରି ପୁଷ୍ପମାଲ୍ୟ ଏବଂ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ଏବଂ ରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ରର ସ୍କାଉଟ ଛାତ୍ରଛାତ୍ରୀମାନେ ସହଯୋଗ କରିଥିବା ବେଳେ ସମ୍ପାଦକ ଶ୍ରୀଧର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ସୂଚନା ଯୋଗ୍ୟ ଯେ ସମସ୍ତଙ୍କ ପ୍ରିୟ ଦାସିଆ ଅଜା ଭାବେ ସମଗ୍ର ଜନମାନସରେ ପରିଚିତ ସ୍ୱର୍ଗତ ଦାଶରଥି ପଟ୍ଟନାୟକ ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଅନ୍ତର୍ଗତ ଉଦୟପୁରଠାରେ ୧୯୫୯ ମସିହାରେ ବାଞ୍ଛାନିଧି ପାଠାଗାର, ୧୯୭୩ ମସିହାରେ ଶ୍ରୀଅରବିନ୍ଦ ସଂଗ୍ରହାଳୟ ଏବଂ ୧୯୭୫ରେ ଯଦୁମଣି ସାହିତ୍ୟ ସଂସଦ ପ୍ରତିଷ୍ଠା କରିଥିଲେ । ସେ ୧୯୯୭ ମସିହା ସେପଟେମ୍ବର ମାସ ୧୨ ତାରିଖ ଦିନ ନିଜ ଗ୍ରାମରେ ଇହଲୀଳା ସମ୍ବରଣ କରିଥିଲେ ।

## ୬ ବର୍ଷ ଧରି ଚାଲିଥିବା ଆନ୍ଦୋଳନ ଶେଷ କେବେ ହେବ !

### ବ୍ୟାଙ୍କ କର୍ମଚାରୀଙ୍କ ୪ ଦଫା ଦାବିରେ ଧର୍ମଘଟ




ନିମାପଡ଼ା, ୧୧୯ (ନି.ପ୍ର.): ଦେଶର ବ୍ୟାଙ୍କ କର୍ମଚାରୀ ସଂଗଠନ ଆହ୍ୱାନକ୍ରମେ ନିମାପଡ଼ା, ଚାରିଛକ, ବଳଙ୍ଗା, ଗୋପ, ନରୋଦା, ପିପିଲି ଆଦି ଶାଖା ଗୁଡ଼ିକର କର୍ମଚାରୀମାନେ ଦିନିକିଆ ଧର୍ମଘଟକୁ ସଫଳ କରାଇଛନ୍ତି। ୫ ଦିନିଆ କାର୍ଯ୍ୟ ଦିବସ ଲାଗୁ, ପରଫରମାନ୍ସ ଲିଙ୍କଡ଼ ଇନସେଣ୍ଟିଭରେ ସମାନତା, କର୍ମଚାରୀଙ୍କ ମଧ୍ୟରେ ଭେଦଭାବ ଲାଗୁ ନ କରିବା ଆଦି ଦାବିରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଦେଶର ୮-୫ ଲକ୍ଷ କର୍ମଚାରୀ । ୟୁନାଇଟେଡ଼ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିଅନ୍ ଡ଼ାକରାରେ ଷ୍ଟେଟ୍ ବ୍ୟାଙ୍କ, ଇଉକୋ ବ୍ୟାଙ୍କ, ଇଣ୍ଡିଆନ୍ ବ୍ୟାଙ୍କ, ଆଇସିଆଇସିଆଇ, ଆକସିସ୍, ଏଚଡ଼ିଏଫ୍‌ସି, ବ୍ୟାଙ୍କ ଅଫ୍ ଇଣ୍ଡିଆ, ଇଣ୍ଡସଇଣ୍ଡ୍ ବ୍ୟାଙ୍କ, କାନାରା, ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ କର୍ମଚାରୀମାନେ ନିଜ ନିଜ ଶାଖା କାର୍ଯ୍ୟାଳୟ ସାମ୍ନାରେ ନାରାବାଜି କରି ଆଜି ଏକ ସାଂକେତିକ ଧର୍ମଘଟ ସଫଳ ହୋଇଥିବା ଘୋଷଣା କରିଥିଲେ। ଚଳିତ ମାସ ଶେଷ ସପ୍ତାହରେ ୩ ଦିନ ବ୍ୟାଙ୍କ କାର୍ଯ୍ୟ ବନ୍ଦ କରାଯିବ ବୋଲି ସୂଚନା ଦିଆଯାଇଥିଲା। କେନ୍ଦ୍ର ସରକାର ଦାବି ପୂରଣ ନ କଲେ ଅକ୍ଟୋବର ୨୬ରୁ ଅନିର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ ବ୍ୟାଙ୍କ ସେବା ବନ୍ଦ କରିବାକୁ ୟୁନିଅନ୍ ନେତୃବୃନ୍ଦ ଚେତାବନୀ ଦେଇଥିଲେ । ଦୀର୍ଘ ୬ ବର୍ଷ ଧରି ଚାଲିଥିବା ଆନ୍ଦୋଳନ ଓ ପ୍ରତିଶ୍ରୁତିର କେବେ ଅନ୍ତ ହେବ ସେ ନେଇ ଡ଼େପୁଟି ଜେନେରାଲ ସେକ୍ରେଟାରୀ ତୁଷାରକାନ୍ତ ଦାସ, ଦିଲ୍ଲୀପ କୁମାର ସିଂହ, ସଂଗଠନ ସଂପାଦିକା ଦେବୀଶ୍ରୀ ମହାନ୍ତି ପ୍ରମୁଖ ସରକାରଙ୍କୁ ପ୍ରଶ୍ନ କରିଥିଲେ ।

ତିଥି :(ଦ୍ୱିତୀୟା): (ହସ୍ତା. କନ୍ୟା)

ଅମୃତ ବେଳା: ପ୍ରାତଃ ୫।୩୬ରୁ ଘ ୬।୨୪ ମଧ୍ୟେ

## ଆଜିର ଅନୁଚିନ୍ତନ

ଯାହାଙ୍କର ଆସକ୍ତି ସର୍ବଥା ନଷ୍ଟ ହୋଇଯାଇଛି
ସେ ମୁକ୍ତ ହୋଇ ସାରିଛନ୍ତି ।।
- ଶ୍ରୀମଦ୍ ଭଗବଦ୍ ଗୀତା

# ପ୍ରସଙ୍ଗ: ସମୁଦ୍ର ସୁରକ୍ଷା

ଅର୍ଥନୀତି ଆଗକୁ ବଢ଼ିବା ପାଇଁ ପରିବହନ ହେଉଛି ଜୀବନରେଖା। ମାତ୍ର ଲକ୍ଷ୍ୟ କରାଯାଉଛି ଯେ ଅହଂକାରୀ ତଥା ଦୁଷ୍ଟତତ୍ତ୍ୱଙ୍କ ପ୍ରାଦୁର୍ଭାବ ଫଳରେ ଏହି ମାଧ୍ୟମ ଏବେ ବାଧାପ୍ରାପ୍ତ ହୋଇଛି,ବିଶେଷ କରି ଅନ୍ତର୍ଜାତୀୟ ସ୍ତରରେ ଏ ସମସ୍ୟା ଲକ୍ଷ୍ୟଣୀୟ। ଦୀର୍ଘଦିନ ହେବ ହର୍ମୁଜ ପ୍ରଣାଳୀ ବନ୍ଦ ରହିବା ପଛରେ ଆମେରିକା-ଇରାନ ଯୁଦ୍ଧ ଦାୟୀ। ଏହି ଯୁଦ୍ଧର ସୂତ୍ରପାତ କରିଥିବା ଆମେରିକା ରାଷ୍ଟ୍ରପତିଙ୍କ ଉଦଗ୍ର ଲୋଭ ଓ ଅହେତୁକ ଏକଛତ୍ରବାଦ କାରଣରୁ ସଂଘର୍ଷ ବା ଯୁଦ୍ଧ ଜାରି ରହିବା ହେତୁ ହର୍ମୁଜ ବନ୍ଦ ରହି ବହୁ ଅସୁବିଧା ସୃଷ୍ଟି କରିସାରିଲାଣି।

ନିକଟରେ 'ବାବ୍ ଅଲ ମନ୍ଦାବ' ପ୍ରଣାଳୀକୁ ବନ୍ଦ କରିଛନ୍ତି ହୁତି ବିଦ୍ରୋହୀମାନେ। ପରିଣତିରେ ପ୍ରତ୍ୟହ ୬୦ ରୁ ୭୦ ଲକ୍ଷ ବ୍ୟାରେଲ ତୈଳ ପରିବହନରେ ରୋକ ଲାଗିଛି। ଲୋହିତ ସାଗର ଓ ଆଦେନ ଉପସାଗରକୁ ଯୋଡିଥିବା ଆଲୋଚ୍ୟ ପ୍ରଣାଳୀ ସୁଏଜ କେନାଲ ଦେଇ ୟୁରୋପ-ଏସିଆକୁ ସଂଯୋଗ କରୁଛି। ହୁତିଙ୍କ କବ୍‌ଜା ପଛରେ ଇରାନର ସମର୍ଥନ ଥିବା ହେତୁ ଆମେରିକା ବିରୋଧରେ ଏହା ପରୋକ୍ଷ ଯୁଦ୍ଧ ବୋଲି କୁହାଯାଇପାରେ।ଆଗକୁ ଏନେଇ ସ୍ଥିତି କ'ଣ ହେବ ତାହା ଅସ୍ପଷ୍ଟ ଥିବା ବେଳେ ଭାରତରେ ଆରମ୍ଭ ହୋଇଛି ବ୍ରିକ୍ସର ଅଷ୍ଟାଦଶ ସମ୍ମେଳନ ଯେଉଁଥିରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ, ଚୀନ ରାଷ୍ଟ୍ରପତି ସି.ଜିନପିଙ୍ଗ ଓ ଅନ୍ୟ ପ୍ରମୁଖ ବିଶ୍ୱସ୍ତରୀୟ ନେତାମାନେ ଯୋଗଦାନ କରିଛନ୍ତି। ପଶ୍ଚିମଏସିଆରେ ଅଶାନ୍ତି,ସଂଘର୍ଷ ଓ ସଦ୍ୟ ହୁତି ବିଦ୍ରୋହୀଙ୍କ ଏପରି କାରନାମା ଦୃଷ୍ଟିରୁ ସାମୁଦ୍ରିକ ବାଣିଜ୍ୟ ପ୍ରଭାବିତ ହୋଇଛି। ସାମୁଦ୍ରିକ ବାଣିଜ୍ୟ ତଥା ଭାରତୀୟ ନାବିକଙ୍କ ସୁରକ୍ଷା ପ୍ରଭାବିତ ହୋଇଥିବା ପରିପ୍ରେକ୍ଷୀରେ ବ୍ରିକ୍ସ ବିଜିନେସ ଫୋରମ୍‌ରେ ପ୍ରଧାନମନ୍ତ୍ରୀ ମୋଦି ସ୍ପଷ୍ଟ କରିଛନ୍ତି ଯେ ସମୁଦ୍ର ସୁରକ୍ଷା ବିଶ୍ୱ ଅର୍ଥନୀତି ପାଇଁ ଗୁରୁତ୍ୱପୂର୍ଣ୍ଣ। ପ୍ରଧାନମନ୍ତ୍ରୀଙ୍କ ଏହି ବାର୍ତ୍ତା ସମଗ୍ର ବିଶ୍ୱ ନେତାଙ୍କ ନିମିତ୍ତ ଆହ୍ୱାନ ରଖେ। ଯଦିଓ ହୁତି ବିଦ୍ରୋହୀମାନେ କହିଛନ୍ତି ଯେ ସାଉଦି ଆରବ ବ୍ୟତୀତ ଅନ୍ୟାନ୍ୟ ଦେଶର ଜାହାଜକୁ କୌଣସି ବାଧା ନାହିଁ। ମାତ୍ର ବିଶ୍ୱ ପରିପ୍ରେକ୍ଷୀରେ ସବୁ ଦେଶର ଜାହାଜ ଓ ଏହାର ନାବିକମାନଙ୍କ ସୁରକ୍ଷା ଯେତେ ହେବ ତାହାଦ୍ୱାରା ଅର୍ଥନୀତି ଆଗକୁ ବଢ଼ିପାରିବ।

ସୁତରାଂ ମୋଦିଙ୍କ ସଂକେତକୁ ଫଳପ୍ରଦ କରିବାରେ ବିଶ୍ୱ ନେତାଏ କି ଆଭିମୁଖ୍ୟ ରଖୁଛନ୍ତି ତାହା ବ୍ରିକ୍ସରେ ନିଶ୍ଚୟ ପ୍ରତିଫଳିତ ହେବ। ଏବେ ଅଶୋଧିତ ତୈଳ ବ୍ୟାରେଲ ପିଛା ଶହେ ଡଲାର ଅତିକ୍ରମ କରିସାରିଥିବାରୁ ତୈଳ ଦର ବୃଦ୍ଧିକୁ ବାଟ ଫିଟାଇବ,ଯାହା ସମଗ୍ର ବିଶ୍ୱରେ ନାନା ଅତ୍ୟାବଶ୍ୟକ ସାମଗ୍ରୀ ଦର ବୃଦ୍ଧି କରିବା ଲାଗି ଦାୟୀ ହେବ। ଏଣୁ ସମସ୍ୟାର ମୂଳକୁ ଯାଇ ସମାଧାନ ଦିଗରେ ପ୍ରମୁଖ ନେତାଏ ଯତ୍ନଶୀଳ ହେବା ସବୁଠୁ ଏବେ ବଡ଼ ପ୍ରାଥମିକତା।

# ଡିଜିଟାଲ ଯୁଗରେ ଯୁବ ମୁସଲମାନ ଏବଂ ସାଇବର ସୁରକ୍ଷା

**ଅଲ୍‌ତାଫ୍ ମିର୍**

ବର୍ତ୍ତମାନର ଡିଜିଟାଲ୍ ଯୁଗରେ ଇଣ୍ଟରନେଟ୍ ଆମ ଜୀବନର ଏକ ଅବିଚ୍ଛିନ୍ନ ଅଂଶ ପାଲଟିଯାଇଛି। ସ୍ମାର୍ଟଫୋନ୍, ସୋସିଆଲ ମିଡ଼ିଆ, ଅନଲାଇନ୍ ବ୍ୟାଙ୍କିଙ୍ଗ୍, ଡିଜିଟାଲ ପେମେଣ୍ଟ୍, ଇ- କମର୍ସ ଏବଂ ଇ-ଲର୍ଣ୍ଣିଂ ଶିକ୍ଷା ଆମ ଦୈନନ୍ଦିନ ଜୀବନକୁ ଅଧିକ ସହଜ ଓ ଦ୍ରୁତ କରିଛି। କିନ୍ତୁ ଏହି ସୁବିଧା ସହିତ ସାଇବର ଅପରାଧର ବିପଦ ମଧ୍ୟ ବଢ଼ିଛି। ଅନଲାଇନ୍ ଠକେଇ, ପରିଚୟ ଚୋରି, ବ୍ୟାଙ୍କ ଖାତା ଓ ଗୁପ୍ତ ତଥ୍ୟ ହ୍ୟାକିଂ ଭଳି ଘଟଣା ଏବେ ଆଉ ଅସାଧାରଣ ନୁହେଁ। ତେଣୁ ଯୁବପିଢ଼ି ପାଇଁ ଡିଜିଟାଲ ସୁବିଧାର ସୁରକ୍ଷିତ ବ୍ୟବହାର ପାଇଁ ସଚେତନତା ଅତ୍ୟନ୍ତ ଆବଶ୍ୟକ।

ବ୍ୟାଙ୍କ ଆକାଉଣ୍ଟ୍ ବନ୍ଦ କରାଯିବା କଥା ହେଉ କିମ୍ବା ପୁରସ୍କାର ରାଶି ଜିତିବା ଖବର ହେଉ, ଏହା ସାଧାରଣତଃ ମନରେ ଜରୁରୀ ଭାବନା ସୃଷ୍ଟି କରିଥାଏ ଏବଂ ଅନେକ ସମୟରେ ଅପରାଧୀମାନଙ୍କ ଦ୍ୱାରା କୁହାଯାଥିବା ଲିଙ୍କ୍ ଉପରେ କ୍ଲିକ୍ କରିବାକୁ ଉତ୍ସାହିତ କରିଥାଏ। କୌଣସି ନିଷ୍ପତ୍ତି ନେବା ପୂର୍ବରୁ ବ୍ୟବହାରକାରୀମାନେ ଏଭଳି ବାର୍ତ୍ତାଗୁଡ଼ିକର ସତ୍ୟାସତ୍ୟ ବିଷୟରେ ଭଲଭାବରେ ଯାଞ୍ଚ କରିବା ଉଚିତ୍। ଅଜଣା ଲିଙ୍କରେ କ୍ଲିକ୍ ନକରିବା, ସନ୍ଦେହଜନକ ମେସେଜ୍ ଓ ଇ-ମେଲର ଉତ୍ତର ନଦେବା, ଶକ୍ତିଶାଳୀ ପାସୱାର୍ଡ ବ୍ୟବହାର କରିବା ଏବଂ ସମୟସମୟରେ ତାହା ପରିବର୍ତ୍ତନ କରିବା ଭଳି ସରଳ ପଦକ୍ଷେପ ଅନେକ ସାଇବର ଅପରାଧକୁ ରୋକିପାରେ। ବ୍ୟାଙ୍କିଙ୍ଗ୍, ଡିଜିଟାଲ ପେମେଣ୍ଟ୍ କିମ୍ବା ସୋସିଆଲ ମିଡିଆ ବ୍ୟବହାର ସମୟରେ ବ୍ୟକ୍ତିଗତ ତଥ୍ୟ, ପାସୱାର୍ଡ, ଏ.ଟିଏମ୍ କାର୍ଡ ସୂଚନା କିମ୍ବା ୱାନ ଟାଇମ୍ ପାସୱାର୍ଡ କାହା ସହିତ ମଧ୍ୟ ସେୟାର କରିବା ଉଚିତ୍ ନୁହେଁ। ସୋସିଆଲ ମିଡିଆ ଆଜି ଯୋଗାଯୋଗର ଏକ ମୁଖ୍ୟ ମାଧ୍ୟମ ହୋଇଥିଲେ ମଧ୍ୟ ଏହାର ଅତ୍ୟଧିକ ଓ ଅସାବଧାନ ବ୍ୟବହାର ବିପଦଜନକ ହୋଇପାରେ।

ଅନଲାଇନରେ ଅତ୍ୟଧିକ ବ୍ୟକ୍ତିଗତ ତଥ୍ୟ, ଫଟୋ, ଅବସ୍ଥାନ କିମ୍ବା ଦୈନନ୍ଦିନ ଗତିବିଧି ପ୍ରକାଶ କରିବା ଦ୍ୱାରା ଅପରାଧୀମାନେ ତାହାର ଦୁରୁପଯୋଗ କରିପାରନ୍ତି। ତେଣୁ ସୋସିଆଲ ମିଡିଆର ପ୍ରାଇଭେସି ସେଟିଂସ୍ ସଠିକ ଭାବରେ ବ୍ୟବହାର କରିବା ସହ ଅଜଣା ବ୍ୟକ୍ତିଙ୍କ ଫ୍ରେଣ୍ଡ୍ ରିକ୍ୱେଷ୍ଟ, ମେସେଜ୍ କିମ୍ବା ଲିକ୍‌କୁ ଗ୍ରହଣ କରିବା ପୂର୍ବରୁ ସତର୍କ ହେବା ଆବଶ୍ୟକ। ଗୋପନୀୟତାକୁ ସୁରକ୍ଷା ଦେବା ଅର୍ଥ ନୁହେଁ ସମାଜରୁ ଲୁଚିବା। ଏହାର ଅର୍ଥ ହେଉଛି, କଣ ସେୟାର କରାଯାଉଛି ଏବଂ କାହା ସହିତ ସେୟାର କରାଯାଉଛି, ସେ ବିଷୟରେ ସତର୍କ ରହିବା। ଡିଜିଟାଲ ମାଧ୍ୟମରେ ଭୁଲ ତଥ୍ୟ ଓ ଗୁଜବର ପ୍ରସାର ମଧ୍ୟ ଏକ ବଡ଼ ସମସ୍ୟା। କୌଣସି ଖବର କିମ୍ବା ସୂଚନାକୁ ଯାଞ୍ଚ ନ କରି ତାହାକୁ ଅନ୍ୟମାନଙ୍କ ନିକଟକୁ ପଠାଇବା ଦ୍ୱାରା ଅସତ୍ୟ ତଥ୍ୟ ଦ୍ରୁତଗତିରେ ବ୍ୟାପିପାରେ। ତେଣୁ ଡିଜିଟାଲ ସାକ୍ଷରତା ଅର୍ଥ କେବଳ ଇଣ୍ଟରନେଟ୍ ବ୍ୟବହାର ଜାଣିବା ନୁହେଁ, ବରଂ ସୂଚନାର ସତ୍ୟତା ଯାଞ୍ଚ କରିବା, ବିଶ୍ୱସନୀୟ ଉତ୍ସ ଚିହ୍ନଟ କରିବା ଏବଂ ଦାୟିତ୍ୱଶୀଳ ଭାବେ ତଥ୍ୟ ବାଣ୍ଟିବା ମଧ୍ୟ ଏହାର ଅଂଶ। ଅନ୍ୟପକ୍ଷରେ, ଇଣ୍ଟରନେଟରେ ଘୃଣା ଓ ହିଂସା ପ୍ରସାର କରୁଥିବା ଗୋଷ୍ଠୀମାନେ ଯୁବକମାନଙ୍କୁ ପ୍ରଭାବିତ କରିବା ପାଇଁ ସୋସିଆଲ ମିଡିଆ ଓ ମେସେଜିଂ ପ୍ଲାଟଫର୍ମ ବ୍ୟବହାର କରନ୍ତି। ସେମାନେ ଏକାକୀତା, ହତାଶା କିମ୍ବା ଅସନ୍ତୋଷର ଭାବନାକୁ ଆଧାର କରି ଯୁବକମାନଙ୍କର ବିଶ୍ୱାସ ହାସଲ କରିପାରନ୍ତି। ତେଣୁ ଧାର୍ମିକ ଭାଷାରେ ପ୍ରଚାରିତ ଘୃଣା, ହିଂସା କିମ୍ବା ବିଭାଜନମୂଳକ ବାର୍ତ୍ତା ପ୍ରତି ମୁସଲମାନମାନେ ବିଶେଷ ସତର୍କ ରହିବା ଦରକାର। ଧାର୍ମିକ ତଥ୍ୟକୁ ପ୍ରସଙ୍ଗରୁ ବାହାର କରି ବିକୃତ ଭାବେ ପ୍ରଚାର କରାଯାଇପାରେ। ତେଣୁ କୌଣସି ଧାର୍ମିକ ଦାବିକୁ ତୁରନ୍ତ ବିଶ୍ୱାସ କିମ୍ବା ସେୟାର ନ କରି ଯୋଗ୍ୟ ଧାର୍ମିକ ବିଦ୍ୱାନ ଓ ବିଶ୍ୱସନୀୟ ଉତ୍ସରୁ ତାହା ଯାଞ୍ଚ କରିବା ଉଚିତ୍। ଶାନ୍ତି, ନ୍ୟାୟ, କରୁଣା ଓ ମାନବ ଜୀବନ ପ୍ରତି ସମ୍ମାନ ଇସଲାମୀୟ ଶିକ୍ଷାର ମୂଳ ଆଧାର, ଏହି ବିଷୟକୁ ଯୁବପିଢ଼ି ମନେ ରଖିବା ଆବଶ୍ୟକ। ଅନଲାଇନ ହେରଫେରରୁ ରକ୍ଷା ପାଇବାର ଶ୍ରେଷ୍ଠ ଉପାୟ ହେଉଛି ସମାଲୋଚନାମୂଳକ ଚିନ୍ତାଧାରା। ଅନଲାଇନରେ ମିଳୁଥିବା ପ୍ରତ୍ୟେକ ତଥ୍ୟ ସତ୍ୟ ନୁହେଁ। ତେଣୁ ଯୁବକମାନେ ସୂଚନାର ଉତ୍ସ ଓ ସତ୍ୟତା ଯାଞ୍ଚ କରିବା ସହ ଅସୁବିଧାଜନକ ବିଷୟବସ୍ତୁ ସମ୍ପର୍କରେ ଅଭିଭାବକ, ଶିକ୍ଷକ, ପରାମର୍ଶଦାତା କିମ୍ବା ବିଶ୍ୱସ୍ତ ବିଦ୍ୱାନଙ୍କ ସହିତ ଆଲୋଚନା କରିବା ଆବଶ୍ୟକ। ଭାରତର ବିସ୍ତାରିତ ଡିଜିଟାଲ ଅର୍ଥନୀତି ଯୁବପିଢ଼ି ପାଇଁ ଶିକ୍ଷା, ରୋଜଗାର, ଉଦ୍ୟମିତା ଓ ସାମାଜିକ ଅବଦାନର ଅସଂଖ୍ୟ ସୁଯୋଗ ସୃଷ୍ଟି କରିଛି। ଡିଜିଟାଲ୍ ପ୍ଲାଟଫର୍ମ ଆଜି କେବଳ ଯୋଗାଯୋଗର ମାଧ୍ୟମ ନୁହେଁ, ଏହା ଜ୍ଞାନ, ଦକ୍ଷତା ଓ ଆର୍ଥିକ ସ୍ୱାବଲମ୍ବନର ଏକ ଶକ୍ତିଶାଳୀ ମଞ୍ଚ। କିନ୍ତୁ ଏହି ସୁଯୋଗର ସର୍ବାଧିକ ଲାଭ ଉଠାଇବା ପାଇଁ ଡିଜିଟାଲ ସଚେତନତା ସହିତ ଦାୟିତ୍ୱବୋଧ ମଧ୍ୟ ଅପରିହାର୍ଯ୍ୟ। ବ୍ୟକ୍ତିଗତ ତଥ୍ୟର ସୁରକ୍ଷା, ଦୃଢ଼ ପାସୱାର୍ଡ ବ୍ୟବହାର, ଡିଭାଇସ୍ ଓ ସଫ୍ଟୱେରକୁ ନିୟମିତ ଅପଡେଟ୍ ରଖିବା, ଅନଲାଇନ୍ ଠକେଇକୁ ଚିହ୍ନଟ କରିବା ଏବଂ ଗୋପନୀୟତା ରକ୍ଷା କରିବା, ଏସବୁ ଏବେ ମୌଳିକ ଡିଜିଟାଲ ଶିଷ୍ଟାଚାରର ଅଂଶ ହେବା ଦରକାର।

ସାଇବର ସୁରକ୍ଷା କେବଳ ମୋବାଇଲ୍ କିମ୍ବା କମ୍ପ୍ୟୁଟରକୁ ସୁରକ୍ଷିତ ରଖିବାର ପ୍ରଶ୍ନ ନୁହେଁ। ଏହା ଜଣେ ବ୍ୟକ୍ତିର ପରିଚୟ, ଆର୍ଥିକ ସୁରକ୍ଷା, ସାମାଜିକ ପ୍ରତିଷ୍ଠା, ସମ୍ପର୍କ ଓ ଭବିଷ୍ୟତକୁ ସୁରକ୍ଷିତ ରଖିବାର ପ୍ରଶ୍ନ। ଏକ ଛୋଟ ଅସାବଧାନତା ମଧ୍ୟ ଗୁରୁତର କ୍ଷତିର କାରଣ ହୋଇପାରେ।

ପିଏଚ୍.ଡି., ଜାମିଆ ମିଲିଆ ଇସଲାମିଆ

# କୋଇଲା କ୍ଷେତ୍ରରେ ପ୍ରଗତି ଏବଂ ସଫଳତା

**ଏମସିଏଲର ସଫଳତା ଉତ୍ପାଦନ ଏବଂ ଯୋଗାଣ ଠାରୁ ବହୁତ ଆଗକୁ ବିସ୍ତାରିତ। କମ୍ପାନୀ ଏହାର ସର୍ବୋଚ୍ଚ ଲାଭ ହାସଲ କରିଛି ଏବଂ ସରକାରୀ ରାଜକୋଷକୁ ଏକ ଯଥେଷ୍ଟ ଅବଦାନ ଦେଉଥିବା ବେଳେ କୋଲ୍ ଇଣ୍ଡିଆ ଲିମିଟେଡର ଲାଭରେ ପ୍ରମୁଖ ଯୋଗଦାନକାରୀମାନଙ୍କ ମଧ୍ୟରୁ ଅନ୍ୟତମ। ଏହା ୨୨,୦୦୦ରୁ ଅଧିକ ନିୟମିତ କର୍ମଚାରୀ, ୨୭,୦୦୦ ରୁ ଅଧିକ ଠିକା ଶ୍ରମିକ ଏବଂ ପରିବହନ ଏବଂ ଆନୁଷଙ୍ଗିକ କାର୍ଯ୍ୟକଳାପର ଏକ ବୃହତ ଇକୋସିଷ୍ଟମ ସହିତ ବ୍ୟାପକ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଜୀବିକା ସୁଯୋଗ ମଧ୍ୟ ସୃଷ୍ଟି କରେ।**

ଭାରତୀୟ କୋଇଲା କ୍ଷେତ୍ର ୨୦୧୪ ମସିହାରୁ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଦେଖିଛି, ଯାହା ଭାରତ ସରକାରଙ୍କ ସୁଚିନ୍ତିତ ନୀତି ଏବଂ ସାଂରଚନିକ ସଂସ୍କାର ଦ୍ୱାରା ପରିଚାଳିତ। ଏହାର ଲକ୍ଷ୍ୟ ସ୍ୱଚ୍ଛତା, ଦକ୍ଷତା, ପ୍ରଯୁକ୍ତିବିଦ୍ୟା ଗ୍ରହଣ, ଭିତ୍ତିଭୂମି ବିକାଶ, କାର୍ଯ୍ୟର ସହଜତା ଏବଂ ଶକ୍ତି ସୁରକ୍ଷା ବୃଦ୍ଧି କରିବା। ଏହି ସଂସ୍କାରଗୁଡ଼ିକ ଦ୍ରୁତ ନିଷ୍ପତ୍ତି ଗ୍ରହଣ, ଖଣି କାର୍ଯ୍ୟର ଆଧୁନିକୀକରଣ, ଉନ୍ନତ ଲଜିଷ୍ଟିକ୍ସ ଏବଂ ଉଚ୍ଚ ଉତ୍ପାଦକତା ପାଇଁ ଏକ ସକ୍ଷମ ପରିବେଶ ସୃଷ୍ଟି କରିଛି। କୋଇଲା କ୍ଷେତ୍ର ଲକ୍ଷ୍ୟ ଧାର୍ଯ୍ୟ ସମୟସୀମା ପୂର୍ବରୁ ଘରୋଇ କୋଇଲା ଉତ୍ପାଦନର ଐତିହାସିକ ୧ ବିଲିୟନ ଟନ୍ ସ୍ତର ହାସଲ କରିବାରେ ଏହାର ପ୍ରଭାବ ପ୍ରତିଫଳିତ ହୋଇଛି। ଏହା ଭାରତର ଶକ୍ତି ସୁରକ୍ଷାକୁ ଉଲ୍ଲେଖନୀୟ ଭାବରେ ସୁଦୃଢ଼ କରୁଛି ଏବଂ ଆମଦାନୀ କୋଇଲା ଉପରେ ନିର୍ଭରଶୀଳତା ହ୍ରାସ କରୁଛି।

ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମସିଏଲ) ଏହି ପରିବର୍ତ୍ତନର ସବୁଠାରୁ ଆକର୍ଷଣୀୟ ସଫଳତା କାହାଣୀ ମଧ୍ୟରୁ ଗୋଟିଏ। ୧୯୯୨ - ୯୩ ରେ ୨୩ ମେଟ୍ରିକ ଟନ୍ ଉତ୍ପାଦନରୁ, ଏମସିଏଲ ଭାରତର ସର୍ବବୃହତ୍ କୋଇଲା ଉତ୍ପାଦନକାରୀ କମ୍ପାନୀରେ ପରିଣତ ହୋଇଛି । ଏହା ଲଗାତାର ତିନି ବର୍ଷ ପାଇଁ ୨୦୦ ମେଟ୍ରିକ ଟନ୍‌ରୁ ଅଧିକ ଉତ୍ପାଦନ ଏବଂ ଯୋଗାଣ ବଜାୟ ରଖିଛି। ଆର୍ଥିକ ବର୍ଷ ୨୦୨୧-୨୨ରୁ ୨୦୨୫-୨୬ ମଧ୍ୟରେ ଏହାର ଉତ୍ପାଦନ ଅଭିବୃଦ୍ଧି ପ୍ରାୟ ୯% ସିଏଜିଆରକୁ ତ୍ୱରାନ୍ୱିତ ହୋଇଛି। ଏହା ୧୯୯୨-୯୩ ରୁ ୨୦୨୦-୨୧ ଆର୍ଥିକ ବର୍ଷରେ ୬.୭% ଥିଲା। ଏହି ସଫଳତା ପ୍ରଗତିଶୀଳ ନୀତି ସଂସ୍କାର, ଆଧୁନିକ ଖଣି ଯୋଜନା, ପ୍ରଯୁକ୍ତିବିଦ୍ୟା, ଭିତ୍ତିଭୂମି, କାର୍ଯ୍ୟକ୍ଷମ ଦକ୍ଷତା ଏବଂ ଏମସିଏଲର କର୍ମଚାରୀଙ୍କ ପ୍ରତିବଦ୍ଧତାର ମିଳିତ ପ୍ରଭାବକୁ ପ୍ରତିଫଳିତ କରେ।

ଏହା ସହିତ, ଏମସିଏଲର ସଫଳତା ଉତ୍ପାଦନ ଏବଂ ଯୋଗାଣ ଠାରୁ ବହୁତ ଆଗକୁ ବିସ୍ତାରିତ। କମ୍ପାନୀ ଏହାର ସର୍ବୋଚ୍ଚ ଲାଭ ହାସଲ କରିଛି ଏବଂ ସରକାରୀ ରାଜକୋଷକୁ ଏକ ଯଥେଷ୍ଟ ଅବଦାନ ଦେଉଥିବା ବେଳେ କୋଲ୍ ଇଣ୍ଡିଆ ଲିମିଟେଡର ଲାଭରେ ପ୍ରମୁଖ ଯୋଗଦାନକାରୀମାନଙ୍କ ମଧ୍ୟରୁ ଅନ୍ୟତମ। ଏହା ୨୨,୦୦୦ରୁ ଅଧିକ ନିୟମିତ କର୍ମଚାରୀ, ୨୭,୦୦୦ରୁ ଅଧିକ ଠିକା ଶ୍ରମିକ ଏବଂ ପରିବହନ ଏବଂ ଆନୁଷଙ୍ଗିକ କାର୍ଯ୍ୟକଳାପର ଏକ ବୃହତ ଇକୋସିଷ୍ଟମ ସହିତ ବ୍ୟାପକ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଜୀବିକା ସୁଯୋଗ ମଧ୍ୟ ସୃଷ୍ଟି କରେ।

ଏହି ପରିବର୍ତ୍ତନର ଏକ ବିଶେଷ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଏହାର ମାନବିକ ଏବଂ ସାମାଜିକ ପ୍ରଭାବ। ଏମସିଏଲ ସହିତ ଜଡିତ ଚୁକ୍ତିଭିତ୍ତିକ କର୍ମଚାରୀମାନେ ଉଚ୍ଚ କ୍ଷମତାସମ୍ପନ୍ନ କମିଟିର ସୁପାରିସ ସହିତ ସମନ୍ୱିତ ମଜୁରୀରୁ ଉପକୃତ ହୁଅନ୍ତି। ସିଏମପିଏଫ୍, ଚିକିତ୍ସା ସୁବିଧା ଏବଂ ଶିକ୍ଷାଗତ ସହାୟତା ସମେତ ସାମାଜିକ ସୁରକ୍ଷା ଏବଂ କଲ୍ୟାଣକାରୀ ପଦକ୍ଷେପର ଲାଭ ପାଇଥାନ୍ତି। କ୍ଲାମ୍ପ ପୋର୍ଟାଲ୍ ଚୁକ୍ତିଭିତ୍ତିକ ମାନବ ସମ୍ବଳ ତଥ୍ୟର ଡିଜିଟାଲ ପରିଚାଳନାକୁ ସକ୍ଷମ କରିଛି, ଯାହା ଅଧିକ ସ୍ୱଚ୍ଛତା ଆଣିଛି। ସ୍ଥାନୀୟ ସମୁଦାୟ ନିଯୁକ୍ତି ସୁଯୋଗ, କୋଇଲା ଲୋଡିଂ ଏବଂ ପରିବହନରେ ସମବାୟ ସମିତିର ନିୟୋଜନ ଏବଂ ପ୍ରକଳ୍ପ ପ୍ରଭାବିତ ବ୍ୟକ୍ତିମାନଙ୍କୁ ସହାୟତା ମାଧ୍ୟମରେ ଉପକୃତ ହୋଇଛନ୍ତି।

ସମୁଦାୟର ବିକାଶ ଏବଂ ସିଏସଆର ପ୍ରତି ଏମସିଏଲର ପ୍ରତିବଦ୍ଧତା ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ। ଏହା ଓଡିଶା ଏବଂ ସିଆଇଏଲ୍ ସହାୟକ କମ୍ପାନୀଗୁଡ଼ିକ ମଧ୍ୟରେ ସର୍ବାଧିକ ସିଏସଆର ଯୋଗଦାନକାରୀଙ୍କ ମଧ୍ୟରେ ଅନ୍ୟତମ। ଏହା ସ୍ୱାସ୍ଥ୍ୟସେବା, ଶିକ୍ଷା,




ପାନୀୟ ଜଳ, ପୁଷ୍ଟି, କ୍ରୀଡା, ଦକ୍ଷତା ବିକାଶ ଏବଂ ଗ୍ରାମୀଣ ଭିତ୍ତିଭୂମିକୁ ଅନ୍ତର୍ଭୁକ୍ତ କରେ। ପ୍ରାୟ ୫୦୦ କୋଟି ଟଙ୍କା ନିବେଶ ସହିତ ପ୍ରାୟ ୬୦ - ୮୦ କୋଟି ଟଙ୍କା ନିରନ୍ତର ବାର୍ଷିକ ଆର୍ଥିକ ସହାୟତା ସହିତ ତାଳଚେରରେ ମେଡିକାଲ କଲେଜ ଏବଂ ହସ୍ପିଟାଲ ନିର୍ମାଣରେ ସହଯୋଗ ଏମସିଏଲର ସାର୍ବଜନୀନ ସ୍ୱାସ୍ଥ୍ୟସେବାରେ ଏକ ପ୍ରମୁଖ ନିବେଶକୁ ପ୍ରତିନିଧିତ୍ୱ କରେ। ସେହିପରି, ଏମସିଏଲ-ପାଣ୍ଠି ଦ୍ୱାରା ସିଏସଆର ସହାୟତାରେ ଝାରସୁଗୁଡ଼ାରେ ପ୍ରଥମ ସରକାରୀ ହୃଦ୍‌ରୋଗ-ଯତ୍ନ ହସ୍ପିଟାଲ ପ୍ରତିଷ୍ଠା ହୋଇପାରିଛି। ଏହା କାର୍ଯ୍ୟ କରୁଥିବା ଅଞ୍ଚଳ ଏବଂ ଆକାଂକ୍ଷୀ ଜିଲ୍ଲାଗୁଡ଼ିକରେ ଥିବା ଚାରୋଟି ଜିଲ୍ଲାରେ ପାଇପ୍ ପାନୀୟ ଜଳ ପ୍ରକଳ୍ପ, ଏମ୍ସ ଭୁବନେଶ୍ୱର ଏବଂ ବୁର୍ଲା ମେଡିକାଲ କଲେଜକୁ ସହାୟତା, ସ୍କୁଲ, ଶ୍ରେଣୀଗୃହ, ସ୍ମାର୍ଟ ଶ୍ରେଣୀ, ବାଳିକା ଛାତ୍ରାବାସ, କ୍ରୀଡା କମ୍ପ୍ଲେକ୍ସ ଏବଂ ଅନ୍ୟାନ୍ୟ ସାମୁଦାୟିକ ସମ୍ପତ୍ତି ଦର୍ଶାଉଛି ଯେ କୋଇଲା ଖଣିର ଲାଭ ଖଣି ସୀମା ବାହାରକୁ ବିସ୍ତାର ଲାଭ କରିଛି।

ପ୍ରଯୁକ୍ତିବିଦ୍ୟା, ପରିବେଶ ଏବଂ ଲଜିଷ୍ଟିକ୍ସ କ୍ଷେତ୍ରରେ ପରିବର୍ତ୍ତନ ସମାନ ଭାବରେ ଦୃଶ୍ୟମାନ। ଏମସିଏଲର ୯୯%ରୁ ଅଧିକ କୋଇଲା ଉତ୍ପାଦନ ବର୍ତ୍ତମାନ ସରଫେସ୍ ମାଇନର୍ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ହେଉଛି, ଯାହା ଡ୍ରିଲିଂ, ବ୍ଲାଷ୍ଟିଂ, କ୍ରସିଂ, ଧୂଳି ଏବଂ ଅନ୍ୟାନ୍ୟ ପରିବେଶଗତ ସମସ୍ୟାକୁ ବହୁ ପରିମାଣରେ ହ୍ରାସ କରେ। ଏମସିଏଲ ଆହୁରି ୧୯ ଟି ପ୍ରଥମ ମାଇଲ୍ ସଂଯୋଗ ପ୍ରକଳ୍ପରେ ପ୍ରାୟ ୧୦,୦୦୦ କୋଟି ଟଙ୍କା, ରେଳ ଭିତ୍ତିଭୂମିରେ ପ୍ରାୟ ୬,୫୦୦ କୋଟି ଟଙ୍କା ଏବଂ କଂକ୍ରିଟ୍ ଆଭ୍ୟନ୍ତରୀଣ ପରିବହନ ରାସ୍ତା ଏବଂ କୋଇଲା କରିଡରରେ ପ୍ରାୟ ୨,୧୫୦ କୋଟି ଟଙ୍କା ନିବେଶ କରୁଛି। ଏହି ପଦକ୍ଷେପଗୁଡ଼ିକ ସ୍ଥାନାନ୍ତର ଦକ୍ଷତା ବୃଦ୍ଧି କରିବା, ସଡ଼କ ପରିବହନ ଉପରେ ନିର୍ଭରଶୀଳତା ହ୍ରାସ କରିବା ଏବଂ ପରିବେଶଗତ ପ୍ରଭାବକୁ କମ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି।

କମ୍ପାନୀ ପୂର୍ବରୁ ରେଳ ଏବଂ ଏଫଏମସି ଭିତ୍ତିଭୂମିରେ ଯଥେଷ୍ଟ ନିବେଶ କରିସାରିଛି, ପ୍ରାୟ ୭୦% ଯୋଗାଣ ରେଳ ମୋଡ୍ ମାଧ୍ୟମରେ କରାଯାଉଛି। ଏହାର ଅଗ୍ରଣୀ ରେଳ-ସମୁଦ୍ର-ରେଳ ମଲ୍ଟିମୋଡାଲ୍ ଲଜିଷ୍ଟିକ୍ସ ସିଷ୍ଟମ୍ ଯୋଗାଣ-ଶୃଙ୍ଖଳ ଦକ୍ଷତାକୁ ଆହୁରି ସୁଦୃଢ଼ କରିଛି।

ଏମସିଏଲର ଅବଦାନ ପର୍ଯ୍ୟଟନ ଏବଂ ଐତିହ୍ୟ ବିକାଶ ମାଧ୍ୟମରେ ବ୍ୟାପକ ଆଞ୍ଚଳିକ ଅର୍ଥନୀତିରେ ମଧ୍ୟ ପହଞ୍ଚିଥାଏ। ଏଥିରେ ହୀରାକୁଦ ଆଖପାଖରେ ପଦକ୍ଷେପ, ଖଣି ସଂଗ୍ରହାଳୟ, ଜଳକୂଳ ବିକାଶ, ରୋପୱେ ଏବଂ ଆଇବି ଭ୍ୟାଲିରେ ଓରିଏଣ୍ଟ ଖଣିରେ ଖଣି ପର୍ଯ୍ୟଟନ ଅନ୍ତର୍ଭୁକ୍ତ। ଭୁବନେଶ୍ୱର ହାଫ୍ ମାରାଥନ୍ ଭଳି ପଦକ୍ଷେପ ମାଧ୍ୟମରେ ମଧ୍ୟ ସାମୁଦାୟିକ ସମ୍ପର୍କକୁ ସୁଦୃଢ଼ କରାଯାଇଛି, ଯେଉଁଥିରେ ପ୍ରାୟ ୬,୦୦୦ ଅଂଶଗ୍ରହଣକାରୀ ସାମିଲ ହୋଇଥିଲେ। ହୀରାକୁଦ - ସମ୍ବଲପୁର ହାଫ୍ ମାରାଥନରେ ୧୦,୦୦୦ ରୁ ଅଧିକ ଲୋକ ଅଂଶଗ୍ରହଣ କରିଥିଲେ।

ଆଜି, ଏମସିଏଲ୍ ୧୬ ଟି ରାଜ୍ୟରେ ବିଦ୍ୟୁତ୍ ଉପଯୋଗୀତା, କ୍ୟାପ୍ଟିଭ୍ ଏବଂ ସ୍ୱାଧୀନ ବିଦ୍ୟୁତ୍ ପ୍ଲାଣ୍ଟ, ସିମେଣ୍ଟ, ସ୍ପଞ୍ଜ ଲୁହା ଏବଂ ଅନ୍ୟାନ୍ୟ ଶିଳ୍ପକୁ କୋଇଲା ଯୋଗାଣ କରେ। ତେଣୁ ଏହାର ନିରନ୍ତର ପ୍ରଦର୍ଶନ ଭାରତର ଶକ୍ତି ସୁରକ୍ଷା ଏବଂ ଶିଳ୍ପ ଅଭିବୃଦ୍ଧିର ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ପାଲଟିଛି।

ଭାରତ ଏକ ବିକଶିତ ଏବଂ ଶକ୍ତି - ସୁରକ୍ଷିତ ଅର୍ଥନୀତି ଆଡକୁ ଅଗ୍ରସର ହେଉଥିବା ବେଳେ, ଏମସିଏଲ ଏହି ଗତିକୁ ଆଗକୁ ବହନ କରିବାକୁ ପ୍ରତିବଦ୍ଧ।(ପିଆଇବି)

# ଏମ୍ଏମ୍‌ଡିଆର୍ ସଂଶୋଧନ ଆଇନ-୨୦୨୬ : ଏକ ମାଇଲ ଖୁଣ୍ଟ

**ବିରଞ୍ଚି ନାରାୟଣ ତ୍ରିପାଠୀ**

**ବିରୋଧୀ ଦଳମାନେ ଏହା ଜାଣିଥିଲେ ବି ରଣନୀତି ଓ ଦଳୀୟ ସ୍ୱାର୍ଥ ପାଇଁ ଲୋକଙ୍କୁ ଭୁଲ୍ ତଥ୍ୟ ଦେବା ଦେଖାଯାଉଛି । ଆଇନର ସଂଶୋଧନ କାହିଁକି ହେଉଛି ତାହା ବିଲ୍‌ରେ ସ୍ପଷ୍ଟ ଭାବେ ଉଲ୍ଲେଖ ଅଛି। ଏଥିରେ ସ୍ପଷ୍ଟ ଭାବେ କୁହାଯାଇଛି ଯେ ଆଜି ବିଶ୍ୱ, ପୁଞ୍ଜି କିମ୍ବା ପ୍ରଯୁକ୍ତିବିଦ୍ୟା ପରି ଖଣିଜ ପଦାର୍ଥ ପାଇଁ ପ୍ରତିଯୋଗିତା କରୁଛି । ଇସ୍ପାତ, ସିମେଣ୍ଟ୍, ବିଦ୍ୟୁତ୍, ଇଲେକ୍ଟ୍ରୋନିକ୍ସ, ପରିବହନ ଏବଂ ପ୍ରତିରକ୍ଷା ସବୁକିଛି ଖଣିଜ ସମ୍ପଦରୁ ଆରମ୍ଭ ହୁଏ । ତେଣୁ ଏହି ସମ୍ପଦର ଏକ ସ୍ଥିର ଏବଂ ସୁସଙ୍ଗତ ବଣ୍ଟନ, ଜାତୀୟ ସୁରକ୍ଷା ଏବଂ ଦୈନନ୍ଦିନ ଜୀବିକା ଉଭୟକୁ ଆକାର ଦିଏ ।**

ଏହି ସବୁ କାରଣରୁ ଆଇନରେ ସଂଶୋଧନ ହୋଇଛି । ରାଜ୍ୟମାନେ ପୂର୍ବଭଳି ରୟାଲିଟି, ଡ଼ିଏମ୍ଏଫ୍ ଅନୁଦାନ ଓ ଅନ୍ୟାୟ ଟିକସ ପାଇବାବେଳେ କେବଳ ଖଣିଜ ପଦାର୍ଥ ବା ଜମି ଉପରେ ବିନା କେନ୍ଦ୍ର ଅନୁମୋଦନରେ ନୂତନ କର ଆଦାୟ କରିପାରିବେ ନାହିଁ ଓ ପଛୁଆ ତାରିଖରୁ ଟିକସ ଆଦାୟ କରିପାରିବେ ନାହିଁ। କିନ୍ତୁ ଯାହା ଆଦାୟ କରାଯାଇଛି ତାକୁ ଆଉ ଫେରାଇବା ଆବଶ୍ୟକ ନାହିଁ । ଆଇନର ପ୍ରମୁଖ ବ୍ୟବସ୍ଥା ଏମ୍ଏମ୍‌ଡ଼ିଆର୍ ଆଇନ, ୧୯୫୭ରେ ନୂତନ ଧାରା ୯-ଡି ଯୋଡିହୋଇଛି । ଏହା ଅନୁସାରେ ରାଜ୍ୟ ସରକାରଙ୍କ ଦ୍ୱାରା ଖଣିଜ କିମ୍ବା ଖଣିଜ ପଦାର୍ଥ ଥିବା ଜମି ଉପରେ କୌଣସି ଟିକସ, ସେସ୍ କିମ୍ବା ଅନ୍ୟ କୌଣସି ଟିକସ ଲାଗୁ କରାଯିବ ନାହିଁ । ଏପରି ଟିକସ କେବଳ କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ତାବଳୀ କିମ୍ବା ପ୍ରତିବନ୍ଧକ ଅନୁଯାୟୀ ଲାଗୁ କରାଯାଇପାରେ । ଦ୍ୱିତୀୟରେ ସଂଶୋଧନ ଲାଗୁହେବା ପୂର୍ବରୁ ରାଜ୍ୟଦ୍ୱାରା ସଂଗ୍ରହ କରାଯାଇନଥିବା ଯେକୌଣସି ଟିକସକୁ ଅବୈଧ ବୋଲି ବିବେଚନା କରାଯିବ କିନ୍ତୁ ପୂର୍ବରୁ ଜମା କିମ୍ବା ଆଦାୟ କରାଯାଇଥିବା ପରିମାଣ ଫେରସ୍ତ କରାଯିବ ନାହିଁ । ତୃତୀୟରେ କେନ୍ଦ୍ର ସରକାରଙ୍କୁ ନିୟମ ପ୍ରଣୟନ କରିବାକୁ କ୍ଷମତା ଦେବା ପାଇଁ ଏମ୍ଏମ୍‌ଡ଼ିଆର୍ ଆଇନର ଧାରା -୧୩ ସଂଶୋଧନ କରାଯାଇଛି । ଏହି ସଂଶୋଧନ ଫଳରେ ରାଜ୍ୟର ରାଜସ୍ୱ ଏବଂ ସ୍ୱାର୍ଥ ସମ୍ପୂର୍ଣ୍ଣ ସୁରକ୍ଷିତ ରହିଛି । ଏକ ସ୍ୱଚ୍ଛ, ନିଲାମ-ଆଧାରିତ ବ୍ୟବସ୍ଥା ଅଧୀନରେ ୨୦୧୫ ପରଠାରୁ ରାଜ୍ୟଗୁଡ଼ିକୁ ସଂଗୃହୀତ ଖଣିଜ ରାଜସ୍ୱ ଦ୍ରୁତ ଗତିରେ ବୃଦ୍ଧି ପାଇଛି । ଆଇନର ସଂଶୋଧନ ଏହି ସ୍ଥିତିକୁ ପରିବର୍ତନ କରିବ ନାହିଁ ।

ଯାହାଫଳରେ ରାଜ୍ୟଗୁଡ଼ିକ ଖଣି ରାଜସ୍ୱର ଅତ୍ୟଧିକ ଅଂଶ ପାଇବା ଜାରି ରଖିବେ । ୨୦୧୪ ପୂର୍ବରୁ, ଏହି କ୍ଷେତ୍ରକୁ ଇଚ୍ଛାଧୀନ ଏବଂ ଅଣ-ସ୍ୱଚ୍ଛ ଅନୁଦାନ ଏବଂ ରିହାତିର ନବୀକରଣ ଦ୍ୱାରା ଚିହ୍ନିତ କରାଯାଇଥିଲା । ମାମଲା ବାରମ୍ବାର କୋର୍ଟକୁ ଯାଉଥିଲା, ଉତ୍ପାଦନ କମ୍ ଥିଲା ଏବଂ ରାଜ୍ୟର ରାଜସ୍ୱ କମ୍ ରହିଥିଲା । କିନ୍ତୁ ୨୦୧୫ର ସଂଶୋଧନ ପରେ, ଖଣିଜ ଉତ୍ପାଦନରୁ ରାଜ୍ୟଗୁଡ଼ିକୁ ୩୫୪ ପ୍ରତିଶତ ବୃଦ୍ଧି ପାଇଛି ଏବଂ କୋଇଲା ସମେତ ଅନ୍ୟ କ୍ଷେତ୍ରରୁ ରାଜ୍ୟମାନେ ୭ ଲକ୍ଷ କୋଟିରୁ ଅଧିକ ରାଜସ୍ୱ ପାଇଛନ୍ତି ।

ଖଣି କ୍ଷେତ୍ର ରାଜସ୍ୱର ପ୍ରାୟ ୯୦ ପ୍ରତିଶତ ବର୍ତ୍ତମାନ ରାଜ୍ୟଗୁଡ଼ିକୁ ଯାଉଛି । ମୋଟ ଖଣିଜ ରାଜସ୍ୱ, କୋଇଲା ଏବଂ ଅଣ-କୋଇଲାରେ ସେମାନଙ୍କର ଅଂଶ ଏକ ଦଶନ୍ଧିରେ ପ୍ରାୟ ୨୮ପ୍ରତିଶତ ବୃଦ୍ଧି ପାଇଛି, ଯାହା ୨୦୨୫-୨୬ରେ ପ୍ରାୟ ୧,୧୪,୫୪୯.୨୮କୋଟିରେ ପହଞ୍ଚିଛି । କୋଇଲା କ୍ଷେତ୍ର ଏହି ପରିବର୍ତନକୁ ସ୍ପଷ୍ଟ ଭାବରେ ଦର୍ଶାଉଛି । ରାଜ୍ୟଗୁଡ଼ିକ ୨୦୧୪-୧୫ରେ ୧୧,୯୪୭.୯୭ କୋଟି ପାଇଥିଲେ, ଯାହା ୨୦୨୫-୨୬ରେ ବୃଦ୍ଧି ପାଇ ୩୨,୧୮୩.୦୯ କୋଟିରେ ପହଁଚିଛି । କେନ୍ଦ୍ରର ଅଂଶ ସେହି ସମୟ ମଧ୍ୟରେ ୯,୫୩୪.୨୪ କୋଟିରୁ ହ୍ରାସ ପାଇ ୩,୭୭୧.୮୨ କୋଟିକୁ ପହଁଚିଛି ଅର୍ଥାତ୍ ୨୨.୯୭ ପ୍ରତିଶତରୁ ୧୦.୫ ପ୍ରତିଶତକୁ କମିଛି ।

ଏହା ଦର୍ଶାଉଛି ଯେ କେନ୍ଦ୍ର କମ୍ ଅର୍ଥ ନେବା ବେଳେ ରାଜ୍ୟମାନେ ଟିକସର ଅଗ୍ରଭାଗ ନେଉଛନ୍ତି।



ପ୍ରମୁଖ ଖଣିଜ ସମୃଦ୍ଧ ରାଜ୍ୟଗୁଡ଼ିକ ୨୦୧୩-୧୪ ଆର୍ଥିକ ବର୍ଷରେ ୧୩,୫୮୬.୧୬ କୋଟି ପାଇଥିଲେ, ଯାହା ୨୦୨୫-୨୬ ଆର୍ଥିକ ବର୍ଷରେ ବୃଦ୍ଧି ପାଇ ୮୨,୩୬୬.୧୯ କୋଟିରେ ପହଁଚିଛି । ଏହା ବାରବର୍ଷ ମଧ୍ୟରେ ୧୬.୨୦ ପ୍ରତିଶତର ଏକ ଚକ୍ରବୃଦ୍ଧି ହାର । ୨୦୧୫-୧୬ ଏବଂ ୨୦୨୫-୨୬ ଆର୍ଥିକ ବର୍ଷ ମଧ୍ୟରେ, ରାଜ୍ୟଗୁଡ଼ିକୁ ୫ ଲକ୍ଷ କୋଟି ଟଙ୍କାରୁ ଅଧିକ ଟଙ୍କା ପାଇଛନ୍ତି କିନ୍ତୁ କେନ୍ଦ୍ର କେବଳ ପ୍ରାୟ ୮୨,୦୦୦ କୋଟି ଟଙ୍କା ପାଇଛି । ଓଡ଼ିଶା ୨୦୧୫ ପୂର୍ବରୁ ୫୦୦୦ କୋଟି ଟଙ୍କା ପାଉଥିବା ବେଳେ ୨୦୧୫ ପରେ ୫୫୦୦୦ କୋଟି ଟଙ୍କା ପାଇଛି । ସଂଶୋଧିତ ଆଇନ ଏହି ସ୍ଥିତିକୁ ଅପରିବର୍ତିତ ରଖିଛି । ୨୦୧୫ରେ ପ୍ରଚଳିତ ନୂଆ ନିଲାମ ବ୍ୟବସ୍ଥା, ରାଜ୍ୟଗୁଡ଼ିକୁ ଏକ ସମ୍ପୂର୍ଣ୍ଣ ନୂତନ ନିଲାମ 'ପ୍ରିମିୟମ' ଦେଉଛି । ୨୦୧୫ ପରଠାରୁ, ରାଜ୍ୟଗୁଡ଼ିକ ୧୨୦୦ କାର୍ଯ୍ୟକ୍ଷମ ଖଣିରୁ ରୟାଲଟି ଭାବରେ ୨.୩୨ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିଛନ୍ତି। କେବଳ ୧୦୦ ନିଲାମ ହୋଇଥିବା ଖଣିରୁ, ସେମାନେ ନିଲାମ ପ୍ରିମିୟମ ଭାବରେ ୯୬,୦୦୦ କୋଟି ଟଙ୍କା ସଂଗ୍ରହ କରିଛନ୍ତି । ଓଡ଼ିଶା, ଏହାର ୭୯ ନିଲାମ ହୋଇଥିବା ବ୍ଲକ୍ ମଧ୍ୟରୁ ୩୫ଟିକୁ କାର୍ଯ୍ୟକ୍ଷମ କରି, ୨୦୨୦-୨୧ ଏବଂ ୨୦୨୫-୨୬ ମଧ୍ୟରେ ପ୍ରାୟ ୮୭,୦୦୦ କୋଟି ଟଙ୍କା ପ୍ରିମିୟମ ଆୟ କରିଛି । ସେହିଭଳି ବାଲି, ପଥର, ମାଟି, ସିଲିକା, ଗ୍ରାନାଇଟ୍, ମାର୍ବଲ୍, ଜିପ୍ସମ୍, ଲାଟେରାଇଟ୍ ସମେତ ପ୍ରାୟ ୫୦ ଟି କ୍ଷୁଦ୍ର ଖଣିଜ ପଦାର୍ଥ ସମ୍ପୂର୍ଣ୍ଣ ଭାବରେ ରାଜ୍ୟ ସରକାରଙ୍କ ଦ୍ୱାରା ନିୟନ୍ତ୍ରିତ । ସଂଶୋଧିତ ଆଇନର ଏଗୁଡ଼ିକ ଉପରେ କୌଣସି ପ୍ରଭାବ ନାହିଁ । ଏହା ଉପରେ ରାଜ୍ୟ କର୍ତ୍ତୃତ୍ୱ ପୂର୍ବପରି ଜାରି ରହିଛି ।

ତେଣୁ ମୁଖ୍ୟ କଥା ହେଲା , ଆଗକୁ ରାଜ୍ୟର ଖଣିଜ ସ୍ୱାର୍ଥରେ କ୍ଷତି ହେବ ନାହିଁ ବରଂ ଲାଭ ହେବ । ରାଜ୍ୟରେ ଅନେକ ଖଣିଜଭିତିକ ଶିଳ୍ପ ପ୍ରତିଷ୍ଠା ହେବ ଓ ଏହା ଦ୍ୱାରା ଅଧିକ ନିଯୁକ୍ତି ସୃଷ୍ଟି ହେବ ଏବଂ ରାଜ୍ୟ ଅଧିକ ଖଣିଜ ରାଜସ୍ୱ ପାଇବ । ଏହା ସ୍ପଷ୍ଟ ଯେ ରାଷ୍ଟ୍ରର ବିକାଶ ହେଲେହିଁ ରାଜ୍ୟର ବିକାଶ ହେବ ଏବଂ ରାଷ୍ଟ୍ରର ବିକାଶକୁ ଛାଡି ରାଜ୍ୟର ବିକାଶ ହୋଇପାରିବ ନାହିଁ । ବିକଶିତ ଓଡ଼ିଶା -୨୦୩୬ ଓ ବିକଶିତ ଭାରତ -୨୦୪୭ ସ୍ୱପ୍ନ ସାକାର ହେବା ଦିଗରେ ଏହି ସଂଶୋଧନ ସହାୟକ ହେବ । ଆଜି ଯେଉଁମାନେ ବିଲ୍‌ରେ ସଂଶୋଧନକୁ ସମାଲୋଚନା କରୁଛନ୍ତି ସେମାନେ ଓଡ଼ିଶାକୁ ୨୦୧୫ ପରେ ମିଳିଥିବା ଅଧିକ ଖଣିଜ ଆୟକୁ କିପରି ବେପରୁଆ ଓ ଦୁର୍ନୀତିଖୋର ଭାବେ ଖର୍ଚ୍ଚ କରୁଥିଲେ ତାହା ଉପରେ ସମୀକ୍ଷା କରିବା କଥା । ଅଧିକ ରାଜସ୍ୱ ଆସିବାପରେ ଏହାର କିପରି ସଦ୍‌ବିନିଯୋଗ ହୋଇ ଲୋକଙ୍କ ବିକାଶ ହେବ ତାହା ଉପରେ ସମସ୍ତେ ମିଳିମିଶି କାମ କରିବା ଆବଶ୍ୟକ। କେବଳ ରାଜନୈତିକ ଉଦ୍ଦେଶ୍ୟରେ ଲୋକଙ୍କୁ ଭୁଲ୍ ତଥ୍ୟ ଦେଇ ବିଭ୍ରାନ୍ତ କଲେ ଲୋକେ କ୍ଷମା କରିବେ ନାହିଁ ।

ଭାରତର ସଂସଦ, ଦେଶର ସର୍ବୋଚ୍ଚ ନୀତି ନିର୍ଦ୍ଧାରଣ ସଂସ୍ଥା ହୋଇଥିବାରୁ ଏହା ନିଜର ସାମ୍ବିଧାନିକ ତଥା ଆଇନଗତ ପରିଧି ଭିତରେ ଏମ୍ଏମ୍ଡିର ଆଇନର ସଂଶୋଧନ ଜନସାଧାରଣଙ୍କ ହିତରେ କରିଛି । ଖଣିଜ ସମ୍ପଦର ସୁରକ୍ଷା, ସ୍ୱଚ୍ଛ ଶାସନ, ନିବେଶର ବିସ୍ତାର, ଉତ୍ପାଦନ ବୃଦ୍ଧି ଓ ରାଜ୍ୟମାନଙ୍କର ରାଜସ୍ୱ ସୁରକ୍ଷା କହଇ ସମନ୍ୱିତ ଦୃଷ୍ଟିକୋଣ ହିଁ ବିକଶିତ ଭାରତର ମଜଭୁତ ଭିତ୍ତିଭୂମି ହେବ ।

(ଶେଷ ଭାଗ)

ଫୋନ୍ - ୯୪୩୭୦୮୮୨୦୯

## ସପ୍ତଗିରି ଉଲାକାଙ୍କୁ ସାଂସଦ ରତ୍ନ ସମ୍ମାନ

ରାୟଗଡା:୧୨/୯(ନି:ପ୍ର)କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଉଲାକା ଗ୍ରାମୀଣ ବିକାଶ ଏବଂ ପଞ୍ଚାୟତରାଜ ସମ୍ପର୍କୀୟ ସଂସଦୀୟ ସ୍ଥାୟୀ କମିଟିର ଅଧକ୍ଷ ଭାବେ ନିଜ କାର୍ଯ୍ୟଦକ୍ଷତା ପ୍ରତିପାଦନ କରି ଆସୁଥିବାରୁ ଏବଂ ଏହା ଅତ୍ୟନ୍ତ ବୁଦ୍ଧିମନ୍ତ ତଥା ବୁଦ୍ଧିମତାର ଏକ ନୂତନ ପରିଚୟ ସୃଷ୍ଟି କରି ବିକାଶକୁ ପ୍ରାଧାନ୍ୟ ଓ ପ୍ରାଥମିକତା ଦେବା ଲକ୍ଷ୍ୟ ନେଇ କାର୍ଯ୍ୟ କରି ଉଦାହରଣ ଦେଇ ସମ୍ମାନଜନକ ସାଂସଦ ରତ୍ନ ପୁରସ୍କାର ୨୦୨୬ ଗ୍ରହଣ କରିଛନ୍ତି। ଗତ ୯ ତାରିଖରେ ନୂଆଦିଲ୍ଲୀ ଠାରେ ଆୟୋଜିତ ୧୬ତମ ସଂସଦରତ୍ନ ପୁରସ୍କାର ସମାରୋହରେ ଶ୍ରୀ ଉଲାକା ଏହି ସମ୍ମାନ ଗ୍ରହଣ କରିଥିଲେ। ଚଳିତ ବର୍ଷ ଉତ୍କୃଷ୍ଟ ସଂସଦୀୟ କାର୍ଯ୍ୟଦେକ୍ଷତା ପାଇଁ ସମ୍ମାନିତ ହୋଇଥିବା ଚାରିଟି ସଂସଦୀୟ କମିଟି ମଧ୍ୟରେ ଗ୍ରାମୀଣ ବିକାଶ ଓ ପଞ୍ଚାୟତିରାଜ ସ୍ଥାୟୀ କମିଟି ଅନ୍ୟତମ। ଶ୍ରୀ ଉଲାକାଙ୍କ ଅଧ୍ୟକ୍ଷତାରେ ଏହି କମିଟି ସଂସଦୀୟ ନିରୀକ୍ଷଣ ଓ ଯାଞ୍ଚ ଏକ ଉଲ୍ଲେଖନୀୟ ସୋପାନ ଅତିକ୍ରମ କରି ଏକ ରେକର୍ଡ଼ ବ୍ରେକ କରିଛି। ୧୮ତମ ଲୋକସଭା କାର୍ଯ୍ୟକାଳରେ କମିଟି ବର୍ତ୍ତମାନ ସୁଦ୍ଧା ସଂସଦରେ ୪୧ ଟି ରିପୋର୍ଟ ଉପସ୍ଥାପନ କରିଛି। ଉକ୍ତ ରିପୋର୍ଟ ସମୂହରେ ଗ୍ରାମୀଣ ବିକାଶ ପଞ୍ଚାୟତି ରାଜ ଗ୍ରାମୀଣ ନିଯୁକ୍ତି ଓ ଜୀବିକା, ଗ୍ରାମୀଣ ସଡ଼କ, ଜମି ପରିଚାଳନା, ଆଦିବାସୀ ଅଧିକାର, ଏବଂ ତୃଣମୂଳସ୍ତରୀୟ ଗଣତନ୍ତ୍ର ଭଳି ଅନେକ ଗୁଡିଏ ଉପାଦେୟ ଓ ମୂଲ୍ୟଯୁକ୍ତ ବିଷୟବସ୍ତୁ ମୁଖ୍ୟସ୍ଥାନ ଗ୍ରହଣ କରିଛି।

## ଏକକ ଅଭିଭାବକ ଓ ଅନାଥ ଶିଶୁଙ୍କ ପାଇଁ 'କ୍ୟାମ୍ପ କୋର୍ଟ'

ନୟାଗଡ଼, ୧୨।୯ (ନିପ୍ର): ଏକକ ଅଭିଭାବକ ଓ ଅନାଥ ଶିଶୁମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ସହ ସେମାନଙ୍କୁ ଆଇନଗତ ଓ ସାମାଜିକ ସହାୟତା ପ୍ରଦାନ ଉଦ୍ଦେଶ୍ୟରେ ଦଶପଲ୍ଲା ବ୍ଲକରେ ଜିଲ୍ଲା ପ୍ରଶାସନ ନୟାଗଡ ତରଫରୁ ଏକ 'କ୍ୟାମ୍ପ କୋର୍ଟ' ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଏକକ ଅଭିଭାବକ ଓ ଅନାଥ ଶିଶୁମାନଙ୍କ ଅଧିକାର, ସୁରକ୍ଷା, ଶିକ୍ଷା, ସରକାରୀ ଯୋଜନାର ସୁବିଧା ଏବଂ ଆଇନଗତ ସହାୟତା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଶିଶୁମାନେ ଯେପରି ନିଜର ଅଧିକାର ଓ ସରକାରୀ ସୁବିଧାରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ସମ୍ପୃକ୍ତ ବିଭାଗ ଓ ଅଧିକାରୀମାନେ ଆବଶ୍ୟକ ସହଯୋଗ ଯୋଗାଇଦେବା ଉପରେ ଗୁରୁତ୍ୱ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶିବିୟନ ପ୍ରଧାନ, ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ଦାଶ, ସଦସ୍ୟା ରୋଜାଲିନ ସାହୁଙ୍କ ସମେତ ସମ୍ପୃକ୍ତ ବିଭାଗର କର୍ମଚାରୀ ଓ ଅଧିକାରୀମାନେ ଯୋଗଦେଇ ଉପସ୍ଥିତ ହିତାଧିକାରୀଙ୍କ ସମସ୍ୟା ଶୁଣିଥିଲେ। ଆବଶ୍ୟକ କ୍ଷେତ୍ରରେ ଆଇନଗତ ପରାମର୍ଶ ଓ ସହାୟତା ମଧ୍ୟ ପ୍ରଦାନ କରାଯାଇଥିଲା। ଏହି କ୍ୟାମ୍ପରେ ଦଶପଲ୍ଲା ବ୍ଲକର ୨୦୦ରୁ ଊର୍ଦ୍ଧ୍ୱ ଶିଶୁ ଯୋଗଦେଇଥିଲେ। ଶିଶୁମାନଙ୍କ ସମସ୍ୟା ଚିହ୍ନଟ କରି ଆବଶ୍ୟକ ସହାୟତା ଯୋଗାଇଦେବା ସହ ସେମାନଙ୍କ ଅଧିକାର ଓ ସୁରକ୍ଷା ସୁନିଶ୍ଚିତ କରିବା ଉପରେ କାର୍ଯ୍ୟକ୍ରମରେ ଗୁରୁତ୍ୱ ଦିଆଯାଇଥିଲା।

## ବ୍ୟାଙ୍କ କର୍ମଚାରୀଙ୍କ ଚାରି ଦଫା ଦାବି ନେଇ ଧର୍ମଘଟ

ଦାମନଯୋଡି,୧୨ ।୯ (ନିପ୍ର); ଦେଶରେ ବିଭିନ୍ନ ବ୍ୟାଙ୍କ କର୍ମଚାରୀ ମାନଙ୍କ ମିଳିତ ମଞ୍ଚ ଡାକରାରେ ଶୁକ୍ରବାର ଦିନ ଚାରି ଦଫା ଦାବି ନେଇ ସମସ୍ତ ବ୍ୟାଙ୍କ କର୍ମଚାରୀ କାର୍ଯ୍ୟ ବନ୍ଦ୍ କରି ଧର୍ମଘଟ କରିଥିଲେ। ଫଳରେ ବ୍ୟାଙ୍କ୍ ସେବା ବ୍ୟାହତ ହୋଇଥିଲା । ଏହାର ପ୍ରଭାବ ଶିଳ୍ପାଞ୍ଚଳ ଦାମନଯୋଡିରେ ମଧ୍ୟ ଦେଖିବାକୁ ମିଳିଥିଲା । ଦାବି ଗୁଡ଼ିକ ଯଥା :- ସମ୍ମାନ ପ୍ରତିଶ୍ରୁତି କାର୍ଯ୍ୟକାରୀ ୫ ଦିନିଆ ବ୍ୟାଙ୍କିଂ ସେବା, ସରକାରଙ୍କ




ଏକପାଖିଆ ଓ ପକ୍ଷପାତ ମୂଳକ ପି ଏଲ ଆଇ ଯୋଜନା ପ୍ରତ୍ୟାହାର, କର୍ମଚାରୀ ସଂଘମାନଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା ମାଧ୍ୟମରେ ଯୋଜନା ପରିବର୍ତ୍ତନ ଓ ଅନ୍ୟାନ୍ୟ ସମସ୍ୟା ଗୁଡ଼ିକର ସମାଧାନ ଆଦି ମୁଖ୍ୟ ଦାବି ରହିଛି । ଯଦି ଏହି ଧର୍ମଘଟ ରୁ ସୁଫଳ ନମିଳେ ତେବେ ଚଳିତ ମାସ ୨୮,୨୯ ଓ ୩୦ ତାରିଖରେ ପୁନଶ୍ଚ ଆନ୍ଦୋଳନ କରାଯିବ ଓ ଅକ୍ଟୋବର ୨୬ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ଧରି ଧର୍ମଘଟ ଜାରି ରହିବ ବୋଲି ସଂଘ ପକ୍ଷରୁ ସୂଚନା ମିଳିଛି । ୧୨ ତାରିଖ ଦ୍ୱିତୀୟ ଶନିବାର, ୧୩ ତାରିଖ ରବିବାର, ୧୪ ତାରିଖ ଶ୍ରୀଗଣେଶ ପୂଜା, ୧୫ତାରିଖ ନୂଆଁଖାଇ ଥିବାରୁ ଏହି ଦିନ ଗୁଡିକ ବ୍ୟାଙ୍କ୍ ବନ୍ଦ ରହି ସିଧାସଳଖ ବୁଧବାର ଖୋଲିବ । ତେବେ ଆନ୍ଦୋଳନ ଓ ବୈଧ ଛୁଟି କୁ ମିଶାଇ ମୋଟ ପାଞ୍ଚ ଦିନ ଉପୋଭୋକ୍ତା ମାନେ ବ୍ୟାଙ୍କ୍ ସେବାରୁ ବଞ୍ଚିତ ହେବେ । ପାର୍ବଣ ଋତୁରେ ବ୍ୟାଙ୍କ୍ ଧର୍ମଘଟ ଦ୍ୱାରା ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବେ, ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଦାମନଯୋଡିରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍, ଏଚଡିଏଫ୍‌ସି ବ୍ୟାଙ୍କ୍, ଇଣ୍ଡିଆନ୍ ବ୍ୟାଙ୍କ୍, ଉତ୍କଳ ଗ୍ରାମୀଣ ବ୍ୟାଙ୍କ୍ ଆଦି ବନ୍ଦ୍ ରହିଥିଲା ।

## 'ଏକ ପେଡ୍ ମା କେ ନାମ' କାର୍ଯ୍ୟକ୍ରମ

କାକଟପୁର,୧୨।୯ (ନିପ୍ର); ପରିବେଶ ସୁରକ୍ଷା ଏବଂ ମା'ଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନର ଏକ ଅନନ୍ୟ ପ୍ରୟାସ ସ୍ୱରୂପ କାକଟପୁରର ପ୍ରମୁଖ ଶିକ୍ଷାନୁଷ୍ଠାନ ନେତ୍ରାନନ୍ଦ ସାହୁ ମହିଳା ମହାବିଦ୍ୟାଳୟ ପକ୍ଷରୁ 'ଏକ ପେଡ୍ ମା କେ ନାମ' (ଏକ ଗଛ ମାଆଙ୍କ ନାମରେ) କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟର ପରିସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ କଲେଜ ଅଧ୍ୟକ୍ଷ ସଂଗ୍ରାମ ଚରଣ ଚାଟୋଇଅଧ୍ୟାପିକା ଅମୀୟ ବାଳା ପରିଡା ଅଧ୍ୟାପକ ଦୁର୍ଯ୍ୟୟ କୁମାର ବିଶ୍ୱାଳ ମୁଖ୍ୟ କିରାଣୀ କ୍ଷୀରୋଦ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ଦାସ, ମନୋଜ କୁମାର ସାହୁ, ଲିଲିପ୍ରଭା ସ୍ୱାଇଁ, ମହେଶ୍ୱେତା ପଣ୍ଡା, ସଞ୍ଜୟ ସାହୁ ଓ କଲେଜର ଛାତ୍ରୀମାନେ ଏବଂକର୍ମଚାରୀ ମାନେ ମିଳିତ ଭାବେ ବିଭିନ୍ନ ବନୀକରଣ ଓ ଫଳପ୍ରଦ ଗଛ ରୋପଣ କରିଥିଲେ। ପ୍ରତ୍ୟେକ ଛାତ୍ରୀ ଗୋଟିଏ ଲେଖାଏଁ ଗଛ ଲଗାଇ ତାହାକୁ ନିଜ ମାଆଙ୍କ ନାମରେ ନାମିତ କରିବା ସହ ସେଗୁଡ଼ିକର ଯତ୍ନ ନେବା ପାଇଁ ଦୃଢ଼ ସଂକଳ୍ପ ନେଇଥିଲେ। ମାଆ ଏବଂ ପ୍ରକୃତି ଉଭୟଙ୍କ ଅବଦାନ ସମାଜରେ ଅତୁଳନୀୟ। ମାଆ ଯେପରି ନିଜର ସ୍ନେହ ଓ ମମତା ଦେଇ ଏକ ସନ୍ତାନକୁ ଗଢ଼ିତୋଳେ, ସେହିପରି ପ୍ରକୃତି ମଧ୍ୟ ମାଆ ଭଳି ଆମକୁ ଜୀବନ ଓ ଅମ୍ଳଜାନ ପ୍ରଦାନ କରିଥାଏ। ଏହି ବାର୍ତ୍ତାକୁ ଜନସାଧାରଣିକ କରିବା ଏବଂ ଯୁବପିଢ଼ିଙ୍କୁ ବୃକ୍ଷରୋପଣ ପ୍ରତି ଆକୃଷ୍ଟ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

# ମନ୍ଦିର ଚୋରି ମାମଲାରେ ୪ ଗିରଫ :୩ ନାବାଳକଙ୍କୁ ଜୁଭେନାଇଲ କୋର୍ଟରେ ହାଜର

କୁଚିଣ୍ଡା,୧୩।୯ (ନିପ୍ର); ସମ୍ବଲପୁର ଜିଲ୍ଲା ମହୁଲପାଲି ଓ କୁଚିଣ୍ଡା ଥାନା ଅଞ୍ଚଳର ବିଭିନ୍ନ ମନ୍ଦିରରେ ଚୋରି ହୋଇଥିଲା। ଏନେଇ ମହୁଲପାଲି ଥାନାରେ ମାମଲା(ନଂ.୧୧୯/୨୬) ଓ କୁଚିଣ୍ଡା ଥାନାରେ (ନଂ.୧୭୬/୧୭୭/୧୭୮) ୩ଟି ଚୋରୀ ମାମଲା ରୁଜୁ କରାଯାଇ ୪ ଜଣଙ୍କୁ ଗିରଫ କରି କୁଚିଣ୍ଡା ଏସଡ଼ିଜେଏମ୍ କୋର୍ଟକୁ ଚାଲାଣ କରାଯାଇଛି। ଏଥିରେ ଜଡ଼ିତ ୩ ବାଳ ଅପରାଧୀଙ୍କୁ ସମ୍ବଲପୁର ଜୁଭେନାଇଲ କୋର୍ଟରେ ହାଜର କରାଯାଇ ବାଳ ସୁଧାର ଗୃହକୁ ପଠାଇ ଦିଆଯାଇଛି। ପୋଲିସ ଚୋରଙ୍କ ଠାରୁ ଚୋରୀ ସାମଗ୍ରୀ ଜବତ କରି ଅଧିକ ତଦନ୍ତ ଜାରି ରହିଛି। ପୋଲିସର ସୂଚନା ଅନୁଯାୟୀ, ଅଗଷ୍ଟ ୧୩/୧୪ ତାରିଖ ରାତିରେ ମହୁଲପାଲି ଥାନା ତୁରେଇ ଗ୍ରାମ ସ୍ଥିତ ତାରିଣୀ ମନ୍ଦିରରୁ ସୁନା,ରୂପା ଅଳଙ୍କାର ସମେତ ହୁଣ୍ଡିରୁ ଟଙ୍କା ଚୋରି ହୋଇଥିବା ମନ୍ଦିର ପରିଚାଳନା ଟ୍ରଷ୍ଟ ସଭାପତି ସୁବୋଧ କୁମାର ପଟେଲ ମହୁଲପାଲି ଥାନାରେ ରିପୋର୍ଟ କରିଥିଲେ। ପାରୁଆଭାଡ଼ି ମନ୍ଦିରରୁ ଅଗଷ୍ଟ ୧୯ ରାତିରେ ହନୁମାନ ମନ୍ଦିରରୁ ରୂପା ଛତ୍ର ଓ ଟଙ୍କା ଚୋରି ହୋଇଥିବା ମନ୍ଦିର ପରିଚାଳନା ଟ୍ରଷ୍ଟ ସଭାପତି ଜଗଦୀଶ ପ୍ରସାଦ ଖଣ୍ଡେଲୱାଲ କୁଚିଣ୍ଡା ଥାନାରେ ରିପୋର୍ଟ କରିଥିଲେ। ଉକ୍ତ ରାତିରେ କୁଡାପଡା ଦଙ୍ଗା ଲିଙ୍ଗା ମନ୍ଦିର ହୁଣ୍ଡିରୁ ୨୦ ହଜାର ଟଙ୍କା ଚୋରି ହୋଇଥିବା କୁଚିଣ୍ଡା ଗୋଣ୍ଡ ସମାଜ ଆଞ୍ଚଳିକ କମିଟି ସଭାପତି ହରିଭକ୍ତ ନାଏକ କୁଚିଣ୍ଡା ଥାନାରେ ରିପୋର୍ଟ କରିଥିଲେ। ଅନ୍ୟ ପକ୍ଷରେ ଉକ୍ତ ରାତିରେ କିରାଶାସନ ସ୍ଥିତ ସ୍ୱପ୍ନେଶ୍ୱର ଶିବ ମନ୍ଦିର ହୁଣ୍ଡିରୁ ଟଙ୍କା ଚୋରି ହୋଇଥିବା ମନ୍ଦିର ପରିଚାଳନା କମିଟି ସମ୍ପାଦକ ସୌକିତ କୁମାର ମହାପାତ୍ର କୁଚିଣ୍ଡା ଥାନାରେ ରିପୋର୍ଟ କରିଥିଲେ। ଏଭଳି ସିରିଜ ଚୋରି ଘଟଣାରେ ସମ୍ବଲପୁର ଏସ୍‌ପି ମୁକେଶ କୁମାର ଭାମୁଙ୍କ ନିର୍ଦ୍ଦେଶକ୍ରମେ କୁଚିଣ୍ଡା ଏସଡିପିଓ ପ୍ରଦୀପ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା।ଏହି ଟିମରେ ମହୁଲପାଲି ଥାନା ଆଇଆଇସି ଇନ୍ଦ୍ରଦେବ ଓରାମ,ଏସଆଇ ସୁଜିତ କୁମାର ମହାନ୍ତ ଓ ଏଏସଆଇ ଅଞ୍ଜନ କୁମାର, କୁଚିଣ୍ଡା ଥାନା ଆଇଆଇସି ରାଧାକାନ୍ତ ବାରିକ,ଏସଆଇ ଅରୁଣ କୁମାର ପଟେଲ ଓ ଈଶ୍ୱରଚନ୍ଦ୍ର ସାହୁ,ଏଏସଆଇ ନିରଞ୍ଜନ ପ୍ରଧାନ ପ୍ରମୁଖ ମାତାଲ୍ ହୋଇ ତଦନ୍ତ କରିଥିଲେ। ଚୋରି ଘଟଣାରେ ପୋଲିସ ମହୁଲ ପାଲି ଥାନା କୁସୁମୀ ମହୁଲଗୁଡାର ମହେଶ ଓରାମ (୨୧), କୁସୁମୀର ରୋହିତ କଟୁରୀ (୨୦) ଓ କୁସୁମୀ ର ହୀରାଲାଲ ଶବର ଓରଫ ମିଲୁ(୨୩) ଏବଂ ସୁନ୍ଦରଗଡ଼ ଜିଲ୍ଲା ଗୁରୁଣ୍ଡିଆ ଥାନା ମୟୁରଡିମାର ବିକାଶ ପାତ୍ର (୨୧)ଙ୍କୁ ଗିରଫ କରିଥିଲା। ଏଥିସହ ଚୋରି ଘଟଣାରେ ୩ ଜଣ ନାବାଳକଙ୍କୁ ଚିହ୍ନଟ କରିଥିଲା। ପୋଲିସ ସେମାନଙ୍କୁ ସମ୍ବଲପୁର ଜୁଭେନାଇଲ କୋର୍ଟରେ ହାଜର କରାଯାଇଛି। ପୋଲିସ ଅଭିଯୁକ୍ତ ମହେଶ ଓରାମଙ୍କୁ ଅଧିକ ତଦନ୍ତ ପାଇଁ ମଙ୍ଗଳବାର ରିମାଣ୍ଡରେ ଆଣି ପଚରାଉଚରା ପରେ ଜେଲ ହାଜତକୁ ପଠାଇଛି। ଅବଶିଷ୍ଟ ଚୋରି ସାମଗ୍ରୀ ଉଦ୍ଧାର ପାଇଁ ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ରିମାଣ୍ଡରେ ଅଣାଯିବ ବୋଲି କୁଚିଣ୍ଡା ଏସଡିପିଓ ପ୍ରଦୀପ କୁମାର ଦାସ କହିଛନ୍ତି।



## ଆସିକା ପଞ୍ଚାୟତ ସମିତି ବୈଠକରେ ହୋଇଥିବା ହୋ ହଲ୍ଲା : ଥାନାରେ ମାମଲା

ଆସିକା,୧୨।୯ (ନିପ୍ର); ଗତ ୯ତାରିଖରେ ଆସିକା ପଞ୍ଚାୟତ ସମିତି ବୈଠକ ଗୃହରେ ବିଧାୟକ ଗୋଷ୍ଠୀ ଓ ହରିଡ଼ାପଦର ସରପଞ୍ଚ ଓ ସମିତି ସଭ୍ୟଙ୍କ ମଧ୍ୟରେ ହୋଇଥିବା ପାଟିତୁଣ୍ଡକୁ ନେଇ ଉଭୟ ପକ୍ଷରୁ ଆସିକା ଥାନାରେ ମାମଲା ରୁଜୁ ହୋଇଛି। ସରପଞ୍ଚ ଜୟନ୍ତୀ ବେହେରାଙ୍କ ଏତଲା କ୍ରମେ ବିଧାୟକଙ୍କ ଦୁଇ ପୁଅ ସନ୍ଦୀପ, ପାଢ଼ୀ,ସଂଗୀତ ପାଢ଼ୀ ଓ କାଳିଆ ନାହାକଙ୍କ ନାଁରେ ଥାନା କେସ୍ ନମ୍ବର ୫୦୭/୨୬ରେ ଦଫା ୨୯୬/୩୫୧ (୨)/୩(୫) ଓ ଏସ୍‌ସିଏସ୍‌ଟି ଆକ୍ଟ ୩(୧) (ଆର)/୩(୧)(ଏସ୍) ରେ ମାମଲା ରୁଜୁ ହୋଇଥିଲା ବେଳେ କାଳିଆ ନାହକଙ୍କ ଏତଲା କ୍ରମେ କେସ୍ ନମ୍ବର ୫୦ ୫୦୮/୨୬ରେ ଜୟନ୍ତୀ ବେହେରା ଏବଂ ଅନ୍ୟମାନଙ୍କ ନାମ ଏକ ମାମଲା ରୁଜୁ ହୋଇଛି। ଉଭୟ ମାମଲାର ତଦନ୍ତଭାର ଅତିରିକ୍ତ ଥାନାଧିକାରୀ ସୌମ୍ୟକାନ୍ତ ଜେନାଙ୍କୁ ପ୍ରଦାନ କରାଯାଇଛି। ପୁଲିସ ସିସିଟିଭି ଫୁଟେଜ୍ ଓ ଭାଇରାଲ୍ ଭିଡିଓକୁ ତଦନ୍ତ ପରିସରଭୁକ୍ତ କରିଛି।

## କାଶୀନଗର ବ୍ଲକର ତିନି ପଞ୍ଚାୟତର ଚାଷୀ ଉପକୃତ ହେବେ କେବେ ?

କାଶୀନଗର,୧୨।୯(ନିପ୍ର);କାଶୀନଗର ବ୍ଲକ ଅନ୍ତର୍ଗତ କେ. ସୀତାପୁର ପଞ୍ଚାୟତରେ ୩ କୋଟି ଟଙ୍କା ବ୍ୟୟରେ ବୈଝାଳ ନାଳ ଠାରେ ଏକ ଚେକଡ୍ୟାମ ନିର୍ମାଣ ହୋଇଛି। କିନ୍ତୁ ପରିତାପର ବିଷୟ ସେହି ଚେକଡ୍ୟାମ ସାହାଯ୍ୟରେ ସୀତାପୁର ପଞ୍ଚାୟତର ଚାଷୀମାନେ ଜଳ ସେଚନର ସୁବିଧା ପାଇ ପାରୁ ନାହାନ୍ତି ବୋଲି ଅଭିଯୋଗ କରିଛନ୍ତି। ଚାଷୀମାନେ କିପରି ଏହି ଚେକଡ୍ୟାମ ମାଧ୍ୟମରେ ନିଜ ଚାଷ ଜମିକୁ ଜଳ ସେଚିତ କରି ପାରିବେ ସେଥିପାଇଁ ସରପଞ୍ଚ ତେଜେଶ୍ୱର ରାଓ ଏବଂ ସେହି ଅଂଚଳର ଚାଷୀମାନେ ଚେକଡ୍ୟାମ କ୍ଷେତ୍ର ଅନୁଧ୍ୟାନ କରିଥିଲେ। ଚେକଡ୍ୟାମ ମଧ୍ୟରେ ଏକ ନିର୍ଦ୍ଧାରିତ ସ୍ଥାନରେ ଯେଉଁଠି ପାଣି ବହିକି ଯାଉଛି ସେହି ସ୍ଥାନରେ ପାଣିକୁ ଦୁଇ ଭାଗ କରିବା ନିମନ୍ତେ ଏକ ପୋଇଁଟ ଦେଲେ ଏହି ଅଂଚଳର ପ୍ରାୟ ୩୦୦ ହେକ୍ଟର ଜମି ଜଳ ସେଚିତ ହୋଇ ଚାଷୀ ମାନେ ଉପକୃତ ହୋଇ ପାରିବେ ବୋଲି ଅନୁଧ୍ୟାନରୁ ଜଣାପଡିଲା। ଏହି ପରିପ୍ରେକ୍ଷୀରେ ସରପଞ୍ଚ ଶ୍ରୀ ରାଓ ଏହି ବିଷୟରେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଅବଗତ କଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ସେ ଅଭିଯୋଗ ଆଣିଛନ୍ତି। ସରପଞ୍ଚ ଶ୍ରୀ ରାଓ ପୁଣି ଥରେ କହିଛନ୍ତି ଯେ ଏହି ଡ୍ୟାମ ଉପରେ ରାଣୀପେଣ୍ଟ, ସିଦ୍ଧାମାଡାଙ୍ଗ ଓ ସୀତାପୁର ଏହି ତିନୋଟି ପଞ୍ଚାୟତର ହଜାର ହଜାର ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ନିର୍ମାଣ ହୋଇଛି । କିନ୍ତୁ ଚାଷୀ ମାନେ ଉପକୃତ ହୋଇ ପାରୁ ନ ଥିବା ଦେଖି ସେ ନିଜେ



ଚାଷୀ ମାନଙ୍କ ସହ ମିଶି ସ୍ଥାନୀୟ ବିଧାୟକ ଇଂ ରୂପେଶ କୁମାର ପାଣିଗ୍ରାହୀ ଏବଂ ଜଳ ସେଚନ ବିଭାଗୀୟ ଅଧିକାରୀଙ୍କ ନିକଟରେ ପହଂଚି ଏହି ବିଷୟରେ ଅବଗତ କରେଇ ଶୀଘ୍ର ପଦକ୍ଷେପ ନେବା ପାଇଁ ଅନୁରୋଧ କରିଛନ୍ତି।

## ଡିଜିଟାଲ ବ୍ୟବସ୍ଥାର ସୁରକ୍ଷା ପାଇଁ ଏଆଇର ଭୂମିକା

ଗୁଣୁପୁର,୧୨।୯(ନିପ୍ର): ସ୍ଥାନୀୟ ଜିଆଇଇଟି ବିଶ୍ୱବିଦ୍ୟାଳୟରେ ଅଖିଳ ଭାରତୀୟ ବୈଷୟିକ ଶିକ୍ଷା ପରିଷଦ(ଏ ଆଇସିଟିଇ) ପକ୍ଷରୁ 'ଅଟଳ ବାଣୀ'(ଭାରତୀୟ ଭାଷାର ବିକାଶ, ସଂରକ୍ଷଣ ଓ ସମୃଦ୍ଧି ପାଇଁ ସକ୍ରିୟ ପ୍ରୟାସ)'କୃତ୍ରିମ ବୁଦ୍ଧିମତ୍ତା ଆଧାରିତ ସାଇବର ସୁରକ୍ଷା ଓ ସୁଦୃଢ଼ ପ୍ରଣାଳୀ " ଶୀର୍ଷକରେ ଦୁଇଦିନିଆ ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି। ସ୍କୁଲ ଅଫ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିର କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ଆୟୋଜିତ ଏହି ଜାତୀୟ ସମ୍ମିଳନୀର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ସ୍ଥିତ ଓଡ଼ିଆ ଅଧ୍ୟୟନ ଓ ଗବେଷଣା ପ୍ରତିଷ୍ଠାନର ସଦସ୍ୟ-ସଚିବ ଡ. ସୁବ୍ରତ କୁମାର ପୃଷ୍ଟି ଯୋଗଦେଇ ସାଇବର ସୁରକ୍ଷାର ବର୍ତ୍ତମାନ ପରିସ୍ଥିତି ଓ କୃତ୍ରିମ ବୁଦ୍ଧିମତ୍ତାର ବଢ଼ୁଥିବା ପ୍ରଭାବ ଉପରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଭୁବନେଶ୍ୱରସ୍ଥିତ ତାନୁମାନାସା ରିସର୍ଚ୍ଚ ପ୍ରାଇଭେଟ୍ ଲିମିଟେଡ୍‌ର ଅଭିନାଶ ଦାଶ ଏବଂ ରାୟଗଡ଼ାସ୍ଥିତ ଧିଭ୍ରିତି ଟେକ୍‌ର ସିଟିଓ. ରାମା ଆର ନାଇଡୁ ପ୍ରମୁଖ ବିଶେଷଜ୍ଞ ଭାବେ ଯୋଗଦେଇ ସାଇବର ସୁରକ୍ଷା ଓ ଏଆଇ ପ୍ରଯୁକ୍ତିର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଜିଆଇଇଟି ବିଶ୍ୱବିଦ୍ୟାଳୟର ଉପକୁଳପତି ଡ. ଗୌତମ ଘୋଷ, ସ୍କୁଲ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିର ଅଧକ୍ଷ ଡ. କେ. ମୂରଲୀ ଗୋପାଳ, କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ବିଭାଗର ମୁଖ୍ୟ ଡ. କେ. ଶିବା କ୍ରିଷ୍ଣା ପ୍ରମୁଖ ମଞ୍ଚାସୀନ ରହି ବର୍ତ୍ତମାନର ଦ୍ରୁତଗତିଶୀଳ ଡିଜିଟାଲ୍ ଯୁଗରେ ସାଇବର ଆକ୍ରମଣର ଆଶଙ୍କା ଦିନକୁ ଦିନ ବଢ଼ି ଚାଲିଥିବାରୁ କୃତ୍ରିମ ବୁଦ୍ଧିମତ୍ତା ଆଧାରିତ ସାଇବର ସୁରକ୍ଷା ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟ ହୋଇପଡ଼ିଛି ବୋଲି ମତ ପ୍ରକାଶ କରିଥିଲେ । ସମ୍ମିଳନୀରେ ଏ ଆଇ ଓ ମେସିନ୍ ଲର୍ଣ୍ଣିଂ ପ୍ରଯୁକ୍ତିର ବ୍ୟବହାର ମାଧ୍ୟମରେ ସାଇବର ଆକ୍ରମଣର ଚିହ୍ନଟ, ପ୍ରତିରୋଧ ଏବଂ ତୁରନ୍ତ ପଦକ୍ଷେପ ଗ୍ରହଣ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା।

## ଶୋଭାଯାତ୍ରାରେ ଡିଜେ ସମ୍ପୂର୍ଣ୍ଣ ନିଷେଧ ଉଲ୍ଲଂଘନ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

ଭଦ୍ରକ,୧୨।୯ (ନିପ୍ର); ଆସନ୍ତା ଗଣେଶ ପୂଜା ଓ ଶୋଭାଯାତ୍ରାକୁ ଶାନ୍ତିପୂର୍ଣ୍ଣ ଏବଂ ଶୃଙ୍ଖଳିତ ଭାବେ ପାଳନ ସହ ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ ଲକ୍ଷ୍ୟରେ ଭଦ୍ରକ ଉପଖଣ୍ଡରେ ଗଣେଶ ପୂଜା ଶୋଭାଯାତ୍ରା ସମୟରେ ଡିଜେ, ଡିଜେ ବକ୍ସ, ହାଇ-ପାୱାର ସାଉଣ୍ଡ ସିଷ୍ଟମ ଓ ଅନୁରୂପ ଉଚ୍ଚଶବ୍ଦ ବର୍ଦ୍ଧକ ଯନ୍ତ୍ର ବ୍ୟବହାର ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଭଦ୍ରକ ଉପଜିଲ୍ଲାପାଳ ତଥା ଉପଖଣ୍ଡ ମାଜିଷ୍ଟ୍ରେଟ୍ ସୌରଭ ଚକ୍ରବର୍ତ୍ତୀ ଏ ସମ୍ପର୍କରେ ଭଦ୍ରକ ଉପଖଣ୍ଡ ଅଧୀନ ସମସ୍ତ ଥାନାର ଭାରପ୍ରାପ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗଣେଶ ପୂଜା ଶୋଭାଯାତ୍ରାରେ ଶୋଭାଯାତ୍ରାର ପରିମାଣ, ସମୟ କିମ୍ବା ରୁଟ୍ ନିର୍ବିଶେଷରେ ଡିଜେ କିମ୍ବା ଉଚ୍ଚଶକ୍ତିସମ୍ପନ୍ନ ସାଉଣ୍ଡ ସିଷ୍ଟମକୁ ଅନୁମତି ଦିଆଯିବ ନାହିଁ।ଆଇନସମ୍ମତ ଭାବେ ଷ୍ଟାଣ୍ଡାର୍ଡ ଲାଉଡସ୍ପିକର କିମ୍ବା ପବ୍ଲିକ୍ ଆଡ୍ରେସ୍ ସିଷ୍ଟମ ବ୍ୟବହାର କରାଗଲେ ମଧ୍ୟ ପ୍ରଚଳିତ ଲାଉଡସ୍ପିକର ନିୟମ ଓ ଶବ୍ଦ ପ୍ରଦୂଷଣ ନିୟମାବଳୀକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ପଡ଼ିବ। ବିଶେଷକରି ଆବାସିକ ଅଞ୍ଚଳ, ହସ୍ପିଟାଲ ଓ ଶିକ୍ଷାନୁଷ୍ଠାନ ନିକଟରେ ଶବ୍ଦସ୍ତର ଉପରେ ନଜର ରଖାଯିବ।ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଅନୁମତି କିମ୍ବା ବୈଧ ଲାଇସେନ୍ସ ବିନା ଲାଉଡସ୍ପିକର, ଆମ୍ପ୍ଲିଫାୟର କିମ୍ବା ଅନ୍ୟ ଅଡିଓ ଯନ୍ତ୍ର ବ୍ୟବହାର କରାଯାଇପାରିବ ନାହିଁ। ରାତିର ନିଷିଦ୍ଧ ସମୟ ମଧ୍ୟରେ କୌଣସି ପ୍ରକାର ଶବ୍ଦ ଉତ୍ପାଦନକାରୀ ଯନ୍ତ୍ର ଚାଲୁ ନକରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ମହେନ୍ଦ୍ରତନୟା ନଦୀରେ ଆନ୍ଧ୍ର ଆବର୍ଜନା ପକାଇବା ପ୍ରସଙ୍ଗ ଉଠାଇଲେ ବିଧାୟକ

ପାରଳାଖେମୁଣ୍ଡି,୧୨।୯ (ନିପ୍ର): ଓଡ଼ିଶା ବିଧାନସଭାର କମିଟି ଅନ୍ ପେପର୍ସ ଲେଡ୍ ଅନ୍ ଦ ଟେବୁଲର ୨୦୨୬-୨୭ ବର୍ଷର ଷଷ୍ଠ ବୈଠକ ଭୁବନେଶ୍ୱରସ୍ଥିତ ବିଧାନସଭା ଭବନର ରୁମ୍ ନମ୍ବର ୫୫ରେ ଅନୁଷ୍ଠିତ ହୋଇଛି। ବୈଠକରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଏବଂ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସମ୍ପର୍କିତ ବିଭିନ୍ନ ବିଷୟ ଉପରେ ଆଲୋଚନା ହୋଇଥିଲା। କମିଟିର ଅଧ୍ୟକ୍ଷ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ସଦସ୍ୟ ଛବି ମଲିକ, ଅଭିମନ୍ୟୁ ସେଠୀ, ଲକ୍ଷ୍ମଣ ବାଗ, ପ୍ରତାପ ଚନ୍ଦ୍ର ପ୍ରଧାନ, ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ଓ ସତ୍ୟଜିତ ଗୋମାଙ୍ଗୋଙ୍କ ସମେତ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ବୈଠକ ସମୟରେ ପାରଳାଖେମୁଣ୍ଡି ଅଞ୍ଚଳ ସମ୍ପର୍କିତ ଏକ ପରିବେଶୀୟ ପ୍ରସଙ୍ଗ ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ଉଠାଇଥିଲେ। ତାଙ୍କ ଅଭିଯୋଗ ଅନୁଯାୟୀ, ଆନ୍ଧ୍ର ପ୍ରଦେଶ ପଟୁ ଆବର୍ଜନା ଆଣି ପାରଳାଖେମୁଣ୍ଡି ଉପକଣ୍ଠ ମହେନ୍ଦ୍ରତନୟା ନଦୀ ତଟ ଅଞ୍ଚଳରେ ପକାଯାଉଥିବାରୁ ପରିବେଶ ଉପରେ ନକାରାତ୍ମକ ପ୍ରଭାବ ପଡୁଛି। ଏହି ଘଟଣା ସମ୍ପର୍କରେ ପୂର୍ବରୁ ମଧ୍ୟ ଆନ୍ଧ୍ର ପ୍ରଶାସନକୁ ଅବଗତ କରାଯାଇଥିବା ସତ୍ତ୍ୱେ ସମସ୍ୟାର ସ୍ଥାୟୀ ସମାଧାନ ହୋଇନଥିବା ବିଧାୟକ ଦର୍ଶାଇଥିଲେ। ଏହି ପ୍ରସଙ୍ଗରେ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ପରିବେଶ ବିଭାଗର



ସମ୍ପୃକ୍ତ ଅଧିକାରୀମାନଙ୍କୁ ବିଧାୟକ ଅବଗତ କରାଇ ଆବଶ୍ୟକ ପଦକ୍ଷେପ ନେବା ଦିଗରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ପାରଳାଖେମୁଣ୍ଡି ସହର ମଧ୍ୟରେ ବନ ବିଭାଗ ପକ୍ଷରୁ ଏକ ଅତିଥି ଭବନ ନିର୍ମାଣ କରିବା ପ୍ରସଙ୍ଗ ମଧ୍ୟ ବିଧାୟକ ପାଣିଗ୍ରାହୀ ଉଠାଇଥିଲେ। ଏଥିପାଇଁ ବିଭାଗୀୟ ଅଧିକାରୀଙ୍କ ନିକଟରେ ସେ ଦାବି ରଖିଥିବା ଜଣାପଡ଼ିଛି। ବୈଠକରେ ୨୦୨୦-୨୧ ବର୍ଷର ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବାର୍ଷିକ ରିପୋର୍ଟ ପ୍ରକାଶରେ ହୋଇଥିବା ବିଳମ୍ବ ସମ୍ପର୍କିତ ବିଷୟ ମଧ୍ୟ ପରୀକ୍ଷା କରାଯାଇଥିଲା। ଏହା ସହିତ ୨୦୨୧-୨୨ରୁ ୨୦୨୫-୨୬ ପର୍ଯ୍ୟନ୍ତ ଓଡ଼ିଶା ରାଜ୍ୟ ବନ ନିଗମର ବକେୟା ହିସାବ ଚୂଡ଼ାନ୍ତ କରିବାର ସ୍ଥିତି ରିପୋର୍ଟ ଉପରେ ମଧ୍ୟ କମିଟି ପକ୍ଷରୁ ଆଲୋଚନା ଓ ପରୀକ୍ଷା କରାଯାଇଥିଲା। ବିଭିନ୍ନ ରିପୋର୍ଟ ପ୍ରକାଶ ଓ ହିସାବ ଚୂଡ଼ାନ୍ତ ପ୍ରକ୍ରିୟାରେ ବିଳମ୍ବ କିମ୍ବା ଅଗ୍ରଗତି ନହେବାର କାରଣ ସମ୍ପର୍କରେ ମଧ୍ୟ କମିଟି ପକ୍ଷରୁ ବିଭାଗୀୟ ଅଧିକାରୀଙ୍କଠାରୁ ତଥ୍ୟ ନିଆଯାଇଥିଲା ପାରଳାଖେମୁଣ୍ଡିର ମହେନ୍ଦ୍ରତନୟା ନଦୀର ସ୍ୱଚ୍ଛତା ଓ ପରିବେଶ ସୁରକ୍ଷା ସହିତ ସହରରେ ଆବଶ୍ୟକ ବନ ବିଭାଗୀୟ ସୁବିଧା ବିକାଶ ପ୍ରସଙ୍ଗ ବିଧାନସଭା କମିଟିରେ ଉଠିବା ଦ୍ୱାରା ଏହା ଆଗାମୀ ଦିନରେ ସମ୍ପୃକ୍ତ ବିଭାଗର ଦୃଷ୍ଟି ଆକର୍ଷଣ କରିବ ବୋଲି ଆଶା କରାଯାଉଛି।

## ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

ନୟାଗଡ଼,୧୨।୯ (ନିପ୍ର); ନୟାଗଡ଼ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରେ ନୂତନ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କଲେ ପ୍ରଦୀପ୍ତ କୁମାର ସେନାପତି। ଏହି ଅବସରରେ ତାଙ୍କୁ କାର୍ଯ୍ୟାଳୟ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହା ପୂର୍ବରୁ ସେ ପୁରୀ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିଲେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି । ଏହିଅବସରରେ ଜିଲ୍ଲା ହେଡ୍‌କ୍ୱାଟର୍‌ର ସାମ୍ବାଦିକଙ୍କ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛିଫ



### ନର୍ଲା ଲୋକମୋଟିଭ୍ ପିରିଓଡିକାଲ ଓଭରହଲିଂ ୱାର୍କସପ ନିର୍ମାଣ ପ୍ରସଙ୍ଗ

# ପ୍ରକଳ୍ପ ପାଇଁ ଆବଶ୍ୟକ ୩୭୦.୫୦୦ଏକର ଜମି ଅଧିଗ୍ରହଣ ଶେଷ

ଭବାନୀପାଟଣା,୧୩।୯(ନିପ୍ର); ପ୍ରଥମ ପର୍ଯ୍ୟାୟରେ ନର୍ଲାର ଚପଟ ଖଣ୍ଡାରେ ହେବାକୁ ଥିବା ଲୋକମୋଟିଭ ପିରିଓଡ଼ିକାଲ ଓଭରହଲିଂ ୱାର୍କସପ ନିର୍ମାଣ ପ୍ରସଙ୍ଗ ଇତିମଧ୍ୟରେ ୧୦ବର୍ଷ ଅତିକ୍ରାନ୍ତ କରିଛି। ପୂର୍ବରୁ ଅର୍ଥାତ୍ ୨୦୧୧ ମସିହାରେ ମମତା ବାନାର୍ଜୀଙ୍କ ସମୟରେ ନର୍ଲା ଠାରେ ପ୍ରଥମେ ରେଳ ୱାଗନ କାରଖାନା ନିର୍ମାଣ ହେବବୋଲି ଘୋଷଣା ହୋଇଥିଲା। ରାଜନୀତିର ପଶା ପାଲିରେ ପେଶି ହୋଇ ତାହା ଶେଷରେ ରେଳ ମନ୍ତ୍ରାଳୟର ଅନୁମୋଦନ କ୍ରମେ ବିଶାଖାପାଟଣାର ଧୁବାଡା ଅଞ୍ଚଳକୁ ସ୍ଥାନାନ୍ତର ହୋଇଗଲା। ନାର୍ଲାବାସୀଙ୍କୁ ନିରାଶ କରାଗଲା। ପୂର୍ବତନ କେନ୍ଦ୍ର ରେଳ ମନ୍ତ୍ରୀଙ୍କ ନେତୃତ୍ୱରେ ଆନ୍ଦୋଳନ ଧର୍ମଘଟ ଏପରିକି ବନ୍ଦ ପାଳନ କରାଯାଇଥିଲା। ଫଳସ୍ୱରୂପ ବହୁ ଆଲୋଚନା ଓ ବିଚାରବିମର୍ଶ ପରେ ରେଳ ବିଭାଗ ଶେଷରେ ବିଦ୍ୟୁତ୍ ରେଳ ଇଞ୍ଜିନ ନିର୍ମାଣ କାରଖାନା ପାଇଁ ନର୍ଲା ଅଞ୍ଚଳକୁ ଚିହ୍ନଟ କରିଥିଲେ। ଯାହା କି ଲୋକମୋଟିଭ୍ ପିରିଓଡ଼ିକାଲ ଓଭରହଲିଂ ୱାର୍କସପ୍ ନାମରେ ନାମିତ ହୋଇଥିଲା। କଳାହାଣ୍ଡି ଜିଲ୍ଲାରେ ରେଳ ପରିବହନ କ୍ଷେତ୍ରରେ ସ୍ୱୟଂସମ୍ପୂର୍ଣ୍ଣ ଓ ସମୃଦ୍ଧ କରିବାକୁ ବର୍ଷ ପରେ ବର୍ଷ ବିତିଯିବା ସତ୍ତ୍ୱେ ତାହା ହୋଇପାରିନାହିଁ। ଯଦି ଓ କୁହାଯାଏ ରେଳବାଇ ହେଉଛି ରାଷ୍ଟ୍ରର ଜୀବନରେଖା। ସମଗ୍ର ଦେଶରେ କୋଟି କୋଟି ଟଙ୍କାର ରେଳ ପ୍ରକଳ୍ପକୁନେଇ ଯୋଜନା ହେଉଛି ସତ କିନ୍ତୁ ନର୍ଲା ପ୍ରକଳ୍ପ ଯେମିତି ଏକ ବ୍ୟତିକ୍ରମ ପାଲଟିଯାଇଛି। ତେବେ ମୁଖ୍ୟ ଆବଶ୍ୟକତା ରୂପେ ଦେଖାଦେଇଛି ଭିତ୍ତିଭୂମି। ନର୍ଲା ଲୋକମୋଟିଭ ପିରିଓଡ଼ିକଲ ଓଭରହଲିଂ ୱାର୍କସପ୍ କ୍ଷେତ୍ରରେ କହିବାକୁ ଗଲେ ଭିତ୍ତିଭୂମିର ସମସ୍ୟା ଧୀରେ ଧୀରେ ଅପସରି ଯାଉଛି। ୱାର୍କସପ ପାଇଁ ୩୭୦.୫୦୦ ଏକର ଜମି ଅଧିଗ୍ରହଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଁଚିଛି। କେବଳ ରହିଛି ଘୋରଇ ଜମିର ଆର୍ଥିକ ଆକଳନ। ଏବଂ ଉକ୍ତ ଜମିରେ ଥିବା ହଜାର ହଜାର ଗଛ ଗୁଡ଼ିକର ମୂଲ୍ୟାଙ୍କନ। କେତେ ଗଛ କଟିବ ଓ ସେ ଗଛର ମୂଲ୍ୟ କେତେ ତାହାର ଏକ ସୁବିସ୍ତୃତ ହିସାବ। ଯାହା ଜଙ୍ଗଲ ବିଭାଗ ଦ୍ୱାରା ସ୍ଥିରୀକୃତ ହେବ। ଶେଷରେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଦ୍ୱାରା ନିର୍ମାଣ କରାଯାଇଥିବା ନଳକୂପ ଓ ଗଭୀର ନଳକୂପ କେତେ କ୍ଷତିଗ୍ରସ୍ତ ହେବ ତାହାର ମଧ୍ୟ ନିର୍ଭୁଲ ତଥ୍ୟକୁ ଅପେକ୍ଷା ରହିଥିବା ଜଣା ପଡିଛି। ମିଳିଥିବା ସୂଚନାଅନୁଯାୟୀ ଏହି ପ୍ରକଳ୍ପ ପାଇଁ ପ୍ରଥମେ ଚପଟଖଣ୍ଡା ଗ୍ରାମକୁ ଚିହ୍ନଟ କରାଯାଇଥିଲା କିନ୍ତୁ ଜମିର ସ୍ୱରୂପ ତଥା ଅସମତଳ ଜମି ଏବଂ ଖାଲୁଆ ଜମି କାରଣରୁ ପରବର୍ତ୍ତୀ ସମୟରେ ନର୍ଲା ଏନଏସିକୁ ପ୍ରକଳ୍ପର ମୁଖ୍ୟ କେନ୍ଦ୍ର ବିନ୍ଦୁ କରାଗଲା। ୱାର୍କସପ ପାଇଁ ଆବଶ୍ୟକ ଜମି ନର୍ଲା ସମେତ ନିକଟସ୍ଥ ଭଟାଙ୍ଗ,ରେଗଡିମାଲ,ସର୍ଗି ଗୁଡ଼ା ଓ ଉଲିସିର୍କା ଗ୍ରାମକୁ ସଂଯୋଗ କରାଯାଇଛି। ସରକାରୀ ଜମି ଓ ବେସରକାରୀ ତଥା ଘୋରଇ ଜମି, ଜଙ୍ଗଲ ଜମି ଏବଂ ସରକାରୀ ଅଣଜଙ୍ଗଲଜମି ଏହିପରି ୩୭୦.୫୦୦ଏକର ଜମି ଅଧିଗ୍ରହଣ କାର୍ଯ୍ୟ ଶେଷ ହୋଇଛି। ବଳକା ଅଛି ଜମିର ମୂଲ୍ୟାୟନ। ପୂର୍ବରୁ ବିଜୁ ଜନତା ଦଳ ଶାସନ ସମୟରେ ଏହି ପ୍ରକଳ୍ପ ଲାଗି ଘୋରଇ ଜମି ୫୪.୨୪୦ ଏକର ଜମି ରାଜକୋଷରୁ ଭରଣା କରି ରେଳ ବିଭାଗକୁ ଯୋଗାଇବା ସହିତ ସରକାରୀ ଜମି ୧୪.୧୧୦ ଏକର ଏହିପରି ୬୮.୩୫୦ ଏକର ହସ୍ତାନ୍ତର କରିଥିଲେ। ଅନ୍ୟପକ୍ଷରେ ନୂତନରୂପେ ଜିଲ୍ଲା ପ୍ରଶାସନ ଘୋରଇ ଜମି ୨୪୩.୯୧୦, ସରକାରୀ ଜମି ୪୨.୫୪୦ ଏକର ଏବଂ ଜଙ୍ଗଲ ଜମି ୧୫.୭୦୦ ଏକର ଜମି ଏମିତି ସର୍ବମୋଟ ୩୭୦.୫୦୦ ଏକର ରେଳ ବିଭାଗକୁ ହସ୍ତାନ୍ତର ପାଇଁ ଚୂଡାନ୍ତ ହୋଇଥିବା ଜଣାପଡିଛି। ୨୦୧୭-୧୮ ମସିହାରେ ଏହି ପ୍ରକଳ୍ପ ପାଇଁ ଖର୍ଚ୍ଚ ଅଟକଳ ୧୮୬କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହୋଇଥିବାବେଳେ ତାହା ୨୦୨୨-୨୩ ରେ ବୃଦ୍ଧିପାଇ ରିଭାଇଜ ଏଷ୍ଟିମେଟ ଭାବେ ୩୬୯ କୋଟି,୭୮ଲକ୍ଷ,୬୫ ହଜାର ୭୮୮ଟଙ୍କାରେ ପହଞ୍ଚିଥିଲା ବର୍ତ୍ତମାନ ପୂର୍ଣ୍ଣାଙ୍ଗ ଖର୍ଚ୍ଚ ଅଟକଳ କେତେ ଜଣାପଡିନାହିଁ। ଦୀର୍ଘ ୧୦ବର୍ଷ ବିତିଯାଇଥିଲେ ସୁଦ୍ଧା ଏହି ପ୍ରକଳ୍ପର ଅଗ୍ରଗତି ଦିଗରେ ରେଳ ମନ୍ତ୍ରାଳୟ କି ପ୍ରକାର ପଦକ୍ଷେପ ନେଉଛି ତାହା ସ୍ୱଷ୍ଟ ହେଉନାହିଁ। ୨୦୨୪ ଜୁଲାଇ ମାସରେ ପ୍ରସ୍ତାବିତ ପ୍ରକଳ୍ପ ପାଇଁ ପ୍ରଧାନମନ୍ତ୍ରୀ ଭର୍ଚୁଆଲ ମୋଡରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଅଞ୍ଚଳବାସୀ ଖୁସିବ୍ୟକ୍ତକରିବା ସଙ୍ଗେ ସଙ୍ଗେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ କୃତଜ୍ଞତା ଜଣାଇଥିଲେ। ଯଦି ଓ ଜିଲ୍ଲାରେ ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି କିନ୍ତୁ ପ୍ରକଳ୍ପର ରୂପରେଖ କଣ ହେବ ତାହା ଏବେ ବି ଅନ୍ଧାରରେ ରହିଛି।

# ୧୮ତମ ବ୍ରିକ୍ସ ଶିଖର ସମ୍ମିଳନୀ

## ମୋଦି, ପୁଟିନ୍, ଜିନପିଙ୍ଗଙ୍କ ବନ୍ଧୁତା ଦେଖିଲା ବିଶ୍ୱ



ଭାରତୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଏବଂ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ଏକ ଫଟୋ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ସମ୍ମିଳନୀ ଅବସରରେ ମଝିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୋଟିଏ ପାଖରେ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଏବଂ ଅନ୍ୟ ପାଖରେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ହାତ ଧରାଧରି ହୋଇ ଛିଡ଼ା ହୋଇଛନ୍ତି ଏବଂ ହସୁଥିବାର ଦୃଶ୍ୟ କ୍ୟାମେରାରେ କଏଦ ହୋଇଛି। ଏହି ତିନି ପ୍ରମୁଖ ବିଶ୍ୱ ନେତାଙ୍କ ଆତ୍ମୀୟତା ଏବଂ ହାସ୍ୟରସପୂର୍ଣ୍ଣ ମୁହୂର୍ତ୍ତକୁ ନେଟିଜେନ୍ସ 'ବ୍ରୋମାନ୍ସ' ବୋଲି ଆଖ୍ୟା ଦେଇଛନ୍ତି, ଯାହା ମୁହୂର୍ତ୍ତକ ମଧ୍ୟରେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ବ୍ରିକ୍ସ ଶିଖର ସମ୍ମିଳନୀରେ ଏହି ତିନି ଶୀର୍ଷ ନେତାଙ୍କ ଏକତା ଏବଂ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଚରଣ ବିଶ୍ୱ ପଟଳରେ ବ୍ରିକ୍ସର ଶକ୍ତି ଏବଂ ବହୁପାକ୍ଷିକ ସମ୍ପର୍କର ଏକ ବଳିଷ୍ଠ ବାର୍ତ୍ତା ପ୍ରଦାନ କରିଛି। ଭାରତ-ଚୀନ୍ ଏବଂ ଭାରତ-ରୁଷିଆ ମଧ୍ୟରେ ଥିବା କୂଟନୈତିକ ସଂପର୍କ ଏବଂ ବ୍ୟକ୍ତିଗତ ବନ୍ଧୁତା ଏହି ଫୋଟୋ ମାଧ୍ୟମରେ ସ୍ପଷ୍ଟ ଭାବରେ ପ୍ରତିଫଳିତ ହୋଇଛି। ନୂଆଦିଲ୍ଲୀ ବ୍ରିକ୍ସ ସମ୍ମିଳନୀରେ ମୋଦି, ପୁଟିନ୍ ଏବଂ ଜିନପିଙ୍ଗଙ୍କ ଏହି ହାତ ଧରାଧରି ଫୋଟୋ କେବଳ ଏକ ସାଧାରଣ ଚିତ୍ର ହୋଇ ରହିନାହିଁ, ବରଂ ଏହା ବିଶ୍ୱ କୂଟନୀତିରେ ଭାରତର କେନ୍ଦ୍ରୀୟ ଭୂମିକା ଏବଂ ନେତାମାନଙ୍କ ମଧ୍ୟରେ ଥିବା ସୁସମ୍ପର୍କକୁ ଦର୍ଶାଉଛି।

ନୂଆଦିଲ୍ଲୀ ୧୨।୯: ନୂଆଦିଲ୍ଲୀରେ ଆୟୋଜିତ ୧୮ତମ ବ୍ରିକ୍ସ ସମ୍ମିଳନୀରୁ

## ପାକିସ୍ତାନକୁ ଝଟ୍କା
## ପହଲଗାମ ଆକ୍ରମଣକୁ ବ୍ରିକ୍ସର କଡ଼ା ନିନ୍ଦା




ନୂଆଦିଲ୍ଲୀ,୧୨।୯: ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ନେଇ ଭାରତ ପକ୍ଷରେ ଏକ ବଡ଼ କୂଟନୈତିକ ସଫଳତା ସାମ୍ନାକୁ ଆସିଛି। ବ୍ରିକ୍ସ ଘୋଷଣାପତ୍ରରେ ଜାମ୍ମୁ-କାଶ୍ମୀରର ପହଲଗାମରେ ୨୦୨୫ ଏପ୍ରିଲ ୨୨ରେ ଘଟିଥିବା ଭୟାବହ ଆତଙ୍କବାଦୀ ଆକ୍ରମଣକୁ ଦୃଢ଼ ଭାବେ ନିନ୍ଦା କରାଯାଇଛି। ଏଥିସହିତ ସୀମାପାର ଆତଙ୍କବାଦ ଏବଂ ଆତଙ୍କବାଦକୁ ସମର୍ଥନ କରୁଥିବା ବ୍ୟବସ୍ଥା ବିରୋଧରେ 'ଶୂନ୍ୟ ସହନଶୀଳତା' ନୀତି ଆପଣାଇବାକୁ ଜୋର ଦିଆଯାଇଛି। ବ୍ରିକ୍ସ ଘୋଷଣାପତ୍ରର ସୁରକ୍ଷା ସମ୍ପର୍କିତ ଅଂଶରେ ପହଲଗାମ ଆକ୍ରମଣକୁ ବିଶେଷ ଭାବେ ଉଲ୍ଲେଖ କରାଯାଇଛି। ଏହି ଆକ୍ରମଣରେ ୨୬ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନେକ ଲୋକ ଆହତ ହୋଇଥିଲେ। ନିରୀହ ଲୋକଙ୍କ ଉପରେ ହୋଇଥିବା ଏହି ଆକ୍ରମଣକୁ ନେଇ ବ୍ରିକ୍ସ ଦେଶଗୁଡ଼ିକ ଦୃଢ଼ ଭାବେ ନିନ୍ଦା ଜଣାଇଛନ୍ତି। ଘୋଷଣାପତ୍ରରେ ସ୍ପଷ୍ଟ କରାଯାଇଛି ଯେ ଆତଙ୍କବାଦକୁ କୌଣସି ପରିସ୍ଥିତିରେ ଯଥାର୍ଥତା ଦିଆଯାଇପାରିବ ନାହିଁ। ଆତଙ୍କବାଦୀ କାର୍ଯ୍ୟ ପଛରେ କେଉଁ ପ୍ରେରଣା ରହିଛି, କେଉଁଠାରେ କିମ୍ବା କେବେ ଏହା ଘଟିଛି, କିମ୍ବା କିଏ ଏହା କରିଛି—ସେସବୁ ଯାହା ହେଉନା କାହିଁକି, ଆତଙ୍କବାଦ ଅପରାଧ ହିଁ ବୋଲି ବ୍ରିକ୍ସ ନେତାମାନେ ମତ ଦେଇଛନ୍ତି। ଆତଙ୍କବାଦ ବିରୋଧରେ ନିଜର ପ୍ରତିବଦ୍ଧତାକୁ ପୁନଃ ଦୋହରାଇ ବ୍ରିକ୍ସ ନେତାମାନେ ଆତଙ୍କବାଦୀଙ୍କ ସୀମାପାର ଗତିବିଧି ରୋକିବା ଉପରେ ଜୋର ଦେଇଛନ୍ତି। ଆତଙ୍କବାଦୀଙ୍କୁ ଅର୍ଥ ଯୋଗାଉଥିବା ନେଟୱାର୍କକୁ ଚିହ୍ନଟ କରି ବନ୍ଦ କରିବା ସହ ଆତଙ୍କବାଦୀଙ୍କୁ ମିଳୁଥିବା ସୁରକ୍ଷିତ ଆଶ୍ରୟସ୍ଥଳୀ ନଷ୍ଟ କରିବାର ଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି।

## ମୋଦିଙ୍କୁ ମାଲେସିଆ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା



ନୂଆଦିଲ୍ଲୀ,୧୨।୯: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବୈଶ୍ୱିକ ପ୍ରଭାବ ଓ ଅପାର ଲୋକପ୍ରିୟତାର ଖୋଲାଖୋଲି ପ୍ରଶଂସା କରିଛନ୍ତି ମାଲେସିଆ ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ୍। ବ୍ରିକ୍ସ ଶିଖର ସମ୍ମିଳନୀ ଅବସରରେ ଆୟୋଜିତ ଦ୍ୱିପାକ୍ଷିକ ବୈଠକ ସମୟରେ ଦୁଇ ନେତାଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଓ ଉଷ୍ମ ଆଲୋଚନା ଦେଖିବାକୁ ମିଳିଥିଲା । ସାକ୍ଷାତ ଆଲୋଚନା ବେଳେ ମାଲେସିଆ ପ୍ରଧାନମନ୍ତ୍ରୀ ମୋଦିଙ୍କୁ କହିଥିଲେ, "ଆପଣ ଏତେ ଲୋକପ୍ରିୟ ଯେ, ଆପଣଙ୍କ ପାଖକୁ ବାର୍ତ୍ତା ପଠାଇବା ପାଇଁ ମୋତେ ବିଭିନ୍ନ ଆଡୁ ମେସେଜ୍ ଆସିଛି।" ମାଲେସିଆ ପ୍ରତିପକ୍ଷଙ୍କ ମୁହଁରୁ ନିଜ ଲୋକପ୍ରିୟତା ବାବଦରେ ଏପରି କଥା ଶୁଣି ପ୍ରଧାନମନ୍ତ୍ରୀ ମୋଦୀ ନିଜ ହସ ରୋକି ପାରିନଥିଲେ, ଯାହାର ଭିଡିଓ ଓ ସ୍ୱତନ୍ତ୍ର ଦୃଶ୍ୟ ଗଣମାଧ୍ୟମର କ୍ୟାମେରାରେ କଏଦ ହୋଇଛି । ଏହି ସାକ୍ଷାତକାର ସମୟରେ ଦୁଇ ନେତା ଶକ୍ତି, ପ୍ରତିରକ୍ଷା, ବାଣିଜ୍ୟ ଏବଂ ପୁଞ୍ଜିନିବେଶ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି କରିବାକୁ ନେଇ ସକାରାତ୍ମକ ଆଲୋଚନା କରିଛନ୍ତି ।

## ମଧ୍ୟପ୍ରାଚ୍ୟରେ ଯୁଦ୍ଧ, ଭାରତରେ ବନ୍ଧୁତ୍ୱ
## ଇରାନ-ୟୁଏଇ ନେତାଙ୍କ ହ୍ୟାଣ୍ଡସେକ୍ ଦେଖି ସାରା ବିଶ୍ୱରେ ଚର୍ଚ୍ଚା

ନୂଆଦିଲ୍ଲୀ,୧୨।୯: ବ୍ରିକ୍ସ ୨୦୨୬ ଶିଖର ସମ୍ମିଳନୀରେ ଭାରତ ସାରା ବିଶ୍ୱକୁ ଏକାଧିକ ବାର୍ତ୍ତା ଦେଇଛି। ବ୍ୟବସାୟ ଠାରୁ ବନ୍ଧୁତ୍ୱର ନିଦର୍ଶନ ଦେଖିବାକୁ ମିଳିଛି ଏହି ସମ୍ମିଳନୀରେ। ମଧ୍ୟପ୍ରାଚ୍ୟରେ ଇରାନକୁ ଆମେରିକା ଆକ୍ରମଣ କରୁଥିବା ବେଳେ ଇରାନ ପଡ଼ୋଶୀ ସାଉଦି ଆରବ ଓ ୟୁଏଇରେ ଥିବା ଆମେରିକା ଆଡ୍ଡା ଉପରେ ଆଟାକ କରୁଛି। ଫଳରେ ଇରାନ ସହ ପଡ଼ୋଶୀ ଆରବ ଦେଶଗୁଡ଼ିକର ସମ୍ପର୍କ ତିକ୍ତ ରହିଛି। ଏହା ସତ୍ତ୍ୱେ ବି ଭାରତରେ ଏହି ତିକ୍ତତା ଭୁଲିଯାଇଥିଲେ ଇରାନ ଓ ୟୁଏଇ। ଚାଲିଥିବା ଉତ୍ତେଜନା ମଧ୍ୟରେ, ଇରାନ ରାଷ୍ଟ୍ରପତି ଏବଂ ୟୁଏଇ କ୍ରାଉନ ପ୍ରିନ୍ସ ଦିଲ୍ଲୀରେ ଏକ ଦ୍ୱିପାକ୍ଷିକ ବୈଠକ କରିଛନ୍ତି। ଦୁଇ ନେତାଙ୍କ ମଧ୍ୟରେ ଏହି ବୈଠକ ଥୁବ୍ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି। ନୂଆଦିଲ୍ଲୀରେ ଦୁଇ ନେତାଙ୍କ ସାକ୍ଷାତ ଏକ କୂଟନୈତିକ ସେତୁ ଭାବରେ ଭାରତର ଭୂମିକାକୁ ସୁଦୃଢ଼ କରୁଛି। କାରଣ ବିବାଦିତ ପକ୍ଷକୁ ଗୋଟିଏ ଟେବୁଲ ଉପରକୁ ଆଲୋଚନା ପାଇଁ ଆଣିବା ପକ୍ଷରେ ଭାରତ ସବୁବେଳେ ଓକିଲାତି କରି ଆସିଛି। ଏବଂ ଏ ଦିଗରେ ଭାରତ ସବୁବେଳେ ଗୋଟିଏ ସେତୁ ଭଳି ଭୂମିକା ନିର୍ବାହ କରୁଛି ବୋଲି କହି ଆସିଛି। ହେଲେ ଆଜି ବ୍ରିକ୍ସ ସମ୍ମିଳନୀର ସତରେ ଏହା ପରଲକ୍ଷିତ ହୋଇଥିଲା। ଗତ କିଛି ମାସ ମଧ୍ୟରେ, ଇରାନ ୟୁଏଇ ଉପରେ କ୍ଷେପଣାସ୍ତ୍ର ଏବଂ ଡ୍ରୋନ ଆକ୍ରମଣ କରିଛି। ୟୁଏଇ ଏହି ଆକ୍ରମଣଗୁଡ଼ିକୁ କଡ଼ା ନିନ୍ଦା କରିଛି, ଏହାକୁ ଏହାର ସାର୍ବଭୌମତ୍ୱ ଏବଂ ସୁରକ୍ଷା ପାଇଁ ବିପଦ ବୋଲି କହିଛି। ଏମିତିକି ଇରାନକୁ ପ୍ରତି ଜବାବ ଦେବାକୁ ୟୁଏଇ ଏହା ମଧ୍ୟ କହିଛି ଯେ ଆମ ପାଖରେ ନିଜର ସୁରକ୍ଷା କରିବାର ଅଧିକାର ଅଛି। କିନ୍ତୁ ଆମେ କୌଣସି ଆଞ୍ଚଳିକ ଯୁଦ୍ଧରେ ସାମିଲ ହେବାକୁ ଚାହୁଁ ନାହୁଁ। ଏହା ସତ୍ତ୍ୱେ ବି ୟୁଏଇ ସବୁବେଳେ ଇରାନ ସହିତ ସଂଯମତା ରକ୍ଷା କରିବା ସହ ଆଲୋଚନା ଓ କୂଟନୈତିକ ସମାଧାନ ପାଇଁ ଅପିଲ କରି ଆସୁଛି। ତେଣୁ, ନୂଆଦିଲ୍ଲୀରେ ପେଜେଶକିୟାନ ଏବଂ ଶେଖ ମହମ୍ମଦଙ୍କ ମଧ୍ୟରେ ବୈଠକ ଦୁଇ ଦେଶ ମଧ୍ୟରେ ଆଲୋଚନାର ରାସ୍ତା ଖୋଲା ରଖିବା ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି। ଭାରତ ବର୍ତ୍ତମାନ ବ୍ରିକ୍ସର ଅଧ୍ୟକ୍ଷତା ସହ ଆୟୋଜନ କରୁଛି।




## ଭାରତ ମାଟିରୁ ୟୁରୋପକୁ ପୁଟିନଙ୍କ କଡ଼ା ଚେତାବନୀ



ନୂଆଦିଲ୍ଲୀ,୧୨।୯: ଭାରତ ମାଟିରୁ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ୟୁରୋପୀୟ ଦେଶଗୁଡ଼ିକୁ କଡ଼ା ଚେତାବନୀ ଦେଇଛନ୍ତି। ଅପରପକ୍ଷରେ, ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ପୁଟିନଙ୍କୁ ଭେଟିବା ପାଇଁ ନିଜର ଇଚ୍ଛା ପ୍ରକାଶ କରିଛନ୍ତି। ବ୍ରିକ୍ସ ସମ୍ମିଳନୀରେ ଯୋଗଦେବା ପାଇଁ ନୂଆଦିଲ୍ଲୀ ଗସ୍ତରେ ଥିବା ପୁଟିନ୍ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ, ଯଦି ୟୁରୋପୀୟ ଦେଶଗୁଡ଼ିକ ୟୁକ୍ରେନ ଭୂଖଣ୍ଡକୁ ନିଜର ସୈନ୍ୟ ପଠାନ୍ତି, ତେବେ ଏହାର ସିଧାସଳଖ ଅର୍ଥ ହେବ 'ରୁଷିଆ ସହିତ ପ୍ରତ୍ୟକ୍ଷ ଯୁଦ୍ଧ'। ପୁଟିନ୍ ସ୍ପଷ୍ଟ କରିଛନ୍ତି ଯେ, ରୁଷିଆ କୌଣସି ୟୁରୋପୀୟ ଦେଶ ପାଇଁ ବିପଦ ସୃଷ୍ଟି କରୁନାହିଁ କିମ୍ବା କରିବାର କୌଣସି ଯୋଜନା ନାହିଁ। ଦ୍ୱିତୀୟ ବିଶ୍ୱଯୁଦ୍ଧ ଏବଂ ସୋଭିଏତ୍ ୟୁନିୟନର ବିଭାଜନ ପରେ ଉତ୍ପନ୍ନ ସମସ୍ତ ବିବାଦ ଅନ୍ତର୍ଜାତୀୟ ନିୟମ ଅନୁସାରେ ସମାଧାନ ହୋଇସାରିଛି। କିନ୍ତୁ ସେମାନେ ୟୁକ୍ରେନକୁ ସୈନ୍ୟ ସହାୟତା ଦେବାର ଅର୍ଥ, ରୁଷ ସହ ସିଧାସଳଖ ଯୁଦ୍ଧ। ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ସାକ୍ଷାତ ସମୟରେ, ଭାରତ ପୁନର୍ବାର ସ୍ପଷ୍ଟ କରିଛି ଯେ, କୌଣସି ସଂଘର୍ଷର ସମାଧାନ କେବଳ 'ଆଲୋଚନା ଏବଂ କୂଟନୀତି'ମାଧ୍ୟମରେ ହିଁ ସମ୍ଭବ। ଯୁଦ୍ଧର ସମାଧାନ ଏବଂ ଶାନ୍ତି ପ୍ରତିଷ୍ଠା ପାଇଁ ଭାରତ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବାକୁ ପ୍ରସ୍ତୁତ ବୋଲି ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେପଟେ ଏକ ସାକ୍ଷାତକାରରେ ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କି କହିଛନ୍ତି ଯେ, ଯଦି ଉଭୟ ନେତାଙ୍କୁ ଆମନ୍ତ୍ରଣ କରାଯାଏ, ତେବେ ସେ ମିୟାମିଠାରେ ଆୟୋଜିତ ହେବାକୁ ଥିବା ଜି ୨୦ ସମ୍ମିଳନୀରେ ପୁଟିନଙ୍କୁ ଭେଟିବାକୁ ପ୍ରସ୍ତୁତ ଅଛନ୍ତି। ଜେଲେନସ୍କି କହିଛନ୍ତି, 'ଆମକୁ ଭେଟିବାକୁ ପଡ଼ିବ, କଥା ହେବାକୁ ପଡ଼ିବ ଏବଂ ନିଷ୍ପତ୍ତି ନେବାକୁ ପଡ଼ିବ। କିଏ କ'ଣ କହିଲା ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ, କେବଳ ସକାରାତ୍ମକ ଫଳାଫଳ ହିଁ ଗୁରୁତ୍ୱପୂର୍ଣ୍ଣ।'

## ମୋଦି ଭିଏତନାମ ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ



ନୂଆଦିଲ୍ଲୀ,୧୨।୯: ବ୍ରିକ୍ସ ସମ୍ମିଳନୀ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଏତନାମର ପ୍ରଧାନମନ୍ତ୍ରୀ ଲେ ମିନ୍ ହଙ୍ଗଙ୍କ ସହ ଏକ ଦ୍ୱିପାକ୍ଷିକ ବୈଠକ କରିଛନ୍ତି। ବୈଦେଶିକ ମନ୍ତ୍ରଣାଳୟ ଅନୁଯାୟୀ, ଭାରତ ଏବଂ ଭିଏତନାମ ମଧ୍ୟରେ ଏକ ଉନ୍ନତ ବ୍ୟାପକ ରଣନୈତିକ ସହଭାଗୀତା ରହିଛି। ଦୁଇ ଦେଶର ସମ୍ପର୍କ ଦୀର୍ଘ ଦିନ ଧରି ପ୍ରତିରକ୍ଷା ଏବଂ ସୁରକ୍ଷା, ଫିନଟେକ୍, ଗୁରୁତ୍ୱପୂର୍ଣ୍ଣ ଖଣିଜ ଏବଂ ଉଦୀୟମାନ କ୍ଷେତ୍ରରେ ସହଯୋଗ ଉପରେ ଆଧାରିତ। ଦୁଇ ଦେଶ ବହୁପାକ୍ଷିକ ଫୋରମରେ ମଧ୍ୟ ପରସ୍ପର ସହିତ ସହଯୋଗ ଜାରି ରଖିଛନ୍ତି।

## ରାଷ୍ଟ୍ରପତି ମୁର୍ମୁଙ୍କୁ ଭେଟିଲେ ଇରାନ ରାଷ୍ଟ୍ରପତି ପେଜେସ୍କିଆନ୍

ନୂଆଦିଲ୍ଲୀ,୧୨।୯: ବ୍ରିକ୍ସ୍ ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ ଭାରତ ଗସ୍ତରେ ଆସିଥିବା ଇରାନ ରାଷ୍ଟ୍ରପତି ମାସୌଦ୍ ପେଜେସ୍କିଆନ୍ ଶନିବାର ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଛନ୍ତି। ଦୁଇ ନେତା ଦ୍ୱିପାକ୍ଷିକ ସମ୍ପର୍କ ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଏହାପୂର୍ବରୁ ଶୁକ୍ରବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇରାନ ରାଷ୍ଟ୍ରପତି ହସନ୍ ରୁହାନୀଙ୍କୁ ଭେଟିଥିଲେ। ଦୁଇ ନେତା ଦ୍ୱିପାକ୍ଷିକ ସମ୍ପର୍କର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏହାପୂର୍ବରୁ ଇରାନ ରାଷ୍ଟ୍ରପତିଙ୍କ ଝିଅ ଜାହ୍ରା ପେଜେସ୍କିଆନ୍ ତାଙ୍କ ସ୍ୱାମୀ ହସନ୍ ମାଜିଦିଙ୍କ ସହ ନୂଆଦିଲ୍ଲୀର ଜାତୀୟ ହସ୍ତଶିଳ୍ପ ସଂଗ୍ରହାଳୟରେ ଥିବା ଇଟା ବଜାର ପରିଦର୍ଶନ କରିଥିଲେ। ସେ ବ୍ରିକ୍ସ୍ ସଦସ୍ୟ ଏବଂ ଅଂଶୀଦାର ଦେଶଗୁଡ଼ିକର କଳା, ହସ୍ତଶିଳ୍ପ ଏବଂ ସାଂସ୍କୃତିକ ଐତିହ୍ୟକୁ ପ୍ରଦର୍ଶିତ କରୁଥିବା ବିଭିନ୍ନ ସାମଗ୍ରୀ ଦେଖିଥିଲେ।

## ୟୁଏଇ କ୍ରାଉନ ପ୍ରିନ୍ସଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ ମୋଦି



ନୂଆଦିଲ୍ଲୀ,୧୨।୯: ବ୍ରିକ୍ସ ସମ୍ମିଳନୀ ୨୦୨୬ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ୟୁଏଇର କ୍ରାଉନ ପ୍ରିନ୍ସ ମହମ୍ମଦ ବିନ୍ ଜାୟେଦ ଅଲ୍ ନାହ୍ୟାନ୍‌ଙ୍କୁ ଭେଟିଛନ୍ତି। ଉଭୟ ପକ୍ଷ ମଧ୍ୟରେ ବାଣିଜ୍ୟ କରିଡର ଓ ନିବେଶ ବିସ୍ତାରକୁ ପ୍ରୋତ୍ସାହନ ଦେବା ଉପରେ ଦ୍ୱିପାକ୍ଷିକ ଆଲୋଚନା କେନ୍ଦ୍ରିତ ହୋଇଛି। ନୂଆଦିଲ୍ଲୀ ସ୍ଥିତ ହାଇଦ୍ରାବାଦ ହାଉସଠାରେ ଅନୁଷ୍ଠିତ ବୈଠକରେ ଦୁଇ ଦେଶ ବାଣିଜ୍ୟ, ଶକ୍ତି ସୁରକ୍ଷା କ୍ଷେତ୍ରରେ ସହଭାଗୀ ସମୃଦ୍ଧି ଉପରେ ଆଲୋଚନା କରିଛନ୍ତି। ବୈଠକ ସମ୍ପର୍କରେ ପ୍ରଧାନମନ୍ତ୍ରୀ ମୋଦି 'ଏକ୍ସ'ରେ ଲେଖିଛନ୍ତି ଯେ, ଭାରତ -ୟୁଏଇ ସମ୍ପର୍କରେ ଗତ କିଛି ବର୍ଷ ହେଲା ପରିବର୍ତ୍ତନ ଆସିଛି। ଦୁଇ ଦେଶ ନିଜ ମହତ୍ୱାକାଂକ୍ଷାକୁ ଆହୁରି ଉଚ୍ଚ କରିଛନ୍ତି। ଶେଖ୍ ଖାଲେଦ ବିନ୍ ମହମ୍ମଦ ବିନ୍ ଜାୟେଦ ଅଲ୍ ନାହ୍ୟାନ୍‌ଙ୍କୁ ଭେଟି ପ୍ରତିରକ୍ଷା, ଏଆଇ, ମହାକାଶ, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ, ଶକ୍ତି, ଖାଦ୍ୟ ସୁରକ୍ଷା ଏବଂ ସଂଯୋଗୀକରଣ କ୍ଷେତ୍ରରେ ଆମର ରଣନୈତିକ ସହଭାଗୀତାକୁ ଆଗକୁ ନେବା ବିଷୟରେ ଆଲୋଚନା କରାଯାଇଛି।

## ହୁତି ଆକ୍ରମଣ ପରେ ସାଉଦିର ପାଇପଲାଇନ ବନ୍ଦ



କାହିରୋ,୧୨।୯: ଡ୍ରୋନ୍ ଆକ୍ରମଣ ପରେ ସାଉଦି ଆରବ ନିଜର ଏକ ମୁଖ୍ୟ ତୈଳ ପାଇପଲାଇନକୁ ବନ୍ଦ କରିଦେଇଛି। ଏଥିସହିତ ୟେମେନର ଇରାନ ସମର୍ଥିତ ହୁତି ବିଦ୍ରୋହୀମାନେ ଲୋହିତ ସାଗରର ଦକ୍ଷିଣ ପ୍ରବେଶ ପଥରେ ଥିବା ଏକ ରଣନୈତିକ ଦ୍ୱୀପ ଦଖଲ କରି ନୂଆ ସଙ୍କଟ ସୃଷ୍ଟି କରିଛନ୍ତି। ବିଶ୍ୱର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଜଳପଥ ବାବ୍ ଏଲ୍-ମାନ୍ଦେବ୍ ପ୍ରଣାଳୀ ନିକଟରେ ହୁତି ବିଦ୍ରୋହୀମାନେ ବିଗତ କିଛି ବର୍ଷ ମଧ୍ୟରେ ସବୁଠାରୁ ବଡ଼ ସାମରିକ ସଫଳତା ହାସଲ କରିଛନ୍ତି। ଏହି ପଦକ୍ଷେପ ଅନ୍ତର୍ଜାତୀୟ ବଜାରରେ ତୈଳ ଓ ଗ୍ୟାସ୍ ମୂଲ୍ୟ ବୃଦ୍ଧି କରି ଆମେରିକା ଉପରେ ଚାପ ପକାଇବା ପାଇଁ ଇରାନର ରଣନୀତିକୁ ଅଧିକ ବଳପ୍ରଦାନ କରିପାରେ। ସାଉଦି ଆରବର ଶକ୍ତି ମନ୍ତ୍ରାଳୟ ଅନୁଯାୟୀ, ଇଷ୍ଟ-ୱେଷ୍ଟ ପାଇପଲାଇନ ବନ୍ଦ କରିବା ଏକ ସତର୍କତାମୂଳକ ପଦକ୍ଷେପ। ସାଉଦି ବୈଦେଶିକ ମନ୍ତ୍ରାଳୟ ଏହି ଆକ୍ରମଣ ପାଇଁ ଇରାକ ପଟୁ ହୋଇଥିବା ଡ୍ରୋନ୍ ଆକ୍ରମଣକୁ ଦାୟୀ କରିଛି। ଇରାକ ସରକାର ଏହି ଆକ୍ରମଣକୁ ନିନ୍ଦା କରିବା ସହ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

## ଗୁଣ୍ଡା ଆଇନ: ୟୁପି ସରକାରଙ୍କୁ ଭର୍ତ୍ସନା କଲେ ଆହ୍ଲାବାଦ ହାଇକୋର୍ଟ



ଲକ୍ଷ୍ନୌ ୧୨।୯: ଆହ୍ଲାବାଦ ହାଇକୋର୍ଟ ରାଜ୍ୟରେ 'ଗୁଣ୍ଡା ଆଇନ'କୁ ନେଇ ଉତ୍ତର ପ୍ରଦେଶ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। କୋର୍ଟ କହିଛନ୍ତି ଯେ, ତାଙ୍କ ସମ୍ମୁଖରେ ଥିବା ମାମଲାଗୁଡ଼ିକ ସୂଚାଇ ଦେଉଛି ଯେ, ରାଜ୍ୟ ସରକାର ଏହି କଠୋର ଆଇନକୁ ଲୋକଙ୍କୁ ହଇରାଣ କରିବା ପାଇଁ ଏକ ଅସ୍ତ୍ର ଭାବରେ ବ୍ୟବହାର କରିବାକୁ ସଙ୍କଳ୍ପବଦ୍ଧ। ଆହ୍ଲାବାଦ ହାଇକୋର୍ଟଙ୍କ ଲକ୍ଷ୍ନୌ ବେଞ୍ଚର ବିଚାରପତି ସୁଭାଷ ବିଦ୍ୟାର୍ଥୀ କହିଛନ୍ତି ଯେ, ଗୁଣ୍ଡା ଆଇନ ଏକ ଅତ୍ୟନ୍ତ କଠୋର ଆଇନ ଓ ଏହାକୁ ଅତ୍ୟନ୍ତ ସତର୍କତାର ସହିତ କେବଳ ସ୍ପଷ୍ଟ ମାମଲାରେ ଓ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ କାର୍ଯ୍ୟକାରୀ କରିବା ଉଚିତ୍। ଜାହିଦ ଅଲ୍ଲିଙ୍କୁ 'ଗୁଣ୍ଡା' ଘୋଷଣା କରି ଛଅ ମାସ ପାଇଁ ନିର୍ବାସନ ନିର୍ଦ୍ଦେଶ ଦେଇଥିବା ଗୋଣ୍ଡା ଜିଲ୍ଲା ମାଜିଷ୍ଟ୍ରେଟ (ଡିଏମ୍)ଙ୍କ ଆଦେଶକୁ ଖାରଜ କରି ହାଇକୋର୍ଟ ଏହି ପର୍ଯ୍ୟବେକ୍ଷଣ କରିଛନ୍ତି। ଡିଭିଜନାଲ କମିଶନରଙ୍କ ଆଦେଶକୁ ମଧ୍ୟ କୋର୍ଟ ଖାରଜ କରିଦେଇଛନ୍ତି ଯେଉଁଥିରେ ଡିଭିଜନାଲ କମିଶନର ଡିଏମ୍ (ଜିଲ୍ଲା ମାଜିଷ୍ଟ୍ରେଟ୍)ଙ୍କ ନିଷ୍ପତ୍ତିକୁ ସମର୍ଥନ କରିଥିଲେ।ଗୋଣ୍ଡା ଜିଲ୍ଲା ମାଜିଷ୍ଟ୍ରେଟ୍ ମେ ୧୧ ତାରିଖରେ ଦୁଇଟି ଫୌଜଦାରୀ ମାମଲା ଓ ଏକ ବିଟ୍ ସୂଚନା ରିପୋର୍ଟ ଉପରେ ନିର୍ଭର କରି ଗୁଣ୍ଡା ଆଇନର ଧାରା ୩(୧) ଅନୁଯାୟୀ ଏହି ନିର୍ଦ୍ଦେଶ ଦେଇଥିଲେ।

## ୟୁକେରେ ବ୍ରିଟିଶ ପାଇଲଟଙ୍କୁ ତାଲିମ ଦେବେ ଭାରତୀୟ ବାୟୁସେନାର ପ୍ରଶିକ୍ଷକ

ନୂଆଦିଲ୍ଲୀ,୧୨।୯: ଭାରତ-ୟୁକେ ପ୍ରତିରକ୍ଷା ସହଯୋଗ କ୍ଷେତ୍ରରେ ଯୋଡ଼ି ହୋଇଛି ଏକ ନୂଆ ଅଧ୍ୟାୟ। ପ୍ରଥମ ଥର ପାଇଁ ଭାରତୀୟ ବାୟୁସେନାର ୩ ଜଣ ଯୋଗ୍ୟ ଉଡ଼ାଣ ପ୍ରଶିକ୍ଷକ ୱେଲ୍ସସ୍ଥିତ ରୟାଲ୍ ଏୟାର ଫୋର୍ସର ଭ୍ୟାଲି ଘାଟିରେ ନିୟୋଜିତ ହୋଇଛନ୍ତି। ସେମାନେ ବ୍ରିଟିଶ ବାୟୁସେନାର ପାଇଲଟମାନଙ୍କୁ ଉଡ଼ାଣ ପ୍ରଶିକ୍ଷଣ ଦେବେ। ଭାରତୀୟ ବାୟୁସେନା ଏହି ପଦକ୍ଷେପକୁ ଭାରତ-ୟୁକେ ପ୍ରତିରକ୍ଷା ସମ୍ପର୍କରେ ଏକ 'ଐତିହାସିକ ପ୍ରଥମ' ବୋଲି ବର୍ଣ୍ଣନା କରିଛି। ଏହା ଉଭୟ ଦେଶର ବାୟୁସେନା ମଧ୍ୟରେ ବୃତ୍ତିଗତ ଦକ୍ଷତା, ପରସ୍ପର କାର୍ଯ୍ୟକ୍ଷମତା ଓ ଦୀର୍ଘକାଳୀନ ପ୍ରତିରକ୍ଷା ସହଭାଗିତାକୁ ଆହୁରି ସୁଦୃଢ଼ କରିବ ବୋଲି କୁହାଯାଇଛି। ୱେଲ୍ସର ଆରଏଏଫ୍ ଭ୍ୟାଲି ରୟାଲ୍ ଏୟାର ଫୋର୍ସର ଏକ ପ୍ରମୁଖ ଉଡ଼ାଣ ପ୍ରଶିକ୍ଷଣ ଘାଟି। ଏଠାରେ ନିୟୋଜିତ ହୋଇଥିବା ୩ ଜଣ ଭାରତୀୟ ପ୍ରଶିକ୍ଷକ ବ୍ରିଟିଶ ପାଇଲଟମାନଙ୍କୁ ଉଡ଼ାଣ ସମ୍ପର୍କିତ ପ୍ରଶିକ୍ଷଣ ଓ ମାର୍ଗଦର୍ଶନ ଦେବେ। ୟୁକେରେ ଭାରତୀୟ ଯୋଗ୍ୟ ଉଡ଼ାଣ ପ୍ରଶିକ୍ଷକଙ୍କ ଏହା ପ୍ରଥମ ନିୟୋଜନ ବୋଲି ଏଥିରେ ଉଲ୍ଲେଖ କରାଯାଇଛି। ଭାରତ ଓ ୟୁକେ ମଧ୍ୟରେ ପ୍ରତିରକ୍ଷା ସହଯୋଗକୁ ଆହୁରି ବ୍ୟାପକ କରିବା ପାଇଁ ନିୟମିତ ଭାବେ ଆଲୋଚନା ଓ ମିଳିତ ପ୍ରୟାସ ଜାରି ରହିଛି। ଆଞ୍ଚଳିକ ସୁରକ୍ଷା ପରିସ୍ଥିତି ଓ ଦ୍ୱିପାକ୍ଷିକ ପ୍ରତିରକ୍ଷା ସହଯୋଗର ଅଗ୍ରଗତି ନେଇ ଭାରତୀୟ ଓ ବ୍ରିଟିଶ ଅଧିକାରୀଙ୍କ ମଧ୍ୟରେ ନିୟମିତ ଆଲୋଚନା ହେଉଛି।

## ମାଲ୍ୟାଙ୍କ ବିରୋଧରେ ମାମଲା ଚାଲିବ: ଇଡି

ମୁମ୍ବାଇ,୧୨।୯: ବ୍ୟାଙ୍କଗୁଡ଼ିକ ଋଣ ଟଙ୍କାର ବଡ଼ ଅଂଶ ଆଦାୟ କରିନେଇଥିଲେ ମଧ୍ୟ ବିଜୟ ମାଲ୍ୟାଙ୍କ ବିରୋଧରେ ଚାଲିଥିବା ମନି ଲଣ୍ଡରିଂ ମାମଲା ବନ୍ଦ ହେବ ନାହିଁ ବୋଲି ବମ୍ବେ ହାଇକୋର୍ଟଙ୍କୁ କହିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)। ମାଲ୍ୟାଙ୍କ ସମ୍ପତ୍ତିରୁ ବ୍ୟାଙ୍କଗୁଡ଼ିକ ଟଙ୍କା ଆଦାୟ କରିସାରିଥିବାରୁ ତାଙ୍କ ବିରୋଧରେ ଥିବା ଅପରାଧିକ ମାମଲା ବନ୍ଦ କରାଯାଉ ବୋଲି ମଲ୍ୟା କରିଥିବା ଆବେଦନର ବିରୋଧ କରି ଇଡି ଏହି ମତ ରଖିଛି। ସେପ୍ଟେମ୍ବର ୮ରେ ଦାଖଲ କରିଥିବା ସତ୍ୟପାଠରେ ଇଡି କହିଛି, ଏସବିଆଇ ନେତୃତ୍ୱାଧୀନ ବ୍ୟାଙ୍କ କନସୋର୍ଟିୟମକୁ ପ୍ରାୟ ୧୪,୧୩୧.୬ କୋଟି ଟଙ୍କାର ସମ୍ପତ୍ତି ହସ୍ତାନ୍ତର କରାଯାଇଛି। ତେବେ ସମ୍ପତ୍ତି ଫେରସ୍ତ କିମ୍ବା ଋଣ ଆଦାୟ ହେବା ଦ୍ୱାରା ମନି ଲଣ୍ଡରିଂ ମାମଲା ଆପେଆପେ ଶେଷ ହୁଏ ନାହିଁ।

# ସାମ୍ବାଦିକଙ୍କୁ ଆକ୍ରମଣ କରି ୨ ବନ୍ଧାହେଲେ

ଭୁବନେଶ୍ୱର(ନି.ପ୍ର): ଜଣେ କାର୍ଯ୍ୟରତ ସାମ୍ବାଦିକଙ୍କୁ ବିଳମ୍ବିତ ରାତିରେ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଖାରବେଳନଗର ଥାନା ପୋଲିସ ଶନିବାର ଦୁଇଜଣ ଯୁବକଙ୍କୁ ଗିରଫ କରିଛି । ଗିରଫ ଦୁଇ ଅଭିଯୁକ୍ତ ହେଉଛନ୍ତି, ଶସ୍ତ୍ରୀନଗର ଅଞ୍ଚଳର ସିପୁନ ପାଢ଼ୀ (୨୪) ଓ ଅଜୟ ଜେନା (୨୪) । ଏନେଇ ସାମ୍ବାଦିକ ସ୍ମୃତି ରଞ୍ଜନ ବିଶ୍ୱାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ତଦନ୍ତରୁ ଜଣାପଡ଼ିଛି ଯେ, ଗତ ୧୧ ତାରିଖ ବିଳମ୍ବିତ ରାତି ପ୍ରାୟ ୧୨ଟା୩୦ ରୁ ୧ଟା ମଧ୍ୟରେ ଓଏମସି ଅଫିସ୍ ନିକଟରେ ୧୨୦ ବାଟାଲିୟନ୍ ଆଡୁ ଆସୁଥିବା ଏକ ହୁଣ୍ଡାଇ ଆଇ୨୦ କାର୍ ଏକ ହୋଣ୍ଡା ଡିଓ ସ୍କୁଟିକୁ ହର୍ଣ୍ଣ ବଜାଇ ଓଭରଟେକ୍ କରିଥିଲା । ଏଥିରେ ଉତକ୍ଷିପ୍ତ ହୋଇ ସ୍କୁଟିରେ ଥିବା ଦୁଇ ପୁରୁଷ ଓ ଜଣେ ମହିଳା ରବୀନ୍ଦ୍ର ମଣ୍ଡପ ଗେଟ୍ ନିକଟରେ କାରଟିକୁ ଅଟକାଇଥିଲେ । ସେମାନେ ଜୋରଜବରଦସ୍ତ ଡ୍ରାଇଭର ତାପସ କୁମାର ନାଏକଙ୍କୁ ବାହାରକୁ ଟାଣି ଆଣି ତଳେ ପକାଇ ତଣ୍ଟି ଚିପି ନିସ୍ତୁକ ମାଡ଼ ମାରିଥିଲେ । ଏହି ସମୟରେ ରାସ୍ତାପାର ହେଉଥିବା ସାମ୍ବାଦିକ ଅଭିଯୋଗକାରୀ ଘଟଣା ଦେଖି ଡ୍ରାଇଭରଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ । ମାତ୍ର ଅଭିଯୁକ୍ତମାନେ ଓଲଟା ତାଙ୍କୁ ଆକ୍ରମଣ କରିଥିଲେ । ଭୟରେ ଅଭିଯୋଗକାରୀ ରବୀନ୍ଦ୍ର ମଣ୍ଡପ ଭିତରକୁ ଦୌଡ଼ି ପଳାଇଥିଲେ ହେଁ, ଅଭିଯୁକ୍ତମାନେ ତାଙ୍କ ପିଛା କରି ବଡ଼ ପଥର ଧରି ତାଙ୍କ ମୁଣ୍ଡକୁ ଆକ୍ରମଣ କରିବା ସହ ତଣ୍ଟି ଚିପି ହତ୍ୟା କରିବାକୁ ଉଦ୍ୟମ କରିଥିଲେ ଏବଂ ତାଙ୍କ ମୋବାଇଲ୍ ଭାଙ୍ଗି ଦେଇଥିଲେ । ପୋଲିସ ଗାଡ଼ି ପହଞ୍ଚିବା ଦେଖି ସେମାନେ ଫେରାର ହୋଇଯାଇଥିଲେ । ଖାରବେଳ ନଗର ପୋଲିସ ସିସିଟିଭି ଫୁଟେଜ୍ ଯାଞ୍ଚ କରି ଶନିବାର ଶାସ୍ତ୍ରୀନଗର ଅଞ୍ଚଳରେ ଚଢ଼ଉ କରି ଘଟଣାରେ ସମ୍ପୃକ୍ତ ଦୁଇ ମୁଖ୍ୟ ଅଭିଯୁକ୍ତ ସିପୁନ୍ ପାଢ଼ୀ ଏବଂ ଅଜୟ ଜେନାଙ୍କୁ କାବୁ କରିଛି । ତାଙ୍କ ନିକଟରୁ ଅପରାଧରେ ବ୍ୟବହୃତ ସ୍କୁଟି ଜବତ କରାଯାଇଛି ।

# ଲୁଟେରା ଗ୍ୟାଙ୍ଗର ୩ ସଦସ୍ୟ ଧରାପଡ଼ିଲେ

## ଟାର୍ଗେଟରେ ଥିଲେ ଏଟିଏମ୍‌ରୁ ଟଙ୍କା ଉଠାଣକାରୀ ବ୍ୟକ୍ତି

ଭୁବନେଶ୍ୱର(ନି.ପ୍ର): ଏଟିଏମ୍‌ରୁ ଟଙ୍କା ଉଠାଣ କରି ଫେରୁଥିବା ଲୋକଙ୍କୁ ଟାର୍ଗେଟ କରି ଲୁଟ୍ କରିଥିବା ଏକ ଗ୍ୟାଙ୍ଗର ୩ ଜଣ ସଦସ୍ୟଙ୍କୁ ଶନିବାର ଖାରବେଳନଗର ଥାନା ପୋଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଶିଖରଚଣ୍ଡି ନଗରର ସେକ୍ ନିଜାମୁଦ୍ଦିନ (୨୯), ୟୁନିଟ୍ ୩ର ବିଜୁ ବେହେରା (୩୦) ଓ ସୟଜଦ ଖାଁ (୫୪) । ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୁକ୍ତ ନସିମ୍ ରହମାନ ଏବଂ ତା'ର ସାନ ଭାଇ ସେକ୍ ନଜିମୁଦ୍ଦିନ୍ ନିଜର ଅନ୍ୟ ସହଯୋଗୀ ବିଜୁ ବେହେରା, ସୟଜାଦ୍ ଖାନ୍ ଓ ଆଲମିନଙ୍କ ସହ ମିଶି ଭୁବନେଶ୍ୱର ରେଳ ଷ୍ଟେସନ୍ ଏବଂ ମାଷ୍ଟର କ୍ୟାଣ୍ଟିନ୍ ଆଖପାଖ ଅଞ୍ଚଳରେ ଭୋର ସମୟରେ ବାହାର ଲୋକଙ୍କୁ ଟାର୍ଗେଟ୍ କରନ୍ତି । ଏଟିଏମ୍ ରୁ ଟଙ୍କା ଉଠାଉଥିବା ନିରୀହ ଲୋକଙ୍କୁ ସେମାନେ ଜୋରଜବରଦସ୍ତ ରିଲାଏନ୍ସ ଫ୍ରେଶ୍ ନିକଟରେ ଚାଲିଥିବା ଏକ ଜୁଆ ଆଡ୍ଡାକୁ ନେଇଯାଆନ୍ତି । ସେଠାରେ ସେମାନଙ୍କୁ ଭୟଭୀତ କରାଇ ନଗଦ ଟଙ୍କା ଲୁଟି ନେଇଥାନ୍ତି । ପୋଲିସରେ ଅଭିଯୋଗ କଲେ ଜୁଆ ଖେଳି ଟଙ୍କା ହାରିଯାଇଥିବା ନେଇ ସମାଜରେ ବଦନାମ କରିଦେବେ ବୋଲି ଧମକ ମଧ୍ୟ ଦିଅନ୍ତି । ଶୁକ୍ରବାର ସକାଳ ପ୍ରାୟ ୬ଟା୩୦ ମିନିଟରେ କେନ୍ଦୁଝରର ଅଭିଯୋଗକାରୀ ଗଣେଶ୍ୱର ମହାନ୍ତି ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ୍ ଏଟିଏମ୍ ରୁ ୨୫ ହଜାର ଟଙ୍କା ଉଠାଇ ଫେରୁଥିବା ବେଳେ ଏହି ଗ୍ୟାଙ୍ଗ୍ ତାଙ୍କୁ ଘେରିଯାଇ ଉକ୍ତ ଟଙ୍କା ଲୁଟି ନେଇଥିଲା । ସମାନ ଢଙ୍ଗରେ ସେହିଦିନ ସକାଳେ ସେମାନେ ଅନ୍ୟ ଜଣେ ବ୍ୟକ୍ତି ପର୍ଶୁରାମ କରଣଙ୍କ ଠାରୁ ମଧ୍ୟ ଟଙ୍କା ଲୁଟିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଥିଲା । ଖାରବେଳ ନଗର ପୋଲିସ ତୁରନ୍ତ ଏହି ଘଟଣାର ତଦନ୍ତ କରି ଗ୍ୟାଙ୍ଗର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ସେକ୍ ନଜିମୁଦ୍ଦିନ୍ ଏବଂ ତା'ର ଦୁଇ ସହଯୋଗୀ ବିଜୁ ବେହେରା ଓ ସୟଜାଦ୍ ଖାନ୍ କୁ କାବୁ କରିବାରେ ସଫଳ ହୋଇଛି । ସେମାନଙ୍କ ନିକଟରୁ ଲୁଟ୍ ହୋଇଥିବା ମୋଟ ୧୧ ହଜାର୫ଶହ ଟଙ୍କା ଉଦ୍ଧାର କରାଯାଇ ଜବତ କରାଯାଇଛି । ଯାଞ୍ଚରୁ ଜଣାପଡ଼ିଛି ଯେ ଗିରଫ ଅଭିଯୁକ୍ତମାନେ ପେସାଦାର ଅପରାଧୀ ଏବଂ ଅଭିଯୁକ୍ତ ବିଜୁ ବେହେରା ନାମରେ ୪ ଟି ସଙ୍ଗିନ ମାମଲା ରହିଥିବାବେଳେ ଅଭିଯୁକ୍ତ ସୟଜାଦ୍ ଖାନ୍ ନାମରେ ଖାରବେଳ ନଗର ଥାନାରେ ୨ଟି ସଙ୍ଗିନ ମାମଲା ରହିଛି ।

# ବିଦେଶୀ ମଦ ଜବତ: ଅଭିଯୁକ୍ତ ଗିରଫ



ବେଲଗୁଣ୍ଠା(ନିପ୍ର): ଅବକାରୀ ଚଢ଼ାଉ ସମୟରେ ବେଲଗୁଣ୍ଠା ଥାନା ଅନ୍ତର୍ଗତ ଜି.ନୂଆଗାଁରୁ ବିଭିନ୍ନ ବ୍ରାଣ୍ଡର ପ୍ରାୟ ୫୩.୧୬୦ ଲିଟର ବିଦେଶୀ ମଦ ଜବତ ହୋଇଛି । ଏହି ଘଟଣାରେ ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଭଞ୍ଜନଗର ଏସ୍‌ଡିଜେଏମ୍ ଅଦାଲତକୁ ଚାଲାଣ କରିଛି । ସୂଚନାନୁଯାୟୀ, ଶନିବାର ଅବକାରୀ ଚଢ଼ାଉ ଡ୍ୟୁଟି ସମୟରେ ଏଏସ୍‌ଆଇ ଜ୍ୟୋସ୍ନା ପ୍ରଧାନଙ୍କ ନେତୃତ୍ୱରେ ଟିମ୍ ଜି. ନୂଆଗାଁରେ ଚଢ଼ାଉ କରିଥିଲେ । ଚଢ଼ାଉ ବେଳେ ଅଭିଯୁକ୍ତ କାମାକ୍ଷା ପ୍ରସାଦ ପରିଡ଼ାଙ୍କ ଦୋକାନରୁ ବିଭିନ୍ନ ବ୍ରାଣ୍ଡର ପ୍ରାୟ ୫୩.୧୬୦ ଲିଟର ବିଦେଶୀ ମଦ ଜବତ କରାଯାଇଥିଲା । ଏନେଇ ବେଲଗୁଣ୍ଠା ଥାନାରେ କେସ୍ ନଂ. ୫୦୨, ତା. ୧୨.୦୯.୨୦୨୬ରେ ଓଡ଼ିଶା ଅବକାରୀ ଆଇନର ଧାରା ୫୨(ଏ) ଅନୁଯାୟୀ ମାମଲା ରୁଜୁ ହୋଇଛି । ମାମଲାର ତଦନ୍ତକାରୀ ଅଧିକାରୀ ଏଏସ୍‌ଆଇ ଅନୁ ମଲ୍ଲିକ ଅଭିଯୁକ୍ତ କାମାକ୍ଷା ପ୍ରସାଦ ପରିଡ଼ା (୫୭)ଙ୍କୁ ଗିରଫ କରିଛନ୍ତି । ଅଭିଯୁକ୍ତ ଜି. ନୂଆଗାଁ ବନ୍ଧସାହିର ସ୍ୱର୍ଗତ ପଞ୍ଚାନନ ପରିଡ଼ାଙ୍କ ପୁଅ ବୋଲି ଜଣାପଡ଼ିଛି । ପରେ ତାଙ୍କୁ ଭଞ୍ଜନଗର ଏସ୍‌ଡିଜେଏମ୍ ଅଦାଲତକୁ ଚାଲାଣ କରାଯାଇଛି ।

# ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ନୟାଗଡ଼(ନିପ୍ର): ନୟାଗଡ ଜିଲ୍ଲା ଦଶପଲ୍ଲା ଥାନା ଅଞ୍ଚଳରେ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି । ଦଶପଲ୍ଲା ଥାନାରେ ଏନେଇ ଅପମୃତ୍ୟୁ ମାମଲା ନଂ-୨୩, ତା.୧୦.୦୯.୨୦୨୬ ରୁଜୁ କରାଯାଇ ତଦନ୍ତ ଚାଲିଛି । ପୁଲିସ ସୂଚନା ଅନୁଯାୟୀ, ୧୦ ସେପ୍ଟେମ୍ବର ରାତି ପ୍ରାୟ ୮ଟା ୩୦ରେ ଦଶପଲ୍ଲା ଥାନା ଅଧୀନ ଏନ୍‌ଏଚ୍-୫୭ର ମସାଣି ଛକ ନିକଟସ୍ଥ ରଥଗାଁ-ନରସିଂହପୁର ଅଞ୍ଚଳରେ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ମିଳିଥିଲା । ଘଟଣାସ୍ଥଳରେ ପୁଲିସ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିଥିଲେ ମଧ୍ୟ ମୃତକଙ୍କ ପରିଚୟ ମିଳିପାରିନଥିଲା । ପରେ ମୃତଦେହକୁ ସୁରକ୍ଷିତ ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ନୟାଗଡ଼ର ଶବଗୃହରେ ରଖାଯାଇଛି । ୧୧ ସେପ୍ଟେମ୍ବରରେ ନିର୍ବାହୀ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପ୍ରାଥମିକ ତଦନ୍ତ କରାଯାଇ ଆବଶ୍ୟକ ଆଇନଗତ ପ୍ରକ୍ରିୟା ସମ୍ପନ୍ନ ହୋଇଛି । ମୃତକଙ୍କ ପରିଚୟ ସମ୍ପର୍କରେ କାହାରି ସୂଚନା ଥିଲେ ଦଶପଲ୍ଲା ଥାନା ପୋଲିସ ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି ।

# ଡେଲିଭରି ବୟଙ୍କୁ ମାଡ ମାରି ୩ ଗିରଫ

ଭୁବନେଶ୍ୱର(ନି.ପ୍ର): ଜଣେ ଡେଲିଭରି ବୟଙ୍କୁ ମାଡ ମାରିବା ଅଭିଯୋଗରେ ଇନଫୋସିଟି ଥାନା ପୋଲିସ ଶୁକ୍ରବାର ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଖୋର୍ଦ୍ଧା ନିରାକାରପୁରର ସିଦ୍ଧାନ୍ତ ରଣସିଂ (୨୬),ବଡମ୍ବାର ସୌମ୍ୟ ରଞ୍ଜନ ଦାସ (୨୪) ଓ ଉତ୍କଳ ଗୋଚି (୨୧) । ଏନେଇ ରାକେଶ ଦାସ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୋଗକାରୀ 'ବ୍ଲିଙ୍କିଟ୍' କମ୍ପାନୀରେ ଜଣେ ରାଇଡର୍ ଭାବେ କାମ କରନ୍ତି । ଗତକାଲି ରାତି ପ୍ରାୟ ୧ଟା୩୦ ମିନିଟରେ ସେ ଏକ ଅର୍ଡର ପାଇ ଗ୍ରାହକଙ୍କୁ ସାମଗ୍ରୀ ଦେବାକୁ ଯାଇଥିଲେ । ସେଠାରେ ଥିବା ୪ ଜଣ ବ୍ୟକ୍ତି ସାମଗ୍ରୀ ରଖିବା ପରେ ଟଙ୍କା ଦେଇନଥିଲେ । ଅଭିଯୋଗକାରୀ ଟଙ୍କା ମାଗିବାରୁ ଅଭିଯୁକ୍ତମାନେ ନିଶାସକ୍ତ ଅବସ୍ଥାରେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ନିସ୍ତୁକ ମାଡ଼ ମାରିଥିଲେ । ଏପରିକି ସେମାନେ ତାଙ୍କୁ ତଳେ ପକାଇ ଦେଇ ହତ୍ୟା କରିବା ଉଦ୍ଦେଶ୍ୟରେ ଏକ ଲୁହା ଖଡୁରେ ତାଙ୍କ ମୁଣ୍ଡକୁ ପ୍ରବଳ ଆକ୍ରମଣ କରିଥିଲେ । ଏହାଦ୍ୱାରା ଅଭିଯୋଗକାରୀଙ୍କ ମୁଣ୍ଡ ଫାଟିଯାଇ ପ୍ରବଳ ରକ୍ତସ୍ରାବ ହୋଇଥିଲା । ଇନଫୋସିଟି ପୋଲିସ ତୁରନ୍ତ ଆହତ ଡେଲିଭରୀ ବୟଙ୍କୁ କିମ୍ସ ହସ୍ପିଟାଲରେ ଚିକିତ୍ସା କରାଇବା ସହ ଘଟଣାର ତଦନ୍ତ କରିଥିଲା । ସଂଗୃହୀତ ପ୍ରମାଣ ଆଧାରରେ ଶନିବାର ପୋଲିସ ଏହି ଘଟଣାରେ ସମ୍ପୃକ୍ତ ଥିବା ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

# ବ୍ରାଉନସୁଗର ସହ ୪ ଗିରଫ

ଭୁବନେଶ୍ୱର(ନି.ପ୍ର): ଖଣ୍ଡଗିରି ଥାନା ପୋଲିସ ବ୍ରାଉନସୁଗର ବିକ୍ରି କରୁଥିବା ଅଭିଯୋଗରେ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ବରମୁଣ୍ଡା ଭଗବତୀ ବସ୍ତିର ପ୍ରତାପ ନାୟକ (୨୭),ଏନ୍ ୪ ଅଞ୍ଚଳର ସୁକାନ୍ତ ପରେଇ (୨୮), ଖଣ୍ଡଗିରି ଜାଗମରାର ସୁବାଷ ପଟ୍ଟନାୟକ (୪୪) ଓ ଏୟାରପୋର୍ଟ ଥାନା ଅଞ୍ଚଳର ବାସୁମତି ପଟ୍ଟନାୟକ ଓରଫ ରଶ୍ମି (୩୩) । ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଆଧାରରେ ଖଣ୍ଡଗିରୀ ଥାନାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ସମ୍ପୃକ୍ତ ଥାନାର ଏକ ସ୍ୱତନ୍ତ୍ର ଟିମ୍ ସଦଳବଳେ ରାଜଧାନୀ କଲେଜ ନିକଟରେ ଅତର୍କିତ ଚଢଉ କରି ଚାରିଜଣ ଅଭିଯୁକ୍ତଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ । ଛାନଭିନ ସମୟରେ ଅଭିଯୁକ୍ତମାନଙ୍କ ହେପାଜତରୁ ମୋଟ୍ ୨୯ ଗ୍ରାମ ଓଜନର ବ୍ରାଉନ ସୁଗାର, ୨ଟି ଦୁଇଚକିଆ ଯାନ, ଏକ ପାସେଞ୍ଜର ଅଟୋ ଏବଂ ୯୪୦ ଟଙ୍କା ଜବତ କରିଥିଲେ । ଅଧିକ ପଚରାଉଚରା ବେଳେ ସେମାନେ କହିଥିଲେ ଯେ, ପ୍ରତାପ ନାୟକ ନାମକ ଜଣେ ଅଭିଯୁକ୍ତ ନୟାଗଡ଼ ପଟୁ ବ୍ରାଉନସୁଗର ଆଣି ସେମାନଙ୍କୁ ଯୋଗାଇ ଦେଉଥିଲା ଏବଂ ସେମାନେ ମଧ୍ୟ ଉକ୍ତ ବ୍ରାଉନସୁଗରକୁ ଶସ୍ତା ଦରରେ ସ୍ଥାନୀୟ ଲୋକମାନଙ୍କୁ ବିକ୍ରି କରୁଥିଲେ । ଉପରୋକ୍ତ ଘଟଣାକୁ କେନ୍ଦ୍ରକରି ଖଣ୍ଡଗିରି ଥାନା ପୋଲିସ ଏକ ବେଆଇନ ବ୍ରାଉନସୁଗର୍ ବିକ୍ରି ଜନିତ ମାମଲା ରୁଜୁ କରିବା ସହିତ ଚାରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି ।

# ସାମାନ୍ୟ କଥାରୁ ମରଣାନ୍ତକ ଆକ୍ରମଣ, ଜଣେ ଗିରଫ

ଭୁବନେଶ୍ୱର(ନି.ପ୍ର): ସାମାନ୍ୟ କଥାରୁ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିବା ମାମଲାରେ ମଞ୍ଚେଶ୍ୱର ଥାନା ପୋଲିସ ଶୁକ୍ରବାର ଗିରଫ କରିଛି । ଗିରଫ ଅଭିଯୁକ୍ତଙ୍କ ନାମ ସମ୍ରାଟ ନାୟକ ଓ ତାଙ୍କ ଘର ହାଡବାଇ ବସ୍ତିରେ ବୋଲି ଜଣାପଡିଛି । ଏନେଇ ଅରୁଣ ମହାନ୍ତି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ଗୁରୁବାର ଦିନ ପ୍ରାୟ ୩ଟା ସମୟରେ ଅଭିଯୋଗକାରୀଙ୍କ ବାପା ଅମିୟ ମହାନ୍ତି ଘରେ ଥିବା ବେଳେ ହଠାତ୍ ୪ ଜଣ ବ୍ୟକ୍ତି, ସମ୍ରାଟ ନାୟକ, ମହେନ୍ଦ୍ର ନାୟକ, ଉର୍ମିଳା ନାୟକ ଓ ରଜନୀ ନାୟକ ଜୋରଜବରଦସ୍ତି ତାଙ୍କ ଘରେ ପଶିଥିଲେ । ସେମାନେ ଅମିୟ ମହାନ୍ତିଙ୍କୁ ତୁମେ ଆମକୁ କାହିଁକି ଗାଳି କରୁଛ ବୋଲି ପଚାରିଥିଲେ । ଏହାର ଉତ୍ତରରେ ଅମିୟ ମହାନ୍ତି କହିଥିଲେ ଯେ, ସେ କାହାକୁ ଗାଳି କରିନାହାନ୍ତି ଏବଂ ସେ ଗାଳି କରିଥିବାର କୌଣସି ପ୍ରମାଣ ଅଛି କି ବୋଲି ପଚାରିଥିଲେ । ଏହାପରେ ଉକ୍ତ ୪ ଜଣ ହଠାତ୍ ଏକ ଲୁହା ରଡ୍‌ରେ ଅମିୟ ମହାନ୍ତିଙ୍କୁ ମାଡ଼ ମାରିଥିଲେ । ଅମିୟ ମହାନ୍ତି ତାଙ୍କ ପୁଅଙ୍କୁ ଡାକିବାରୁ ଅଭିଯୁକ୍ତମାନେ ତାଙ୍କୁ ମାରିଦେବା ଉଦ୍ଦେଶ୍ୟରେ ଆହୁରି ନିର୍ମମ ଭାବେ ଆକ୍ରମଣ କରିଥିଲେ । ଫଳରେ ଅମିୟଙ୍କ ମୁଣ୍ଡ ଓ ଶରୀରର ଅନ୍ୟାନ୍ୟ ସ୍ଥାନରେ ଗୁରୁତର ରକ୍ତାକ୍ତ ଆଘାତ ଲାଗିଥିଲା । ଘଟଣା ପରେ ତାଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା । ପରେ ତାଙ୍କୁ ଏମ୍ସ ହସ୍ପିଟାଲ ଓ ଶେଷରେ ତାଙ୍କୁ ହାଇଟେକ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ତାଙ୍କ ଅବସ୍ଥା ଗୁରୁତର ରହିଛି । ପୋଲିସ ଏହି ମାମଲାରେ ସମ୍ରାଟଙ୍କୁ ଗିରଫ କରିଛି ।

# ସାଙ୍ଗଙ୍କୁ ମଦ ପିଆଇ ଆକ୍ରମଣ ଓ ଲୁଟ୍

ଭୁବନେଶ୍ୱର(ନି.ପ୍ର): ସାଙ୍ଗଙ୍କୁ ମଦ ପିଆଇ ନିସ୍ତୁକ ମାଡ ମାରିବା ଏବଂ ପରବର୍ତ୍ତୀ ସମୟରେ ତାଙ୍କ ଠାରୁ ଟଙ୍କା ଲୁଟ୍ କରିବା ମାମଲାରେ ବାଲିପାଟଣା ଥାନା ପୋଲିସ ଶନିବାର ପ୍ରକାଶ ଭୋଇ ଓରଫ କାଳନ୍ଦୀ (୨୮)କୁ ଗିରଫ ରକିଛି । ଏନେଇ ବାବନ୍ ଭୋଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ତଦନ୍ତରୁ ଜଣାପଡ଼ିଛି ଯେ, ଆହତ ଗଙ୍ଗାଧର ଭୋଇ ଏବଂ ଅଭିଯୁକ୍ତ ପ୍ରକାଶ ଭୋଇ ଓରଫ କାଳନ୍ଦୀ ଓ ରାଜା ଭୋଇ ଏକାଠି କେରଳର ଏକ ମ୍ୟାଟ୍ରେସ୍ କମ୍ପାନୀରେ କାମ କରୁଥିଲେ । ଠିକାଦାର ସହ କୌଣସି ବିବାଦ କାରଣରୁ ଦୁଇ ଅଭିଯୁକ୍ତ ପୂର୍ବରୁ ଗାଁକୁ ଫେରିଆସିଥିଲେ । ଗତ ୮ତାରିଖ ସକାଳ ୯ ଟାରେ ଗଙ୍ଗାଧର କେରଳରୁ ନିଜ ଗାଁକୁ ଫେରିଥିଲେ । ଏହାର କିଛି ସମୟ ପରେ ଅର୍ଥାତ୍ ସକାଳ ପ୍ରାୟ ୧୦ଟାରେ ଉଭୟ ଅଭିଯୁକ୍ତ ଗଙ୍ଗାଧରଙ୍କ ଘରେ ପହଞ୍ଚି ତାଙ୍କୁ ସାଥିରେ ନୂଆଗାଁ ଆଡ଼କୁ ଡାକି ନେଇଥିଲେ । ସେଠାରେ ତିନିଜଣ ମିଶି ମଦ ପିଇବା ସମୟରେ କୌଣସି କଥାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା । ଏଥିରେ ଉତକ୍ଷିପ୍ତ ହୋଇ ଦୁଇ ଅଭିଯୁକ୍ତ ମିଶି ଗଙ୍ଗାଧରଙ୍କୁ ଅତର୍କିତ ଭାବେ ଆକ୍ରମଣ କରିଥିଲେ । ବିଶେଷ କରି ମୁହଁ ଏବଂ ଆଖିରେ ପ୍ରବଳ ମାଡ଼ ବାଜିବାରୁ ସେ ଗୁରୁତର ଆହତ ହୋଇ ଠିକ୍ ଭାବେ କଥା କହି କିମ୍ବା ଦେଖି ପାରିନଥିଲେ । ଏହାସହ ଗଙ୍ଗାଧର କେରଳରୁ ଆଣିଥିବା ଦରମା ଟଙ୍କା ଓ ମୋବାଇଲ୍ ଫୋନ୍ କୁ ଅଭିଯୁକ୍ତମାନେ ଲୁଟି ନେଇଥିଲେ । ଗୁରୁତର ଅବସ୍ଥାରେ ଗଙ୍ଗାଧରଙ୍କୁ ଭୁବନେଶ୍ୱରର କ୍ୟାପିଟାଲ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ବାଲିପାଟଣା ପୋଲିସ ଏହି ଘଟଣାର ତଦନ୍ତ କରି ଶନିବାର ଭୋର ୫ ଟାରେ ଘଟଣାର ଅନ୍ୟତମ ଅଭିଯୁକ୍ତ ପ୍ରକାଶ ଭୋଇ ଓରଫ କାଳନ୍ଦୀକୁ କାବୁ କରିଛି ।

# ତିନି ଜିଲ୍ଲାର ଆଇନଶୃଙ୍ଖଳା ସମୀକ୍ଷା କଲେ ପୋଲିସ ଡିଜି



ଭୁବନେଶ୍ୱର: ବାଲେଶ୍ୱରରେ ଗସ୍ତରେ ଅଛନ୍ତି ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର । ପୂର୍ବାଞ୍ଚଳ ରେଞ୍ଜରେ ଆଇନଶୃଙ୍ଖଳା ପରିସ୍ଥିତି, ଅପରାଧ ନିୟନ୍ତ୍ରଣ ଏବଂ ଆଗାମୀ ପାର୍ବଣକୁ ନେଇ ପୂର୍ବାଞ୍ଚଳ ପୁଲିସ ମୁଖ୍ୟ କାର୍ଯ୍ୟାଳୟରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜ ଜିଲ୍ଲାର ଆଇନଶୃଙ୍ଖଳା ସ୍ଥିତି ଏବଂ ଅପରାଧ ସମ୍ପର୍କିତ ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଛି । ବିଶେଷକରି ଆଗାମୀ ପାର୍ବଣକୁ ଦୃଷ୍ଟିରେ ରଖି ତିନି ଜିଲ୍ଲାରେ ସୁରକ୍ଷା ବ୍ୟବସ୍ଥାକୁ କିଭଳି ଅଧିକ ସୁଦୃଢ଼ କରାଯିବ, ସେନେଇ ମଧ୍ୟ ଆଲୋଚନା ହୋଇଛି । ସମୀକ୍ଷା ବୈଠକରେ ଡିଜିପିଙ୍କ ସହ ଏଡିଜି (ଆଇନ ଶୃଙ୍ଖଳା) ସଞ୍ଜୟ କୁମାର, ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ, ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର ଏବଂ ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜର ଏସ୍ ?ପି ପ୍ରମୁଖ ଉପସ୍ଥିତ ଥିଲେ । ତିନି ଜିଲ୍ଲାର ଅପରାଧ ସ୍ଥିତି, ଆଇନଶୃଙ୍ଖଳା ପରିଚାଳନା ଏବଂ ପାର୍ବଣ ସମୟରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ବରିଷ୍ଠ ଅଧିକାରୀମାନଙ୍କ ସହ ଉଏଚ ବିସ୍ତୃତ ସମୀକ୍ଷା କରିଛନ୍ତି ।

# ୪୫ଲିଟର ଦେଶୀ ମଦ ଜବତ: ଜଣେ ଗିରଫ

ସାଲେପୁର(ନିପ୍ର): ସଲେପୁର ଅଞ୍ଚଳର ନାଳିଆମୁହଁ ନିକଟରେ ଦେଶୀ ମଦ ବିକ୍ରି କରୁଥିବା ଜଣେ ବ୍ୟକ୍ତିଠାରୁ ୪୫ ଲିଟର ମଦ ଜବତ କରିବା ତାକୁ ଗିରଫ କରିଛି ପୋଲିସ । ସାଲେପୁର ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ନାଳିଆମୁହଁ ନିକଟରେ ଦେଶୀ ମଦ ବିକ୍ରି କରୁଥିବା ହୀରାପୁର ଗ୍ରାମର ଭାବେନା ବେହେରାଠାରୁ ୪୫ଲିଟର ଚୋରା ଦେଶୀ ମଦ ଜବତ କରି ତାକୁ ଗିରଫ କରି କୋର୍ଟ ଚାଲଣ କରାଯାଇଛି । ସାଲେପୁର ଥାନା ପକ୍ଷରୁ ୫୪୭/ ୨୬ରେ ଏକ ମାମଲା ରୁଜୁ କରାଯାଇଛି ।

# ୩୪୦ବୋତଲ କଫ ସିରପ ସମେତ ଗୋଟିଏ ଇଣ୍ଡିଗୋ କାର,ଦୁଇଟି ବାଇକ ଜବତ, ଜଣେ ଗିରଫ

ଖୋର୍ଦ୍ଧା: ଚୋରା କପ ସିରପ୍ କାରବାର ଅଭିଯୋଗରେ ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ଜଣକୁ ଗିରଫ କରିଛି । ଗିରଫ ଜଣକ ହେଲେ ଚକ୍ରଧର ସାମନ୍ତରାୟ (୫୬) ।ପୋଲିସ ଚକ୍ରଧର ନିକଟରୁ ୩୪୦ବୋତଲ କପ ସିରପ ସମେତ ଗୋଟିଏ ଇଣ୍ଡିଗୋ କାର,ଦୁଇଟି ବାଇକ ଜବତ କରିଛି । ତେବେ ଜବତ କପ ସିରପର ମୂଲ୍ୟ ୫୧ହଜାର ଟଙ୍କା ହେବ ବୋଲି ଖୋର୍ଦ୍ଧା ଆଦର୍ଶ ଥାନା ଅଧିକାରୀ ରମେଶ ରଞ୍ଜନ ଦେବତା ସୁଚନା ଦେଇଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଏହି ଘଟଣାରେ ଚକ୍ରଧରର ପୁଅ ଏବଂ ତାର ଜଣେ ସହଯୋଗୀ ଫେରାର ଅଛନ୍ତି । ତେଣୁ ଉଭୟକୁ ଖୁବଶୀଘ୍ର ଗିରଫ କରାଯିବ । ପୋଲିସ ସୁଚନା ମୁତାବକ ଖୋର୍ଦ୍ଧା ସହରର ବିଡ଼ିଏ କଲ୍ୟାଣୀ ମଣ୍ଡପ ନିକଟରେ ଏହି ଚୋରା କପ ସିରପ କାରବାର ହେଉଥିବା ନେଇ ଏକ ବିଶେଷ ସୂତ୍ରରୁ ଖବର ପାଇ ଉକ୍ତ ସ୍ଥାନରେ ଚଢ଼ାଉ କରାଯାଇଥିଲା ।

# ଅବକାରୀ ଚଢ଼ାଉରେ ଦେଶୀମଦ ସହ ପୋତ ନଷ୍ଟ: ୫ ମାମଲା ରୁଜୁ



ଆଠଗଡ଼(ନିପ୍ର): ଆଠଗଡ଼ ଥାନା ଅନ୍ତର୍ଗତ କୋରଙ୍ଗା ଗ୍ରାମ ଓ ନିକଟସ୍ଥ କାଜୁ ଜଙ୍ଗଲରେ ଆଠଗଡ଼ ଅବକାରୀ ବିଭାଗ, ବାଙ୍କୀ ଅବକାରୀ ଥାନା, କଟକ ଜିଲ୍ଲା ମୋବାଇଲ ୟୁନିଟ, ନରସିଂହପୁର ଅବକାରୀ ବିଭାଗ ଏବଂ କଟକ ସଦର-୩ ଅବକାରୀ ଥାନା ସହିତ ଏକ ମିଳିତ ଚଢ଼ାଉ କରାଯାଇଥିଲା । ଏହି ଚଢ଼ାଉରେ ସର୍ବମୋଟ ୨୩୧୦ ଲିଟର ଦେଶୀମଦ ସହ ୨୬୨୧୫ ଲିଟର ମଦ ପ୍ରସ୍ତୁତି ନିମନ୍ତେ ବ୍ୟବହୃତ ହେଉଥିବା ଗୁଡ଼ପୋଚ ଉଦ୍ଧାର କରାଯାଇ ଘଟଣା ସ୍ଥଳରେ ନଷ୍ଟ କରାଯାଇଛି । ଏଥିସହ ୫ଟି ମାମଲା ରୁଜୁ ହେବା ସହ କେହି ଗିରଫ ହୋଇନାହାନ୍ତି । ଉକ୍ତ ଚଢ଼ାଉ କଟକ ଜିଲ୍ଲା ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶକ୍ରମେ ଆଠଗଡ଼ ଅବକାରୀ ଉପ ଅଧୀକ୍ଷକ ସିଏଚ ତିରୁପଥୀ, ଆଠଗଡ଼ ଅବକାରୀ ନିରୀକ୍ଷକ ଭକ୍ତବତ୍ସଳ ବର୍ମା, ଆଠଗଡ଼ ଅବକାରୀ ଉପ ନିରୀକ୍ଷକ ବରୁଣ କୁମାର ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାଙ୍କୀ ଅବକାରୀ ଥାନା ଓଆଇସି ବାପି ସାହୁ, ନରସିଂହପୁର ଅବକାରୀ ବିଭାଗ ଓଆଇସି ରାଜକିଶୋର ନାୟକ, କଟକ ସଦର-୩ ଅବକାରୀ ଥାନା ଓଆଇସି ଅକ୍ଷୟ କୁମାର ଜେନା ଏବଂ ସମସ୍ତ ଅବକାରୀ ସହକର୍ମୀ ଅଂଶଗ୍ରହଣ କରିଥିଲେ ।

# ଟ୍ରକ୍ ଡ୍ରାଇଭରଙ୍କୁ ସାହାଯ୍ୟ ବାହାନାରେ ଲୁଟ୍: ୨ ଅଭିଯୁକ୍ତ ଗିରଫ

ଜୟପୁର: ସାହାଯ୍ୟ କରିବା ବାହାନାରେ ଜଣେ ଟ୍ରକ୍ ଡ୍ରାଇଭରଙ୍କ ନିକଟରୁ ଲକ୍ଷାଧିକ ଟଙ୍କା ଲୁଟି ନେଇଥିବା ଘଟଣାରେ ଟାଉନ୍ ଥାନା ପୁଲିସକୁ ସଫଳତା ମିଳିଛି । ପୁଲିସ ଏହି ମାମଲାରେ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ସେମାନଙ୍କ ନିକଟରୁ ନଗଦ ୩୦ ହଜାର ଟଙ୍କା ଓ ୨ଟି ମୋବାଇଲ୍ ଜବତ କରିଛି । ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଗଡ଼ପଦର ହରିଜନ ସାହିର ଗୋଲ୍ଡି ସେଖ(୨୪) ଏବଂ ପେପର୍ ମିଲ୍ ଅଂଚଳର ସି.ଏଚ୍. କ୍ରାନ୍ତି(୨୦) । ସୂଚନା ଅନୁସାରେ, ମହାରାଷ୍ଟ୍ରର ଜଣେ ଟ୍ରକ୍ ଡ୍ରାଇଭର ଭୁବନେଶ୍ୱରରୁ ବିଶାଖାପାଟଣା ଅଭିମୁଖେ ଯାଉଥିବା ସମୟରେ ଜୟପୁର ନିକଟରେ ତାଙ୍କ ଗାଡ଼ିଟି ଖରାପ ହୋଇଥିଲା । ସ୍ଥାନୀୟ ଅଂଚଳ ବିଷୟରେ ଡ୍ରାଇଭର ଅଜଣା ଥିବାରୁ ସେ ଗାଡ଼ି ମରାମତି ପାଇଁ ଗୋଲ୍ଡି ସେଖ୍ ଓରଫ୍ ଗୌରାଙ୍ଗ ନାମକ ଜଣେ ଯୁବକଙ୍କ ସାହାଯ୍ୟ ଲୋଡ଼ିଥିଲେ । ଗୌରାଙ୍ଗ ଡ୍ରାଇଭରଙ୍କ ସହ ଦୁଇ ତିନି ଦିନ ଗ୍ୟାରେଜ୍ ବୁଲିବା ଭିତରେ ଖିଆପିଆ ଓ ଅନ୍ୟାନ୍ୟ ଖର୍ଚ୍ଚ ସମୟରେ ଡ୍ରାଇଭରଙ୍କ ଫୋନ୍‌ପେ ପାସୱାର୍ଡ ଚତୁରତାର ସହ ଦେଖି ନେଇଥିଲା । ଏହାପରେ ସେ ନିଜର ଅନ୍ୟ ତିନି ଜଣ ସହଯୋଗୀଙ୍କୁ ଡାକି ଟ୍ରକ୍ ଡ୍ରାଇଭରଙ୍କୁ ମାରପିଟ୍ କରିବା ସହ ତାଙ୍କ ଠାରୁ ମୋବାଇଲ୍ ଛଡ଼ାଇ ନେଇଥିଲେ । ପରେ ସେହି ମୋବାଇଲ୍ ମାଧ୍ୟମରେ ପ୍ରାୟ ୯୦ ହଜାର ଟଙ୍କା ନିଜ ଆକାଉଣ୍ଟକୁ ଟ୍ରାନ୍ସଫର୍ କରି ସେଠାରୁ ଚମ୍ପଟ ମାରିଥିଲା । ଏ ନେଇ ଗତ ଅଗଷ୍ଟ ୧୪ ତାରିଖରେ ଜୟପୁର ଟାଉନ୍ ଥାନାରେ ୩୧୫/୨୬ରେ ମାମଲା ରୁଜୁ ହୋଇଥିଲା । ତଦନ୍ତକାରୀ ପୁଲିସ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଘଟଣାରେ ସଂପୃକ୍ତ ଗୋଲ୍ଡି ସେଖ୍ ଓ ସି.ଏଚ୍. କ୍ରାନ୍ତିଙ୍କୁ କାବୁ କରିଥିଲା । ଦୁଇ ଅଭିଯୁକ୍ତଙ୍କ ଠାରୁ ଚୋରି ହୋଇଥିବା ୯୦ ହଜାର ଟଙ୍କାରୁ ୩୦ ହଜାର ଟଙ୍କା ଏବଂ ୨ଟି ମୋବାଇଲ୍ ଜବତ କରାଯାଇଛି । କୋର୍ଟ ଚାଲାଣ କରାଯାଇଥିବା ନେଇ ଟାଉନ୍ ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ସୂଚନା ଦେଇଛନ୍ତି । ଘଟଣାରେ ସଂପୃକ୍ତ ଅନ୍ୟ ଦୁଇ ଜଣ ଫେରାର୍ ଥିବାରୁ ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୁଲିସ ସୁଚନା ଦିଆଯାଇଛି ।

# କୁଖ୍ୟାତ ଡକାୟତ ଟୁନା ସମେତ ୯ ଗିରଫ

## ୫ ଦେଶୀ ବନ୍ଧୁକ ସହ ୫୦ ଲକ୍ଷର ସୁନା ରୁପା ଜବତ



ଜୟପୁର: ଆନ୍ତଃରାଜ୍ୟ ଅପରାଧୀ ଗିରଫ । ଲକ୍ଷାଧିକ ଟଙ୍କା, ବନ୍ଧୁକ ସହ ଗୁଳି ଜବତ । ଜେଲରୁ ଫେରୁଥିଲେ ପୁଣି ନୂଆ ଟିମ ଗଠନ କରି ଘଟଳଉଥିଲେ ଅପରାଧ । କେବଳ କୋରାପୁଟରେ ସୀମିତ ନଥିଲା ଅପରାଧର ଚେର । ଚାରି ଜିଲ୍ଲା ସମେତ ପଡୋଶୀ ରାଜ୍ୟକୁ ଲମ୍ବିଥିଲା ଚେର । ଅଗଷ୍ଟ ୨୫ରେ ପୋଲିସ ଉପରକୁ ଗୁଳି ଚଳାଇଥିବା କୁଖ୍ୟାତ ଡକାୟତ ଟୁନା ହରିଜନ ସହ ୯ ଜଣଙ୍କୁ ଗିରଫ କରିଛି ବୋରିଗୁମା ପୋଲିସ । ୫୦ ଲକ୍ଷରୁ ଅଧିକ ଟଙ୍କା ମୂଲ୍ୟର ସୁନା, ରୁପା ସହ ଅନେକ ମାରଣାସ୍ତ୍ର ସାଙ୍ଗକୁ ବନ୍ଧୁକ ଜୀବନ୍ତ ଗୁଳି ଜବତ କରିଛି ପୋଲିସ । ସେଦିନ ଉପରକୁ ଗୁଳି ଚଳାଇ ଫେରାର ଥିବା କୁଖ୍ୟାତ ଡକାୟତ ଟୁନା ହରିଜନ ଓରଫ୍ ସିମନ ନାଗ ସମେତ ୯ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ବୋରିଗୁମ୍ମା ପୋଲିସ । ଗିରଫ ଟୁନାକୁ ଛତିଶଗଡ଼ ଜଗଦଲପୁର ଅଞ୍ଚଳରୁ ଗିରଫ କରି ରିମାଣ୍ଡରେ ନେଇ ପୁରା ଘଟଣା ଛାନବିନ କରିଥିଲା । ଅଭିଯୁକ୍ତମାନେ ହେଲେ ଟୁନା ହରିଜନ, ରାମ ହରିଜନ, ମଙ୍ଗଳଦାନ ହରିଜନ, ପୁରନ୍ଦର ସରାଫ, ମହିନ୍ଦ୍ର ମେହେର, ମୋହନ ଆଚାର୍ଯ୍ୟ, ବେଣୁମାଧବ ଷଡ଼ଙ୍ଗୀ, ରାଜେଶ ବିଷୋୟୀ ଏବଂ ନିଲୁ ସାମନ୍ତରାୟ । କୋରାପୁଟ ଏସପିଙ୍କ ନେତୃତ୍ୱରେ ଏକ ୩ ଜଣିଆ ସ୍ୱତନ୍ତ୍ର ଟିମ୍ ଗତ ୩ତାରିଖରେ ଜଗଦଲପୁରରୁ କାବୁ କରିଥିଲା । ପୁରା ଘଟଣାର ପର୍ଦ୍ଦାଫାସ ପରେ ରିମାଣ୍ଡ ଅବଧି ଶେଷ ହେବାରୁ ଆଜି ସମସ୍ତ ଅଭିଯୁକ୍ତଙ୍କୁ ନ୍ୟାୟିକ ହେପାଜତକୁ ପଠାଯାଇଛି । ଜେରା ବେଳେ ବିଭିନ୍ନ ମନ୍ଦିର, ଚୋରି, ଡକାୟତି ଏବଂ ବାଡ଼ିଗାଁ ସିନ୍ଧିଚୋରି ସହ ପୋଲିସ ଆକ୍ରମଣ ଭଳି ଏକାଧିକ ଘଟଣାରେ ନିଜର ସମ୍ପୃକ୍ତି ସ୍ୱୀକାର କରିଛି ଅପରାଧି ଟୁନା । ତାର ନାମରେ ବିଭିନ୍ନ ଜିଲ୍ଲାରେ ୪୦ରୁ ଅଧିକ ମାମଲା ଓ ଛତିଶଗଡରେ ୧୦ଟି ମାମଲା ରହିଛି । ନଗଦ ୫୦ ହଜାର ଟଙ୍କା ବାଇକ ସମେତ ୪ଟି ଗାଡ଼ି ଜବତ କରିଛି ପୋଲିସ ।

# ଭାଉଜଙ୍କୁ ମରଣାନ୍ତକ ଆକ୍ରମଣ ଓ ଲୁଟ: ଦିଅର ଗିରଫ



କଟକ(ନିପ୍ର): ଘରେ ପଶି ଭଙ୍ଗାରୁଜା କରି ଟଙ୍କା ସୁନା ଲୁଟ କରିବା ସହ ଭାଇ ଓ ଭାଉଜଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଜଗତପୁର ପୋଲିସ ଦିଅରକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ଇମାମନଗରର ବୁଲୁ ମଲିକ (୩୪) । ମିଳିଥିବା ସୂଚନା ଅନୁଯାୟୀ ଶୁକ୍ରବାର ପ୍ରାୟ ସାଢେ ଗୋଟାଏ ବେଳେ ବୁଲୁ ତା' ସ୍ତ୍ରୀକୁ ମାଡ଼ ମାରୁଥିଲା । ଭୟରେ ତାଙ୍କ ସ୍ତ୍ରୀ ପୁଷ୍ପଲତା ଘରକୁ ପଶି ଆସିଲେ । ତା' ପଛରେ ବୁଲୁ ରଡ଼ ଧରି ଘରେ ପଶି ପୁଣି ମାରିବାକୁ ଗଲା ବେଳେ ତାଙ୍କ ଭାଉଜ ପୁଷ୍ପଲତା ଅଟକାଇବାରୁ ତାଙ୍କୁ ବି ଅସଭ୍ୟ ଭାଷାରେ ଗାଳିକରି ରଡ଼ରେ ବାଡେଇ ତାଙ୍କ ହାତ ଭାଙ୍ଗିଦେଇଥିଲେ । ଏହାପରେ ସେ ଚିକିତ୍ସା ପାଇଁ ସଦଗୁରୁ ହସ୍ପିଟାଲ ଗଲା ପରେ ବୁଲୁ ପୁଣି ତାଙ୍କ ଘରେ ପଶି ତାଙ୍କ ସ୍ୱାମୀ ଦୀପକଙ୍କୁ ଆକ୍ରମଣ କରି ଆସବାବପତ୍ର ଭଙ୍ଗାରୁଜା କରି ଆଲମିରାରୁ ସୁନା କାନଫୁଲ ଓ ୩ ହଜାର ଟଙ୍କା ନେଇଯାଇଥିଲା । ଏନେଇ ପୁଷ୍ପଲତା ଥାନାରେ ଅଭିଯୋଗ କରିଥିଲେ । ତଦନୁଯାୟୀ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ।

## ଓଡ଼ିଶା ଟ୍ୱେଣ୍ଟି୨୦ ଲିଗ୍ ସିଏମ୍‌ଟ୍ରଫି ଦେବାଶିଷ, ରୈନା ବ୍ରାଣ୍ଡ୍ ଆମ୍ବାସାଡାର



**କଟକ, ୧୨/୯(ନିପ୍ର):** ଓଡ଼ିଶା ଟ୍ୱେଣ୍ଟି୨୦ ଲିଗ୍ -୨୦୨୬ ସିଏମ୍ ଟ୍ରଫି ଚଳିତ ସେପ୍ଟେମ୍ବର ୨୦ରୁ ୨୯ ପର୍ଯ୍ୟନ୍ତ ବାରବାଟୀ ଷ୍ଟାଡ଼ିୟମରେ ଖେଳାଯିବ। ଉକ୍ତ ଲିଗ୍‌ର ବ୍ରାଣ୍ଡ ଆମ୍ବାସାଡାର ଭାବେ ଦୁଇ ପୂର୍ବତନ ଭାରତୀୟ କ୍ରିକେଟର ଦେବାଶିଷ ମହାନ୍ତି ଓ ସୁରେଶ ରୈନା ନିଯୁକ୍ତ ହୋଇଛନ୍ତି। ଏ ନେଇ ଶୁକ୍ରବାର ଓଡ଼ିଶା କ୍ରିକେଟ ଆସୋସିଏସନ ପକ୍ଷରୁ ସୂଚନା ଦିଆଯାଇଛି। ବ୍ରାଣ୍ଡ୍ ଆମ୍ବାସଡର ନିଯୁକ୍ତି ନେଇ ସୁରେଶ ରୈନା କହିଛନ୍ତି। ନମସ୍କାର ଓଡ଼ିଶା । ଓଡ଼ିଶାର ସମସ୍ତ କ୍ରିକେଟ ପ୍ରଶଂସକଙ୍କ ପାଇଁ ଏକ ଖୁସି ଖବର। ଓଡ଼ିଶା ଟ୍ୱେଣ୍ଟି୨୦ ଲିଗ୍ ସିଏମ୍ ଟ୍ରଫିରେ ରୋମାଞ୍ଚକର କ୍ରିକେଟ ଦେଖିବାକୁ ମିଳିବ। ଯୁବ ଖେଳାଳିଙ୍କ ପାଇଁ ନିଜ ପ୍ରତିଭା ପ୍ରମାଣ କରିବାର ଏହା ଏକ ଭଲ ମଞ୍ଚ। ଏକ ବ୍ଲକବଷ୍ଟର ଟୁର୍ଣ୍ଣାମେଣ୍ଟ ପାଇଁ ପ୍ରସ୍ତୁତ ରୁହନ୍ତୁ। ଜୟ ଜଗନ୍ନାଥ !" ସେହିପରି ଦେବାଶିଷ ମହାନ୍ତି କହିଛନ୍ତି, ଓଡ଼ିଶାର କ୍ରିକେଟ ପ୍ରଶଂସକଙ୍କ ଅପେକ୍ଷାର ଅନ୍ତ ଘଟିଛି। ଆମ ଖେଳାଳିମାନଙ୍କୁ ନିଜ ଦକ୍ଷତା ଦେଖାଇବା ଏବଂ ଚାପପୂର୍ଣ୍ଣ ପରିସ୍ଥିତିରେ ଖେଳିବା ପାଇଁ ଏହି ଲିଗ୍ ଏକ ଶକ୍ତିଶାଳୀ ମଞ୍ଚ ହେବ। ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ ପାଇଁ ଓଡ଼ିଶା କ୍ରିକେଟ ଆସୋସିଏସନକୁ ଧନ୍ୟବାଦ। ମୁଁ ଆଶା କରୁଛି ପ୍ରଶଂସକମାନେ ଅନେକ ରୋମାଞ୍ଚକର ମ୍ୟାଚ୍ ଏବଂ ସ୍ମରଣୀୟ ମୁହୂର୍ତ୍ତ ଦେଖିବେ। ଓଡ଼ିଶା କ୍ରିକେଟ ଆସୋସିଏସନ ସମ୍ପାଦକ ସଞ୍ଜୟ ବେହେରା ଦୁଇ ପୂର୍ବତନ ଭାରତୀୟ କ୍ରିକେଟରଙ୍କୁ ବ୍ରାଣ୍ଡ୍ ଆମ୍ବାସାଡାର ଭାବେ ସାମିଲ କରାଯିବାକୁ ସ୍ୱାଗତ କରିଛନ୍ତି।

## ଅବୈଧ ମଦ କାରବାର ବନ୍ଦ ପାଇଁ ଅଭିଯୋଗପତ୍ର



**ଡାବୁଗାଁ, ୧୨/୯(ନିପ୍ର):** ଶନିବାର ଅପରାହ୍ନ ୧୨ ଘଣ୍ଟା ସମୟରେ ଚଚରାଗୁଡା ପଞ୍ଚାୟତର ମହିଳା ସାମାଜିକ କାର୍ଯ୍ୟକର୍ତ୍ତାମାନେ ଡାବୁଗାଁ ଅବକାରୀ ଥାନାକୁ ଯାଇ ଏକ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଚଚରାଗୁଡା ପଞ୍ଚାୟତରେ ଦିନକୁ ଦିନ ବଢୁଥିବା ଅବୈଧ ମଦ କାରବାରକୁ ସଂପୂର୍ଣ୍ଣ ବନ୍ଦ କରିବାକୁ ଦାବି କରାଯାଇଛି। ଏହି ଅବସରରେ ପଦ୍ମିନୀ ହରିଜନ, ହିନ୍ଦୁ ମହାସଂଘ ପ୍ରମୁଖ ସୂର୍ଯ୍ୟବଂଶୀ ଜୟନ୍ତ,ଏବଂ ସାତୀ ପୂଜାରୀ ମଧ୍ୟ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବା ମାଝୀ, ସରାବଣ ପୂଜାରୀ, କମଳା ମାଝୀ, ପଦ୍ମା ମାଝୀ, ମାଙ୍ଗ ମାଝୀ, ଅନ୍ନପୂର୍ଣ୍ଣା ମାଝୀ ପ୍ରମୁଖ ସହ ପ୍ରାୟ ତିନି ସହରୁ ଊର୍ଦ୍ଧ୍ୱ ମହିଳା କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଏହା ପୂର୍ବରୁ ଗତକାଲି ଜିଲ୍ଲାପାଳଙ୍କୁ ମଧ୍ୟ ଏକ ଦାବିପତ୍ର ମହିଳାମାନେ ପ୍ରଦାନ କରିଥିଲେ। ମାନିଗାଁରୁ ଆରମ୍ଭ ହୋଇଥିବା ଅଭିଯାନକୁ ବିଭିନ୍ନ ସାମାଜିକ ସଂଗଠନ, ସମାଜସେବୀ ଓ ବୁଦ୍ଧିଜୀବୀମାନଙ୍କ ସମର୍ଥନ ମିଳିବାରେ ଲାଗିଛି।

## ମୃତ ଯୁବକଙ୍କ ପରିବାରକୁ ସହାୟତାର ହାତ ବଢ଼ାଇଲେ ଶିଳ୍ପପତି

**କାକଟପୁର, ୧୧/୯(ନିପ୍ର):** ହଠାତ୍ ଦୁର୍ଘଟଣାରେ ପରିବାରର ଏକମାତ୍ର ରୋଜଗାରିଆ ସଦସ୍ୟଙ୍କୁ ହରାଇ ଅସହାୟ ହୋଇପଡ଼ିଥିବା ଏକ ଗରିବ ପରିବାର ପାଇଁ ଦୁଃଖର ଏହି କଠିନ ସମୟରେ ସହାୟତାର ହାତ ବଢ଼ାଇଛନ୍ତି ପାରାଦୀପର ବିଶିଷ୍ଟ ଶିଳ୍ପପତି ତଥା ସମାଜସେବୀ ସୁମନ୍ତ ସ୍ୱାଇଁ। ଅସ୍ତରଙ୍ଗ ବ୍ଲକ ଅଧୀନ ବାଘମରା ଗ୍ରାମର କୁମର ସାହାଣୀଙ୍କ



ପୁଅ ବୀରେନ୍ଦ୍ର ସାହାଣୀ (୪୧)ଙ୍କ ଗତ ୫ ତାରିଖରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଅକାଳ ବିୟୋଗ ଘଟିଥିଲା। ତାଙ୍କ ଅକାଳ ମୃତ୍ୟୁରେ ପରିବାର ଉପରେ ଦୁଃଖର ପାହାଡ଼ ଭାଙ୍ଗି ପଡ଼ିଥିବା ବେଳେ ଜୀବନ ଜୀବିକା ନେଇ ପରିବାର ସଦସ୍ୟମାନେ ଅନିଶ୍ଚିତତା ମଧ୍ୟରେ ପଡ଼ିଛନ୍ତି। ଏହି ଦୁଃଖଦ ଘଟଣା ସମ୍ପର୍କରେ ଖବର ପାଇ ସମାଜସେବୀ ଶ୍ରୀ ସ୍ୱାଇଁ ବୀରେନ୍ଦ୍ରଙ୍କ ଘରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସାନ୍ତ୍ୱନା ଦେବା ସହ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଦୁଃଖର ଏହି ଘଡ଼ିରେ ପରିବାର ସହିତ ଠିଆ ହୋଇ ମାନବିକତାର ଏକ ଉଦାହରଣ ସୃଷ୍ଟି କରିଛନ୍ତି ଶ୍ରୀ ସ୍ୱାଇଁ। ସୂଚନା ଅନୁଯାୟୀ, ସ୍ୱର୍ଗତ ବୀରେନ୍ଦ୍ରଙ୍କ ପରିବାର ଅତ୍ୟନ୍ତ ଗରିବ। ସେ ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତି ଥିବାରୁ ତାଙ୍କ ଅକାଳ ବିୟୋଗ ପରେ ପରିବାରର ଆର୍ଥିକ ଭିତ୍ତି ଦୋହଲିଯାଇଛି। ଏଭଳି ପରିସ୍ଥିତିରେ ପରିବାରକୁ କେବଳ ତାତ୍କାଳିକ ସହାୟତା ନୁହେଁ, ଦୀର୍ଘମିଆଦି ଭିତ୍ତିରେ ସରକାରୀ ସହାୟତା ଓ ସାମାଜିକ ସୁରକ୍ଷାର ଆବଶ୍ୟକତା ରହିଛି। ତେଣୁ ବୀରେନ୍ଦ୍ରଙ୍କ ପରିବାରର ଦୁରବସ୍ଥାକୁ ଦୃଷ୍ଟିରେ ରଖି ତୁରନ୍ତ ସମସ୍ତ ସମ୍ଭାବ୍ୟ ସରକାରୀ ସହାୟତା ଯୋଗାଇ ଦେବା ସହ ପରିବାରକୁ ଆବଶ୍ୟକ ଥଇଥାନ ଓ ଜୀବିକା ସହାୟତା ପ୍ରଦାନ କରିବାକୁ ସ୍ଥାନୀୟ ପ୍ରଶାସନ ନିକଟରେ ଶ୍ରୀ ସ୍ୱାଇଁ ଦାବି ରଖିଛନ୍ତି।

### ଗାଁ କୁ ପହଞ୍ଚି ପାରିଲା ନାହିଁ ଆମ୍ବୁଲାନ୍ସ

# ଖଟିଆରେ ବୁହାହେଲେ ଗର୍ଭବତୀ

ରାୟଗଡା, ୧୨/୯(ନିପ୍ର) : ରାୟଗଡା ଜିଲ୍ଲା ଗୁଡ଼ାରୀ ବ୍ଲକ ଅନ୍ତର୍ଗତ ଶିରିଗୁଡା ପଂଚାୟତ ଅନ୍ତର୍ଗତ ସାଡ଼କଣା ଗ୍ରାମରୁ ଜନନୀ ଯନ୍ତ୍ରଣାର ଏକ ଚିତ୍ର ସାମାନାକୁ ଆସିଛି । ଗ୍ରାମକୁ ଭଲ ରାସ୍ତାଟିଏ ନ ଥିବାରୁ ଗ୍ରାମରେ ପହଞ୍ଚି ପାରିଲା ନାହିଁ ଆମ୍ବୁଲାନ୍ସ। ଶେଷରେ ଗର୍ଭବତୀ ମହିଳାଙ୍କୁ ଏକ ଖଟିଆ ସହାୟତାରେ ୩ କିମିରୁ ଊର୍ଦ୍ଧ୍ୱ ରାସ୍ତାରେ ବୋହିଆଣି ଗ୍ରାମବାସୀ ଆମ୍ବୁଲାନ୍ସ ନିକଟରେ ପହଞ୍ଚାଇଥିଲେ । ମିଳିଥିବା ସୂଚନା ଅନୁଯାୟୀ, ସାଡ଼କଣା ଗ୍ରାମର ଲାଜର କାଡ୍ରକାଙ୍କ ସ୍ତ୍ରୀ ଚାମୀ ମାମ୍ବଲକାଙ୍କୁ ଶନିବାର ସକାଳେ ପ୍ରସବ ଜନିତ ବେଦନା ଆରମ୍ଭ ହୋଇଥିଲା । ତେଣୁ ଗ୍ରାମବାସୀ ୧୦୮ ଅମ୍ବୁଲାନ୍ସ ସହ ଯୋଗାଯୋଗ କରିଥିଲେ । ତେବେ ସାଡ଼କଣା ଗ୍ରାମକୁ ପକ୍କାରାସ୍ତାଟିଏ ନ ଥିବା ଯୋଗୁଁ ଆମ୍ବୁଲାନ୍ସଟି ଗ୍ରାମରେ ପହଞ୍ଚି ନ ପାରି ବଡ଼ ପଂକାଳ ଗ୍ରାମ ନିକଟରେ ଅଟକି ଯାଇଥିଲା। ଗ୍ରାମବାସୀ ଓ ସମ୍ପର୍କୀୟ ଲୋକେ ବାଧ ହୋଇ ଗର୍ଭବତୀ ମହିଳାଙ୍କୁ ଏକ ସାଡ଼କଣା ଗ୍ରାମରୁ ବଡ଼ ପଙ୍କାଳ ଗ୍ରାମଯାଏ କାଦୁଅ ଭରା ରାସ୍ତାରେ ଦୀର୍ଘ ୩ କିମିରୁ ଊର୍ଦ୍ଧ୍ୱ ରାସ୍ତାରେ ଖଟିଆ ସହାୟତାରେ ବୋହି ଆଣି ଆମ୍ବୁଲାନ୍ସ ନିକଟରେ ଗର୍ଭବତୀ ମହିଳାଙ୍କୁ ପହଞ୍ଚାଇଥିଲେ । ପରେ ଆମ୍ବୁଲାନ୍ସ ଯୋଗେ ଗର୍ଭବତୀ ମହିଳାଙ୍କୁ ଗୁଡ଼ାରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ତେବେ ସେଠାରେ ମହିଳା ଜଣକ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିବା ଜଣାପଡିଛି ସ୍ୱାସ୍ଥ୍ୟ କେନ୍ଦ୍ରରେ ମା ଓ ଶିଶୁ ଉଭୟ ସୁସ୍ଥ ରହିଥିବା ସୂଚନା ମିଳିଛି । ଗ୍ରାମକୁ ପକ୍କା ରାସ୍ତା ନ ଥିବା ଯୋଗୁଁ ବିଭିନ୍ନ ସମୟରେ ଗ୍ରାମବାସୀ ହଇରାଣ ହରକତ ହେଉଛନ୍ତି । ବିଶେଷକରି ବର୍ଷା ଦିନେ ଗର୍ଭବତୀ ମହିଳା ଓ ରୋଗୀଙ୍କ ଅବସ୍ଥା ଶୋଚନୀୟ ହୋଇ ପଡୁଛି । ତେଣୁ ତୁରନ୍ତ ରାସ୍ତା ନିର୍ମାଣ ଦିଗରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ସରକାରଙ୍କ ନିକଟରେ ଗ୍ରାମବାସୀ ନିବେଦନ କରିଛନ୍ତି ।



## କେନାଲରେ ଭାସିଯାଇ ଭାଇ-ଭଉଣୀ ମୃତ

ବାରିପଦା, ୧୨/୯: କେନାଲରେ ଭାସିଯାଇ ଭାଇ-ଭଉଣୀଙ୍କ ମୃତ୍ୟୁ ଘଟିଛି । ଭାଇକୁ ବଞ୍ଚାଇବାକୁ ଯାଇ ପାଣି ସୁଅରେ ଭାସିଗଲେ ଦିବ୍ୟାଙ୍ଗ ଭଉଣୀ । ଫଳରେ ପାଣିରେ ବୁଡି ଉଭୟ ଭାଇ-ଭଉଣୀଙ୍କ ମୃତ୍ୟୁ ହୋଇଛି । ଏଭଳି ହୃଦୟ ବିଦାରକ ଘଟଣା ଘଟିଛି ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ଥାନା ଅନ୍ତର୍ଗତ ମହ୍ଲାରପଦା ଗାଁରେ । ପ୍ରାପ୍ତ ସୂଚନା ଅନୁଯାୟୀ, ଗତକାଲି ରାତିରେ ମହ୍ଲାରପଦା ଗ୍ରାମର ପରମେଶ୍ୱର ନାୟକ କୌଣସି କାରଣରୁ ଘର ନିକଟସ୍ଥ କେନାଲର ପ୍ରଖର ସ୍ରୋତରେ ଭାସି ଯାଉଥିଲେ। ନିଜ ଭାଇ ବିପଦରେ ପଡ଼ିଥିବା ଦେଖି ତାଙ୍କୁ ଉଦ୍ଧାର କରିବା ପାଇଁ ଦିବ୍ୟାଙ୍ଗ ଭଉଣୀ ନନ୍ଦିନୀ ନାୟକ କେନାଲ ଭିତରକୁ ଡେଇଁ ପଡ଼ିଥିଲେ। ମାତ୍ର ପାଣିର ପ୍ରଖର ସ୍ରୋତରେ ତାଙ୍କର ସମସ୍ତ ଚେଷ୍ଟା ବିଫଳ ହୋଇଥିଲା। ଭାଇ ପରମେଶ୍ୱର ସେହି କେନାଲ ପାଣିରେ ବୁଡ଼ି ପ୍ରାଣ ହରାଇଥିବା ବେଳେ ପ୍ରଖର ସ୍ରୋତରେ ନନ୍ଦିନୀ କେନାଲରୁ ନାଲୁହା ନଦୀର ସୁଅରେ ଭାସି ଯାଇଥିଲେ। ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ଖୁଣ୍ଟା ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଦୀର୍ଘ ସମୟ ଧରି ଖୋଜାଖୋଜି ପରେ ଘର ଠାରୁ ପ୍ରାୟ ଏକ କିଲୋମିଟର ଦୂର କରକଚିଆ ପୋଲ ନିକଟରୁ ଭାସିଯାଇଥିବା ଭଉଣୀ ନନ୍ଦିନୀଙ୍କ ମୃତଦେହ ଉଦ୍ଧାର କରାଯାଇଥିବା ବେଳେ କେନାଲ ମଧ୍ୟରୁ ଭାଇ ପରମେଶ୍ୱରଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଖୁଣ୍ଟା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ମୃତଦେହକୁ ଜବତ କରି ବାରିପଦା ସ୍ଥିତ ପି.ଆର.ଏମ. ମେଡିକାଲ କଲେଜ ଓ ହସ୍ପିଟାଲକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

## ବାଜରା ଖାଇଲେ, ଓଡ଼ିଶୀ ନୃତ୍ୟ ଦେଖିଲେ



ନୂଆଦିଲ୍ଲୀ, ୧୨/୯: ଅଷ୍ଟାଦଶତମ ବ୍ରିକ୍ସ ଶିଖର ସମ୍ମିଳନୀ ଅବସରରେ ଆସିଥିବା ବିଭିନ୍ନ ଦେଶର ଅତିଥିମାନେ ବ୍ରିକ୍ସ ସିମ୍ଫୋନି ଆଧାରିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିଥିଲେ। ଏହି ଅବସରରେ ପରିବେଷିତ ଓଡ଼ିଶୀ ନୃତ୍ୟ ଉପଭୋଗ କରିଥିଲେ। ଇଣ୍ଡିଆନ କାଉନସିଲ ଫର କଲଚରାଲ ରିଲେସନ୍ସ(ଆଇସିସିଆର) ପକ୍ଷରୁ ଆୟୋଜିତ ତଥା ଭାରତ ମଣ୍ଡପମ୍‌ରେ ପରିବେଷିତ ୧୬୦ କଳାକାରଙ୍କ ପ୍ରଦର୍ଶନ ମଧ୍ୟ ଅତିଥିମାନେ ଦେଖିଥିଲେ। ଏଥିରେ ଭାରତ ନାଟ୍ୟମ, କୁଚୁପୁଡ଼ୀ ଓ କଥକ ସ୍ଥାନିତ ହୋଇଥିଲା। ବହୁ ଅତିଥି ବାଜରା ଖାଇଥିଲେ। ଅନ୍ୟାନ୍ୟ ରାଜ୍ୟର ବ୍ୟଞ୍ଜନ ମଧ୍ୟ ନୈଶ୍ୟ ଭୋଜିରେ ପରିବେଷିତ ହୋଇଥିଲା।

### ନଦୀ ଗର୍ଭକୁ ଧସିଲା ନାଳିଆ କୂଳ ବନ୍ଧ

ଭଦ୍ରକ, ୧୨/୯(ନିପ୍ର): ସାଳନ୍ଦୀର ଶାଖା ନାଳିଆ ନଦୀର କୂଳବନ୍ଧ ଭଦ୍ରକ ବ୍ଲକ ଅର୍ଣ୍ଣପାଳ ପଂଚାୟତସ୍ଥିତ ରାଜୁଆଳି ବିନ୍ଧା ଠାରେ ଧସି ଯାଇଛି। ରାଜୁଆଳି ବିନ୍ଧା ସ୍କୁଲ ସମ୍ମୁଖରେ ଏଭଳି ଅଘଟଣ ଘଟିଛି। ଗତମାସ ଏକାଧିକବାର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା ବେଳେ ସାଳନ୍ଦୀର ଶାଖା ନାଳିଆ ଭଦ୍ରକ ତିହିଡି ଏବଂ ଧାମନଗର ଅଂଚଳକୁ ପ୍ରଭାବିତ କରିଥିଲା। ଏବେ ବନ୍ୟା ପରିସ୍ଥିତି ନାହିଁ। ନଦୀର ଜଳସ୍ତର ବହୁତ କମ ରହିଛି। ଏତିକିବେଳେ ଅର୍ଣ୍ଣପାଳ ରାଜୁଆଳି ବିନ୍ଧା ବିଦ୍ୟାଳୟ ସାମ୍ନାରେ ନାଳିଆ ନଦୀର ବାମପାର୍ଶ୍ୱ କୂଳବନ୍ଧ ଗତକାଲି ପାଖାପାଖି ୭୫ ଫୁଟ ଲମ୍ୱରେ ଧସି ଯାଇଛି।

## ସ୍କୁଲରେ ପ୍ରାର୍ଥନା ସଭାରେ ହଠାତ୍ ଅଚେତ ହୋଇଯାଉଛନ୍ତି ଛାତ୍ରୀ

**କେନ୍ଦ୍ରାପଡ଼ା, ୧୨/୯(ନିପ୍ର):** କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକର ଗଜେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ଘଟୁଛି ଅଦ୍ଭୁତ କାଣ୍ଡ । ପ୍ରାର୍ଥନା ସଭାରେ ହଠାତ୍ ଅଚେତ ହୋଇ ଯାଉଛନ୍ତି କିଛି ଛାତ୍ରୀ । ଗତ ୪ ଦିନ ହେବ ବିଦ୍ୟାଳୟରେ ନବମ ଓ ଦଶମ ଶ୍ରେଣୀ ଛାତ୍ରୀମାନେ ଅସ୍ୱାଭାବିକ ଆଚରଣ କରୁଛନ୍ତି । ପରବର୍ତ୍ତୀ ସମୟରେ ଚିତ୍କାର କରି କହୁଛନ୍ତି ଛାଡ଼ ମୋତେ ମୁଁ ଘରକୁ ଯିବି ଏଭଳି କହୁଛନ୍ତି। ଖବର ପ୍ରଚାର ହେବା ପରେ ଭୟରେ ଛାତ୍ରଛାତ୍ରୀ ସ୍କୁଲ ଆସିବା ବନ୍ଦ କରି ଦେଇଛନ୍ତି । ବିଦ୍ୟାଳୟ ପକ୍ଷରୁ ଶିକ୍ଷକ ଅଭିଭାବକଙ୍କୁ ଡାକି ତୁରନ୍ତ ମେଡ଼ିକାଲକୁ ନେଇ ଚିକିତ୍ସା କରାଯାଇଥିଲା । ଚିକିତ୍ସା ପରେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି ଛାତ୍ରୀମାନେ। ଗୁଣି ଗାରେଡ଼ି ହୋଇଛି ବୋଲି ଅଭିଭାବକମାନେ ବିଶ୍ୱାସ କରୁଛନ୍ତି। ମେଡ଼ିକାଲ ଟିମ୍ ବିଦ୍ୟାଳୟରେ ପହଁଚି ଛାତ୍ରୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି । ମେଡିକାଲ ଟିମ୍ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ବସାଇ ଛାତ୍ରୀମାନେ ଅସ୍ୱାଭାବିକ ଆଚରଣ କଲେ କିପରି ସଚେତନ କରିବେ ସେଥିପାଇଁ ଏକ ବୈଠକ କରିଥିଲେ। ତେବେ ଏହି ଘଟଣା ପଛରେ ପ୍ରକୃତ କାରଣ ଜଣାପଡ଼ିଥିବା ବେଳେ ପୀଡ଼ିତା ଛାତ୍ରୀ ମାନଙ୍କୁ ଭୂତ ପ୍ରେତ ଲାଗିଥିବା ଭୟରେ ଅଭିଭାବକ ମାନେ ଗୁଣି ଗାରେଡ଼ିର ସାହାରା ନେଉଥିବା ମଧ୍ୟ ସୂଚନା ମିଳୁଛି ଏବଂ ଭୟରେ ଅଧିକାଂଶ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଆସୁ ନ ଥିବା କୁହାଯାଇଛି।


## ରାୟଗଡ଼ା-କୋରାପୁଟ-ଜୟପୁର ରେଳ ସେକ୍ସନ୍ ପରିଦର୍ଶନ କଲେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ

**ରାୟଗଡ଼ା, ୧୨/୯(ପିଆଇବି):** ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଗତକାଲି ରାୟଗଡ଼ା–କୋରାପୁଟ–ଜୟପୁର ରେଳ ସେକ୍ସନ୍ ପରିଦର୍ଶନ କରି ଏହି ସେକ୍ସନ୍‌ର ସାମଗ୍ରିକ ଟ୍ରେନ୍ ପରିଚାଳନା, ସୁରକ୍ଷା ଏବଂ ଭିତ୍ତିଭୂମି ବିକାଶ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପରିଦର୍ଶନ ସମୟରେ ମହାପ୍ରବନ୍ଧକ ଶ୍ରୀ ଫୁଙ୍କୱାଲ ରାୟଗଡ଼ାରୁ ଜୟପୁର ପର୍ଯ୍ୟନ୍ତ ୱିଣ୍ଡୋ ଟ୍ରେଲିଂ କରି ରେଳପଥର ସ୍ଥିତି, ସିଗନାଲିଂ ବ୍ୟବସ୍ଥା, ଟ୍ରେନ୍ ପରିଚାଳନା ଏବଂ ରେଳ ମାର୍ଗରେ ଚାଲୁରହିଥିବା ବିଭିନ୍ନ ଭିତ୍ତିଭୂମି ବିକାଶ କାର୍ଯ୍ୟର ଅନୁଧ୍ୟାନ କରିଥିଲେ। ମହାପ୍ରବନ୍ଧକ ମଧ୍ୟ ସିଙ୍ଗାପୁର ରୋଡ୍ କୋରାପୁଟ ରେଳ ସେକ୍ସନ୍‌ରେ ଚାଲୁରହିଥିବା ରେଳପଥ ଦୋହରୀକରଣ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ପ୍ରକଳ୍ପ ଅଧୀନରେ କାର୍ଯ୍ୟକାରୀ ହେଉଥିବା ପ୍ରମୁଖ ଇଞ୍ଜିନିୟରିଂ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସେ ଅବଗତ ହୋଇଥିଲେ। ରେଳପଥର କ୍ଷମତା ବୃଦ୍ଧି, ଅଧିକ ସୁଗମ ଟ୍ରେନ୍ ପରିଚାଳନା ଏବଂ ଅଞ୍ଚଳରେ ରେଳ ସଂଯୋଗକୁ ସୁଦୃଢ଼ କରିବା ଦିଗରେ ଏହି ପ୍ରକଳ୍ପର ବିଶେଷ ଗୁରୁତ୍ୱ ରହିଛି। ଏହା ଅଞ୍ଚଳର ସାମଗ୍ରିକ ସାମାଜିକ ଓ ଆର୍ଥିକ ବିକାଶକୁ ମଧ୍ୟ ସହାୟତା କରିବ। ଶ୍ରୀ ଫୁଙ୍କୱାଲ ରେଳ ସେକ୍ସନ୍‌ର ବିଭିନ୍ନ ସୁରକ୍ଷା ବ୍ୟବସ୍ଥା ଏବଂ ନିରାପଦ ଓ ଦକ୍ଷ ଟ୍ରେନ୍ ଚଳାଚଳ ସୁନିଶ୍ଚିତ କରିବା ନିମନ୍ତେ ଗ୍ରହଣ କରାଯାଉଥିବା ପଦକ୍ଷେପର ସମୀକ୍ଷା କରିଥିଲେ। ଏଥିସହିତ ସେ ବିଭିନ୍ନ ଷ୍ଟେସନ୍‌ରେ ଯାତ୍ରୀ ସୁବିଧା, ଭିତ୍ତିଭୂମି ବିକାଶ, ପରିମଳ ବ୍ୟବସ୍ଥା ଏବଂ ଅମୃତ ଭାରତ ଷ୍ଟେସନ୍ ଯୋଜନା ଅଧୀନରେ ଚାଲିଥିବା କାର୍ଯ୍ୟର ଅଗ୍ରଗତି ମଧ୍ୟ ସମୀକ୍ଷା କରିଥିଲେ। ବିକାଶମୂଳକ କାର୍ଯ୍ୟଗୁଡ଼ିକୁ ଉଚ୍ଚମାନର ଗୁଣବତ୍ତା ଓ କାର୍ଯ୍ୟସ୍ଥଳୀ ସୁରକ୍ଷା ବଜାୟ ରଖି ସମୟୋଚିତ ଭାବେ ସମ୍ପନ୍ନ କରିବା ସହ ଯାତ୍ରୀମାନଙ୍କୁ ସର୍ବୋତ୍ତମ ସୁବିଧା ନିଶ୍ଚିତ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।



## ଶିକ୍ଷୟିତ୍ରୀଙ୍କ ମାଡ଼: ଦିବ୍ୟାଙ୍ଗ ଛାତ୍ରୀ ହରାଇଲେ ବାମଆଖି !

କଟକ,୧୨।୯: କଟକ ଜିଲ୍ଲାର ମାହାଙ୍ଗା ଥାନା ଅନ୍ତର୍ଗତ ଶିରିପୁର ଗ୍ରାମରେ ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ଟଏଲେଟ୍ ଯିବା କାରଣରୁ ଜଣେ ଶିକ୍ଷୟିତ୍ରୀଙ୍କ ମାଡ଼ରେ ତୃତୀୟ ଶ୍ରେଣୀର ଜଣେ ଦିବ୍ୟାଙ୍ଗ ଛାତ୍ରୀ ନିଜ ବାମ ଆଖିର ଦୃଷ୍ଟିଶକ୍ତି ହରାଇଥିବା ଅଭିଯୋଗ ହୋଇଛି। ପୀଡ଼ିତା ଜଣକ ହେଲେ ଶିରିପୁରର ଅମୂଲ୍ୟ କୁମାର ସାମଲଙ୍କ ଝିଅ



ଦେବସ୍ମିତା ସାମଲ। ତାଙ୍କ ବାପାଙ୍କ କହିବା ଅନୁଯାୟୀ, ଶିରିପୁର ପ୍ରାଥମିକ ବିଦ୍ୟାଳୟର ଦିବ୍ୟାଙ୍ଗ ଛାତ୍ରୀ ଦେବସ୍ମିତା ଗୁରୁବାର ଟଏଲେଟ୍ ଯାଇଥିବାରୁ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ମମତା ଦେହୁରୀ ତାଙ୍କୁ ମାଡ଼ ମାରିଥିଲେ। ଛାତ୍ରୀଙ୍କ ବାପା କହିଛନ୍ତି ଯେ ସେ ଗତକାଲି ମାହାଙ୍ଗା ଥାନାରେ ଏକ ଲିଖିତ ଅଭିଯୋଗ ଦାଖଲ କରିଛନ୍ତି। ଝିଅକୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା, ଯେଉଁଠାରେ ଡାକ୍ତରମାନେ କହିଛନ୍ତି ଯେ ତା'ର ବାମ ଆଖି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ, ପ୍ରଧାନଶିକ୍ଷୟିତ୍ରୀ ମମତା ଦେହୁରୀ ଏହି ଅଭିଯୋଗକୁ ଖଣ୍ଡନ କରି କହିଛନ୍ତି ଯେ ସେ ଛାତ୍ରୀଙ୍କୁ ଆଦୌ ମାଡ଼ ମାରିନାହାନ୍ତି ଏବଂ ଅନ୍ୟ କୌଣସି କାରଣରୁ ତାଙ୍କ ବିରୋଧରେ ଏହି ଅଭିଯୋଗ କରାଯାଇଛି। ପୋଲିସ୍ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି। ଏସଡିପିଓ କହିଛନ୍ତି ଯେ ପ୍ରାଥମିକ ତଦନ୍ତରୁ ଜଣାପଡୁଛି ଯେ କୌଣସି ଜିନିଷ ବାଜିବା ଫଳରେ ଆଖିଟି ନଷ୍ଟ ହୋଇଯାଇଛି।

## ଧନ୍ଦାମୂଳକ ଶିକ୍ଷା ପାଇଁ ଓସେପା ଓ ଓୟୁଏଟି ମଧ୍ୟରେ ବୁଝାମଣା



ଭୁବନେଶ୍ୱର, ୧୨/୯: ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକରଣ ପ୍ରାଧିକରଣ ଏବଂ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କୁ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ବ୍ୟାବହାରିକ ଏବଂ କ୍ଷେତ୍ର-ଭିତ୍ତିକ ଧନ୍ଦାମୂଳକ ଶିକ୍ଷା ପ୍ରଦାନ କରିବା ପାଇଁ ଶନିବାର ଆନୁଷ୍ଠାନିକ ଭାବେ ଏହାରଶୁଭାରମ୍ଭ କରାଯାଇଛି। ଓଡ଼ିଶାର ୨୦ଟି ଜିଲ୍ଲାର ୨୬ଟି ପିଏମ୍ ଶ୍ରୀ, ସରକାରୀ ଉଚ୍ଚ ବିଦ୍ୟାଳୟରେ 'ଡୁଆଲ୍ ମୋଡ୍ ଭୋକେସନାଲ୍ ଏଜୁକେସନ୍' କାର୍ଯ୍ୟକ୍ରମର ଆରମ୍ଭ ନିମନ୍ତେ ଭୁବନେଶ୍ୱରସ୍ଥିତ ଓୟୁଏଟି ସମ୍ମିଳନୀ କକ୍ଷରେ ଏକ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ, ଏସସି ଏସଟି ଶିକ୍ଷା ସଂଯୋଜକ ଏବଂ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ସ୍କିମ୍) ଆଭାସୀ ମାଧ୍ୟମରେ ଅଂଶଗ୍ରହଣ କରିଥିଲେ।


**AFFIDAVIT**

By virtue of an affidavit sworn before The Executive Magistrate, Chatrapur, Ganjam affidavit no.2998 dtd.07.09.2026, I Tukuna Mandal S/o-Rusi Mandal At-Sundarpur, Po-Sundarpur, Ps-Chatrapur, Dist-Ganjam, State-Odisha Pin-761020 do hereby declared that, I, have changed the name of my daughter's from Ankita Mandal to Liza Mandal. Henceforth she shall be known as Liza Mandal for all purposes.

**Sd/- Tukuna Mandal**


### ପାର୍ବଣ ସମୟରେ ବିପଦରେ ପରିବେଶ

# ବ୍ୟବହାର ହେଉଛି ଉଚ୍ଚ କେମିକାଲ ରଙ୍ଗ

କଟକ, ୧୨/୯(ନିପ୍ର) : ଚମକ ପାଇଁ ବିପଦରେ ପରବେଶ । ମାଟିର ମୂର୍ତ୍ତି ନୁହେଁ, ସେରାମିକ ମୂର୍ତ୍ତି ପାଲଟିଛି ଲୋକଙ୍କ ପସନ୍ଦ । ସେରାମିକ୍ ଓ ପ୍ଲାଷ୍ଟର ଅଫ ପ୍ୟାରିସ ମୂର୍ତ୍ତି ପରିବେଶ ପାଇଁ ଅନୁକୂଳ ନୁହେଁ । ଯାହାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ପରିବେଶବିତ୍ । ଲୋକମାନେ ସଚେତନ ହେବା ସହ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି କରିଛନ୍ତି । ଆଉ ଦିନକ ପରେ ଗଣେଶ ପୂଜା। ଏନେଇ ଚଳଚଞ୍ଚଳ ହୋଇଉଠିଛି ମୂର୍ତ୍ତି ବଜାର । ନାଲି, ନୀଳ, ହଳଦିଆ ସାଙ୍ଗକୁ ଭଳିକି ଭଳି ମୂର୍ତ୍ତି ବଜାରରେ ବିକ୍ରି କରାଯାଉଛି। ଆଉ ଗ୍ରାହକମାନେ ମଧ୍ୟ ନିଜ ମନ ପସନ୍ଦର ମୂର୍ତ୍ତିକୁ କିଣିନେଉଛନ୍ତି । ହେଲେ ଆପଣ ଜାଣନ୍ତି କି ? ଏହି ସୁନ୍ଦର ଓ ଆକର୍ଷଣୀୟ ଲାଗୁଥିବା ମୂର୍ତ୍ତି ଗୁଡ଼ିକ କେବଳ ମାଟିରେ ତିଆରି ନୁହେଁ । ଏଥିରେ ବହୁତ ମୂର୍ତ୍ତି ଅଛି ଯେଉଁଗୁଡିକ ସେରାମିକ ମାଟି ଓ ପ୍ଲାଷ୍ଟର ଅଫ ପ୍ୟାରିସରେ ତିଆରି ହୋଇଛି। ଏହି ମୂର୍ତ୍ତି ଗୁଡିକ ସାଧାରଣତଃ ମାଟି ମୂର୍ତ୍ତି ଅପେକ୍ଷା ବେଶି ଚକଚକ୍ ଓ ଆକର୍ଷଣୀୟ କରିଥାଏ। ହେଲେ ଏହା ପରିବେଶ ପ୍ରତି ପ୍ରତିକୂଳ ରହିଥାଏ । ତଥାପି ଲୋକମାନେ ଏବେ ମାଟି ମୂର୍ତ୍ତି ଅପେକ୍ଷା ସେରାମିକ୍ ମାଟି ଓ ପ୍ଲାଷ୍ଟର ପ୍ୟାରିସରେ ତିଆରି ଗଣେଶ ମୂର୍ତ୍ତି କିଣିବାକୁ ବେଶୀ ଆଗ୍ରହ ପ୍ରକାଶ କରୁଛନ୍ତି । ସେରାମିକ୍ ମାଟି ଓ ପ୍ଲାଷ୍ଟର ପ୍ୟାରିସରେ ତିଆରି ମୂର୍ତ୍ତି ମାଟିରେ ତିଆରି ମୂର୍ତ୍ତି ଅପେକ୍ଷା ୧୦୦ରୁ ୫୦୦ ଟଙ୍କା ଅଧିକ ଦାମରେ ବିକ୍ରି କରାଯାଉଛି । ଏହି ମୂର୍ତ୍ତି ଗୁଡିକୁ ସୁନ୍ଦର ଓ ଆକର୍ଷଣୀୟ କରିବାକୁ ଉଚ୍ଚ କେମିକଲଯୁକ୍ତ ରଙ୍ଗ ଦିଆଯାଉଛି । ଯେଉଁଠି ମାଟିମୂର୍ତ୍ତି ୨୪ ଘଣ୍ଟାରେ ପାଣିରେ ମିଶିଯାଏ । ସେଠାରେ ସେରାମିକ୍ ଓ ପ୍ଲାଷ୍ଟର ପ୍ୟାରିସ ମୂର୍ତ୍ତି ପାଣିରେ ମିଶିବାକୁ ୭ ରୁ ୮ ମାସ ଲାଗେ। ଏହାସହ ସେଥିରେ ଲାଗିଥିବା ଉଚ୍ଚ କେମିକାଲଯୁକ୍ତ ରଙ୍ଗ ନଦୀ ଓ ପୋଖରୀ ପାଣିକୁ ଦୂଷିତ କରିଥାଏ । ତେବେ ଦିନକୁ ଦିନ ସେରାମିକ୍ ଓ ପ୍ଲାଷ୍ଟର ପ୍ୟାରିସ ମୂର୍ତ୍ତିର ଚାହିଦା ବଢୁଥିବାରୁ ଚିନ୍ତା ପ୍ରକଟ କରିଛନ୍ତି ପରିବେଶବିତ । ପରିବେଶବିତ କହିଛନ୍ତି ସେରାମିକ୍ ଓ ପ୍ଲାଷ୍ଟର ପ୍ୟାରିସ ମୂର୍ତ୍ତି ପରିବେଶ ପାଇଁ ଅନୁକୂଳ ନୁହେଁ । ପୂଜା ଭିତରେ ପରିବେଶର ସୁରକ୍ଷା କଥା ଚିନ୍ତା କରିବା ଉଚିତ । ଏନେଇ ପ୍ରଶାସନ ତତ୍ପରତା ଦେଖାଇବା ଉଚିତ୍ ।



## ହୃଦ୍‌ରୋଗୀଙ୍କ ପାଇଁ ଜାରି ହେଲା ନୂଆ ନିର୍ଦ୍ଦେଶାବଳୀ

ନୂଆଦିଲ୍ଲୀ, ୧୨/୯: ହୃଦରୋଗୀମାନଙ୍କୁ ଚିକିତ୍ସା ପରେ ସୁସ୍ଥ ହେବାରେ ସାହାଯ୍ୟ କରିବା ପାଇଁ ବର୍ଦ୍ଧମାନ ମେଡ଼ିକାଲ କଲେଜ ଏବଂ ସଫଦରଜଙ୍ଗ ହସ୍ପିଟାଲ ନୂଆ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ଏହାର ଉଦ୍ଦେଶ୍ୟ ହେଉଛି ହୃଦରୋଗୀମାନଙ୍କୁ ରୋଗ ପରେ ପୁଣିଥରେ ସାଧାରଣ ଜୀବନଯାପନ କରିବାରେ ସାହାଯ୍ୟ କରିବା। ଏହା ରୋଗୀର ବ୍ୟାୟାମ, ଖାଦ୍ୟ, ମାନସିକ ସ୍ୱାସ୍ଥ୍ୟ ଏବଂ ଦୈନନ୍ଦିନ ଜୀବନଶୈଳୀ ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥାଏ। ପ୍ରସିଦ୍ଧ ବୈଜ୍ଞାନିକ ତଥା ଜନସ୍ୱାସ୍ଥ୍ୟ ବିଶେଷଜ୍ଞ ଡକ୍ଟର ନିର୍ମଳ କୁମାର ଗାଙ୍ଗୁଲି ଶନିବାର ନିର୍ଦ୍ଦେଶାବଳୀ ଜାରି କରିବା ପାଇଁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଥିଲେ। ଡ. ହର୍ଷବର୍ଦ୍ଧନ ଏବଂ ଡ. ବିଜୟ ମୋହନ କୋହଲି ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଡବ୍ଲ୍ୟୁଏଚ୍‌ଓ ଏସ୍‌ଇଏଆରଓର ଆଂଚଳିକ ପରାମର୍ଶଦାତା ଡକ୍ଟର ତାଶି ତୋବଗେଙ୍କ ସମେତ ଅନେକ ବରିଷ୍ଠ ଡାକ୍ତର ଏବଂ ବିଶେଷଜ୍ଞ ମଧ୍ୟ ଉପସ୍ଥିତ ଥିଲେ। ଡକ୍ଟର ନିର୍ମଳ କୁମାର ଗାଙ୍ଗୁଲି ଦେଶରେ ହୃଦରୋଗର ବୃଦ୍ଧି ପାଉଥିବା ଘଟଣାକୁ ଦୃଷ୍ଟିରେ ରଖି ଯଥାସମ୍ଭବ ଅଧିକ ଲୋକଙ୍କ ନିକଟରେ ଏପରି ସେବା ପହଞ୍ଚାଇବାର ଆବଶ୍ୟକତା ବିଷୟରେ କହିଥିଲେ। ଭାରତୀୟ ପରିସ୍ଥିତି ଅନୁଯାୟୀ ପ୍ରସ୍ତୁତ ହୋଇଥିବା ଏହି ନିର୍ଦ୍ଦେଶାବଳୀକୁ ସେ ପ୍ରଶଂସା କରିଥିଲେ। ଡାକ୍ତରଖାନା ପ୍ରଶାସନ ଅନୁଯାୟୀ, ନୂତନ ନିର୍ଦ୍ଦେଶାବଳୀ ହୃଦରୋଗୀଙ୍କ ଯତ୍ନରେ ଏକରୂପତା ଆଣିବ। ଏହା ରୋଗୀମାନଙ୍କୁ ସେମାନଙ୍କର ଅସୁସ୍ଥତା ପରବର୍ତ୍ତୀ ସୁସ୍ଥତା ହାସଲ କରିବାରେ, ଏକ ସୁସ୍ଥ ଜୀବନଶୈଳୀ ଚଳାଇବାରେ ଏବଂ ଜୀବନର ଗୁଣବତାରେ ଉନ୍ନତି ଆଣିବାରେ ସାହାଯ୍ୟ କରିବ ବୋଲି ଆଶା କରାଯାଉଛି ବୋଲି ସେ କହିଛନ୍ତି। ହୃଦରୋଗରୁ ସୁସ୍ଥ ହେବା ପରେ କେବଳ ଔଷଧ ଖାଇବା ଯଥେଷ୍ଟ ନୁହେଁ। ରୋଗୀ ମଧ୍ୟ ଉପଯୁକ୍ତ ବ୍ୟାୟାମ, ଉତ୍ତମ ଖାଦ୍ୟ, ଚାପ ହ୍ରାସ ଏବଂ ଜୀବନଶୈଳୀରେ ପରିବର୍ତ୍ତନ ଆବଶ୍ୟକ କରେ।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ନଂ. ST-SBP-TENDER-2026-27, ତା.08.09.2026ରିଖ

କାର୍ଯ୍ୟର ନାମ : ସଙ୍କେତ ଏବଂ ଦୂରସଂଚାର କାର୍ଯ୍ୟର ଅଂଶ - "ଝାରସୁଗୁଡ଼ା - ସମ୍ବଲପୁର BG ଲାଇନ ଦୋହରୀକରଣ ବିଦ୍ୟୁତକରଣ ସେକ୍ସନରେ ଲପଙ୍ଗା - ରେଙ୍ଗାଲି ମଧ୍ୟରେ ଇଣ୍ଟରମିଡିଏଟ୍ ବ୍ଲକ ସିଗନାଲିଂର ବ୍ୟବସ୍ଥା।"

ଟେଣ୍ଡର ମୂଲ୍ୟ (₹): 3,56,05,113.78, ବିଡ୍ ସିକ୍ୟୁରିଟୀ (₹): 7,12,100.00

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.05.10.2026 ରିଖ 1100 ଘଣ୍ଟାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକଯୋଗେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନୋଟିସ୍ ସହିତ ୱେବସାଇଟ୍ https://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଂଚାର ଯନ୍ତ୍ରୀ, ସମ୍ବଲପୁର

PR-437/R/26-27



Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

**ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ** | **ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ**